

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୩ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 SEPTEMBER 2023

Vol.No. 35 ■ No. 232■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଉ ଏକ ଇତିହାସ ରଚିଲା ଇସ୍ରୋ: ଆଦିତ୍ୟ ଏଲ-୧ର ସଫଳ ଉତକ୍ଷେପଣ



ନୂଆଦିଲ୍ଲୀ,୦୨/୦୯ : ଚନ୍ଦ୍ରଯାନର ସଫଳତାର ଉତ୍ସାହ ଏଯାଏଁ ଯାଇନି । ଏହାଭିତରେ ଆଉ ଏକ ଖୁସିର କାରଣ ଦେଶବାସୀଙ୍କୁ ଦେଇଛି ଇସ୍ରୋ। ସୂର୍ଯ୍ୟ ମିଶନ ପାଇଁ ସ୍ୱତନ୍ତ୍ର ଯାନର ସଫଳ ଉତକ୍ଷେପଣ କରାଯାଇଛି। ଆଦିତ୍ୟ-ଏଲ-ୱାନ ଯାନର ସଫଳ ଉତକ୍ଷେପଣ ପରେ ଆଗକୁ ଆଗକୁ ବଢ଼ି ଚାଲିଛି । ଶ୍ରୀହରିକୋଟାର ସତୀଶ ଧୱନ ସ୍ପେଶ ସେଂଟରର ଦ୍ୱିତୀୟ ଲଂଚ ପ୍ୟାଡରୁ ପିଏସଏଲଭି-ସି ଫିଫ୍ଟି ସେଭେନ୍ ଜରିଆରେ ଆଦିତ୍ୟ-ଏଲ-ୱାନକୁ ପଠାଯାଇଛି । ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସଫଳ ଉତକ୍ଷେପଣ କରାଯାଇଛି। ପୁରା ଦେଶବାସୀ ଟିଭି ପରଦାରେ ଏହି ଐତିହାସିକ ମୂହୂର୍ତ୍ତର ସାକ୍ଷୀ ପାଲଟିଥିଲେ । ଠିକ୍ ଦିନ ୧୧.୫୦ରେ ପିଏସଏଲଭି ଉପରକୁ ଉଠିଥିଲା । ଏହାପରେ ଏକ ଘଂଟା ୩ ମିନିଟ ପାଇଁ ପୁରା ପକ୍ରିୟା ଜାରି ରହିଥିଲା । ଉତକ୍ଷେପଣର ୨୫ ମିନିଟ୍ ପରେ ପିଏସ-୪କୁ ୩୦ ସେକେଣ୍ଡ ପାଇଁ ପ୍ରଜ୍ୱଳନ କରାଯାଇଥିଲା । ଆଉ ଏହାର ୨୬ ମିନିଟ ପରେ ପିଏସ-୪କୁ ପୁଣି ୮ ମିନିଟ ପାଇଁ ପ୍ରଜ୍ୱଳନ କରାଯାଇଥିଲା । ଉତକ୍ଷେପଣ ଠିକ୍ ୬୩ ମିନିଟ ପରେ ଆଦିତ୍ୟ-ଏଲ ୱାନ ଏହାର ଅରବିଟରେ ସ୍ଥାପିତ ହୋଇଥିଲା । ଏହାପରେ ଆଗକୁ ଯାତ୍ରା ଜାରି ରଖିଛି ସୂର୍ଯ୍ୟ ଯାନ । ଆଉ ଏହି ଖୁସିଖବର ପୂରା ଦେଶବାସୀଙ୍କୁ ଜଣାଇଥିଲେ ଇସ୍ରୋ ଚେୟାରମ୍ୟାନ ସୋମନାଥ । ଆଦିତ୍ୟ ଏଲ-୧ର ମୋଟ ଓଜନ ୧ ହଜାର ୪୮୦ କେଜି ୭ ଶହ ଗ୍ରାମ୍ । ୧୪ଟନରୁ ଅଧିକ ଓଜନର ଏହି ସୂର୍ଯ୍ୟ ଅଭିଯାନକୁ କକ୍ଷପଥରେ ସ୍ଥାପନ କରାଯାଇସାରିଥିବା ବେଳେ ଲକ୍ଷ୍ୟସ୍ଥଳରେ ପହଂଚିବାକୁ ଆହୁରି ୪ ମାସ ସମୟ ଲାଗିବ । ବିଭିନ୍ନ ପର୍ଯ୍ୟାୟ ଓ ସ୍ତର ଅତିକ୍ରମ କରି ଆଦିତ୍ୟ ଯାନ ୧୨୫ ଦିନ ଗତିକରିବ । ଏହାପରେ ପୃଥିବୀ ଠାରୁ ପ୍ରାୟ ୧୫ ଲକ୍ଷ କିଲୋମିଟ ଦୂରରେ ଥିବା ଲାଗରେଂଜ ପଏଂଟ ଏଲ-୧ରେ ହାଲୋ ଅରବିଟରେ ପହଂଚିବ । ଆଦିତ୍ୟ ଯାନର ସଫଳ ଉତକ୍ଷେପଣକୁ "ସନସାଇନ୍ ମୋମେଂଟ' ବୋଲି କହିଛନ୍ତି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ । ଭାରତର ଏହା ପ୍ରଥମ ସୂର୍ଯ୍ୟ ଅଭିଯାନ । ଇସ୍ରୋର ସଫଳତା ପାଇଁ ଭୂରି ଭୂରି ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ମୋଦୀ ନିଜ ଟୁଇଟର ଆକାଉଂଟରେ ଲେଖିଛନ୍ତି, ଆମର ବୈଜ୍ଞାନିକଙ୍କ ନିରବଚ୍ଛିନ୍ନ ଉଦ୍ୟମ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବାରେ ସହାୟକ ହେବ ।

## ବାହାନଗା ଟ୍ରେନ୍ ଦୁର୍ଘଟଣା: ଗିରଫ ୩ ରେଳ ଅଧିକାରୀଙ୍କ ନାଁରେ ଚାର୍ଜସିଟ୍ ଦାଖଲ କଲା ସିବିଆଇ

ଭୁବନେଶ୍ୱର/ବାଲେଶ୍ୱର, ୦୨/୦୯ (ନି.ପ୍ର): ବହୁଚର୍ଚ୍ଚିତ ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ତଦନ୍ତକାରୀ ସଂସ୍ଥା ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍ (ସିବିଆଇ) ଗିରଫ ହୋଇଥିବା ୩ ଜଣ ରେଳ ଅଧିକାରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ସିବିଆଇ ୧୯୮୯ ରେଲୱେ ଆକ୍ଟ ୧୫୩ ଧାରାରେ ଆଇପିସିର ଦଫା ୩୦୪(୨),



୩୪ରେ ରେଳ ବିଭାଗର କର୍ମଚାରୀ ଅରୁଣ କୁମାର ମହାନ୍ତ(ଏସଇଇ (ସିଗନାଲ୍) ଇନଚାର୍ଜ), ମହମ୍ମଦ ଅମୀର ଖାନ (ଏସଇଇ ସିଗନାଲ୍ )ଓ ପପୁ କୁମାର (ଟେକନିସିଆନ୍) ଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏହି ଅଭିଯୁକ୍ତମାନଙ୍କୁ ୨୦୨୩ ଜୁଲାଇ ୭ରେ ଗିରଫ କରାଯାଇଥିଲା ଏବଂ ବର୍ତ୍ତମାନ ସେମାନେ ଜୁଡିସିଆଲ୍ କଷ୍ଟୋଡିରେ ଅଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍ ୨ ତାରିଖ ସନ୍ଧ୍ୟା ▶▶ପୃଷ୍ଠା ୭

## ହେ ନବୀନ ଦେଖା ଦେ.... ଗୀତରେ ଷ୍ଟେଜ୍‌ରେ ଝୁମିଲେ ଭାଲୁ ଭାଇ



ଭୁବନେଶ୍ୱର, ୦୨/୦୯ (ନି.ପ୍ର):ହେ ନବୀନ ଦେଖା ଦେ, ନହେଲେ ଜବାବ ଦେ...। ଏହି ଟ୍ରାକ୍‌ରେ ଷ୍ଟେଜ୍‌ରେ ଝୁମିଲେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓରଫ ଭାଲୁ ଭାଇ। ଖାଲି ତାରା ନାହେଁ, ଟିଟିଲାଗଡ଼ର ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂହ ଭୋଇ ଓ ଅନ୍ୟମାନେ ହାତ ଧରାଧରି ନାଚିଲେ। ତାହା ପୁଣି ଓଡ଼ିଶା କଂଗ୍ରେସ ପ୍ରଭାରୀ ଚେଲାକୁମାରଙ୍କ ଆଗରେ। ଆଜି କନ୍ଧମାଳ ଜିଲ୍ଲା ବାଲିଗୁଡାରେ କଂଗ୍ରେସ ଆୟୋଜନ କରିଥିଲା ଜନ ଜାଗରଣ ସଭା। ▶▶ପୃଷ୍ଠା ୭

# ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପରଲୋକ

ଭୁବନେଶ୍ୱର, ୦୨/୦୯ (ନି.ପ୍ର): ୭ ଥରର ବିଧାୟକ ତଥା ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଆଉ ନାହାନ୍ତି । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ରାଜଶ୍ରୀ ପାତ୍ର, ଦୁଇ ପୁଅ ଓ ଝିଅ ଉପସ୍ଥିତ ଥିଲେ। ସୂର୍ଯ୍ୟନାରାୟଣ ପାତ୍ର ଦୀର୍ଘମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା । ୧୯୯୭ ମସିହାରେ ବ୍ରହ୍ମପୁର ମହାନଗର ନିଗମ କାଉନସିଲର ଭାବେ ନିର୍ବାଚିତ ହେବା ପରଠୁ ଆଉ ରାଜନୀତିରେ ପଛକୁ ଫେରି ନଥିଲେ



ସୂର୍ଯ୍ୟନାରାୟଣ ପାତ୍ର। ସେ ଫିସଫେଡ୍, ଓମଫେଡ୍ ଓ ଓପେଲଫେଡ୍ ?ର ଅଧ୍ୟକ୍ଷ ସହ ଦୀର୍ଘବର୍ଷ ଧରି ଓଡ଼ିଶା ଘରୋଇ ମୋଟର ପରିବହନ କର୍ମଚାରୀ ସଂଘର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ସେ ଗଞ୍ଜାମ ଆଥଲେଟିକ୍ ଆସୋସିଏସନର କାର୍ଯ୍ୟନିର୍ବାହୀ ସଦସ୍ୟ ଥିଲେ । ସ୍ୱର୍ଗତ ପାତ୍ର ପ୍ରଥମ ଥର ପାଇଁ ୧୯୯୦ ମସିହାରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ଜନତା ଦଳ ଟିକେଟରେ ମୋହନା ବିଧାନସଭା ଆସନରୁ ୧୯୯୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଦୁଇଥର ନିର୍ବାଚିତ ହୋଇଥିଲେ । ସେ ୧୯୯୦ ମସିହା ପରଠୁ କେବେ ନିର୍ବାଚନରେ ପରାଜିତ ହୋଇନଥିଲେ । ୧୯୯୦ରେ ବିଧାୟକ ଭାବେ ବିଜୟୀ ହୋଇ ଆସିବା ପରେ ▶▶ପୃଷ୍ଠା ୭

### ସୂର୍ଯ୍ୟ ପାତ୍ରଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ରଘୁ ମହାନ୍ତିଙ୍କ ଶୋକ

ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଓ ଓଡ଼ିଶାର ବିଶିଷ୍ଟ ରାଜନେତା ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ସମୟରେ ପରଲୋକ ଗମନ କରିଥିବା ଖବର ଶୁଣି ମୁଁ ମର୍ମାହତ ଓ ଦୁଃଖୀତ। ମୋ ସହିତ ସେ ୬ ଥର ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିବାବେଳେ ତାଙ୍କ ସହିତ ମିଶି ମୁଁ ରାଜନୀତି କ୍ଷେତ୍ରରେ ଅନେକ କାର୍ଯ୍ୟ କରିଛି। ତାଙ୍କର ବ୍ୟବହାର ଓ ଚାଲିଚଳଣ ମୋତେ ଖୁବ୍ ଆକର୍ଷିତ କରିଥିଲା। ତାଙ୍କ ମୃତ୍ୟୁରେ ଓଡ଼ିଶା ଏକ ବରିଷ୍ଠ ରାଜନେତାଙ୍କୁ ହରାଇବା ସଙ୍ଗେ ସଙ୍ଗେ ରାଜନୀତି କ୍ଷେତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ଯାହା ରାଜନୀତି କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ମୃତ୍ୟୁରେ ମୁଁ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଭଗବାନ ସହାୟକ ହୁଅନ୍ତୁ। ଶେଷରେ ତାଙ୍କର ଆତ୍ମାର ସଦଗତି ହେଉ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।

## ଜେଇ ସିଭିଲ୍ ନିଯୁକ୍ତି ସ୍କାମ୍: କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ , ୦୨/୦୯ (ନି.ପ୍ର): ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ । ଓଡିଶା ଷ୍ଟାଫ ସିଲେକ୍ସନ କମିସନ ଦ୍ୱାରା ପରିଚାଳିତ ଜୁନିଅର ଇଂଜିନିୟର (ସିଭିଲ)ନିଯୁକ୍ତି ସ୍କାମର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଡିଆଇଜି ପାହ୍ୟାର ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ତତ୍ତ୍ୱାବଧାନରେ ତଦନ୍ତ ହେବ। ପ୍ରଶ୍ନପତ୍ର ସରକାରୀ ପ୍ରେସ୍ ପରିବର୍ତ୍ତେ କଲିକତାର ଏକ ଘରୋଇ ପ୍ରେସରେ ଛପାଗଲା ତା ଉପରେ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପଟେ ଓଏସଏସସି ପକ୍ଷରୁ ମେନ୍ ପରୀକ୍ଷା ଦେବାକୁ ବାରଣ କରାଯାଇଥିବା ପିଲାଙ୍କୁ ଆଶ୍ୱସ୍ତି ମିଳିଛି । ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଆବେଦନକାରୀ ପ୍ରାର୍ଥୀଙ୍କୁ ପରୀକ୍ଷାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ତେବେ ଆବେଦନକାରୀ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେଲେ ମଧ ମୂଳ ମାମଲାର ଫଳାଫଳ ଉପରେ ସବୁ କିଛି ନିର୍ଭର କରିବ ବୋଲି ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ ।

# କଂଗ୍ରେସ ଓ ବିଜେପିର ଛକାପଞ୍ଝା: ପରସ୍ପରକୁ ଟାର୍ଗେଟ କଲେ ଅମିତ ଶାହା ଓ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ,୦୨/୦୯ : ଛତିଶଗଡରେ ବିଜେପି ବନାମ କଂଗ୍ରେସ । ଉଭୟ ଦଳର ହେଭିୱେଟ ନେତା ଶନିବାର ଛତିଶଗଡର ରାୟପୁରରେ ପହଁଚି ବିଭିନ୍ନ ଯୋଜନା ଘୋଷଣା କରିବା ସହ ଜନସଭାକୁ ସମ୍ବୋଧିତ କରିଛନ୍ତି। ଛତିଶଗଡ କଂଗ୍ରେସ ସରକାର ରାଜ୍ୟର କୌଣସି ବିକାଶମୂଳକ କାର୍ଯ୍ୟ କରିନଥିବା କହି ଅମିତ ଶାହା ବର୍ଷିଛନ୍ତି । କଂଗ୍ରେସ ସରକାରଙ୍କୁ ୧୦ବର୍ଷର ହିସାବ ମାଗିଛନ୍ତି ଅମିତ ଶାହା । ସେପଟେ ରାୟପୁରରେ ପହଁଚି ଜନସଭାକୁ ସମ୍ବୋଧିତ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ଆଡାନୀ ପ୍ରସଙ୍ଗ ଉଠାଇ ମୋଦୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି ରାହୁଲ । କୌଣସି ପରିସ୍ଥିତିରେ ଗୌତମ ଆଦାନୀଙ୍କ ବିରୋଧରେ କେନ୍ଦ୍ର ସରକାର କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେନୀ ବୋଲି ଦମ୍ଭୋକ୍ତିର ସହ କହିଛନ୍ତି ରାହୁଲ ।

## ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରା ଓଡ଼ିଶା ହାଇକୋର୍ଟ ବିଚାରପତି ନିଯୁକ୍ତ



ନୂଆଦିଲ୍ଲୀ/କଟକ, ୦୨/୦୯ (ନି.ପ୍ର): ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ବିଶିଷ୍ଟ ଆଇନଜୀବୀ ଶିବ ଶଙ୍କର ମିଶ୍ର ଓ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନିଯୁକ୍ତି ମିଳିଛି। କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଶିବ ଶଙ୍କର ମିଶ୍ର ଓ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନିଯୁକ୍ତି ମିଳିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ଏଥି ସହିତ ଶ୍ରୀ ମେଘୱାଲ କେରଳ ହାଇକୋର୍ଟ ପାଇଁ ବିଚାରପତି ସିଏସ୍ ସୁଧାଙ୍କୁ ଅତିରିକ୍ତ ବିଚାରପତି ଓ ଗୁଜରାଟ ହାଇକୋର୍ଟରେ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ବୃଦ୍ଧି ହାବଙ୍ଗଙ୍କୁ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ମିଳିଥିବା ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ, ଜଷ୍ଟିସ ଏସ.କେ.କେଲ ଓ ଜଷ୍ଟିସ ସଂଜୀବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ ଶ୍ରୀ ମିଶ୍ର ଓ ଶ୍ରୀ ବେହେରାଙ୍କ ନାମ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିସ କରିଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଦୁଇ ବରିଷ୍ଠତମ ବିଚାରପତିଙ୍କ ସହିତ ପରାମର୍ଶ କରି ୨୦୨୩, ଜାନୁଆରି ୧୭ରେ ଶ୍ରୀ ମିଶ୍ର ଓ ଶ୍ରୀ ବେହେରାଙ୍କ ନାମ ସୁପାରିସ କରିଥିଲେ। ଏହି ସୁପାରିସକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ସମ୍ମତି ପ୍ରଦାନ କରିଥିଲେ। ଏହାପରେ ଶ୍ରୀ ମିଶ୍ର ଓ ଶ୍ରୀ ବେହେରାଙ୍କ ନିଯୁକ୍ତି ସଂପର୍କିତ ପ୍ରସ୍ତାବକୁ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୬୮ ମେ ୩ ତାରିଖରେ ଜୟପୁରଠାରେ ଶିବଶଙ୍କର ମିଶ୍ର ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ଅନଙ୍ଗଭୀମ ମିଶ୍ର ଓ ସ୍ୱର୍ଗତ ଶଶିରେଖା ମିଶ୍ରଙ୍କ ପୁଅ ଶିବଶଙ୍କର କୋରାପୁଟର ଜୟପୁର ▶▶ପୃଷ୍ଠା ୭

## ଗୋଟିଏ ଦେଶ ଗୋଟିଏ ନିର୍ବାଚନ ପାଇଁ କମିଟି ସଦସ୍ୟଙ୍କ ନାମ ଘୋଷଣା



ନୂଆଦିଲ୍ଲୀ,୦୨/୦୯ : ଆଇନ ମନ୍ତ୍ରଣାଳୟ ତରଫରୁ ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନ ନେଇ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା କମିଟିର ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି । ଏହି କମିଟିରେ ମୋଟ ୮ଜଣ ସଦସ୍ୟଙ୍କୁ ସ୍ଥାନ ମିଳିଛି । କମିଟିରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ କଂଗ୍ରେସ ସାଂସଦ ଅଧୀର ରଂଜନ ଚୌଧୁରୀ, ପୂର୍ବ ରାଜ୍ୟସଭା ସାଂସଦ ଗୁଲାମ ନବୀ ଆଜାଦ, ଅର୍ଥ ମନ୍ତ୍ରଣାଳୟର ପୂର୍ବତନ ଅଧ୍ୟକ୍ଷ ଏନକେ ସିଂ, ଲୋକସଭାର ପୂର୍ବତନ ମହାସଚିବ ସୁଭାଷ ସି କଶ୍ୟପ, ବରିଷ୍ଠ ଓକିଲ ହରିଶ୍ ସାଲବେ ଓ ପୂର୍ବ ସିଭିସି ସଂଜୟ କୋଠାରୀଙ୍କୁ ସାମିଲ କରାଯାଇଛି । ଏମାନଙ୍କ ବ୍ୟତୀତ କମିଟିରେ ପୂର୍ବତନ ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘବାଲ ଓ ଆଇନ ମନ୍ତ୍ରଣାଳୟର ସଚିବ ବିଶେଷ ନିମନ୍ତ୍ରିତ ଅତିଥି ରହିବେ । ଏହି କମିଟି ତୁରନ୍ତ ତାର କାର୍ଯ୍ୟ ଆରମ୍ଭ କରିବ ଓ ଏହାର ମୁଖ୍ୟାଳୟ ନୂଆ ଦିଲ୍ଲୀରେ ରହିବ । ଏହି କମିଟି ଅବିଶ୍ୱାସ ପ୍ରସ୍ତାବ, ଦଳ ବଦଳ ଆଇନ ଓ ଝୁଲା ବିଧାନସଭା ବା ଲୋକସଭାର ପରିସ୍ଥିତିକୁ ବିଶ୍ଳେଷଣ କରିବ ଏବଂ ସରକାରଙ୍କୁ ପରାମର୍ଶ ଦେବ ।

# କେନ୍ଦୁଝରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ବଂଟନ ଉତ୍ସବ

କେନ୍ଦୁଝର, ୦୨/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ମଣ୍ଡୁଆସ୍ଥିତ ସଂସ୍କୃତି ଭବନରେ ସଦର ବ୍ଲକର ନିର୍ମାଣ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ବଂଟନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ଉତ୍ସବରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରକାର କାର୍ଯ୍ୟକାରୀ କରୁଥିବା ଯୋଜନାଗୁଡିକର ସୁଯୋଗ ନେବା ପାଇଁ ସମସ୍ତ ନିର୍ମାଣ ଶ୍ରମିକମାନଙ୍କୁ ଆହ୍ୱାନ ଜଣାଇଥିଲେ। ଓଡିଶାର ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ସମିତି ନିମନ୍ତେ ରାଜ୍ୟସ୍ତରରେ କଲ୍ୟାଣ ପାଣ୍ଠି ଗଠନ କରାଯାଇଛି ଏବଂ ଏହାର ସୁପରିଚାଳନା ପାଇଁ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସ୍ଥାପନ କରାଯାଇଥିବା ବେଳେ ସମସ୍ତ ନିର୍ମାଣ ଶ୍ରମିକମାନେ ପଞ୍ଜିକୃତ ହୋଇ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ। ଓଡିଶା ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡ ଅଧିନରେ ୫୦ ପ୍ରକାର ବର୍ଗର ଅଧିକ ଶ୍ରମିକମାନେ ଅର୍ନ୍ତଭୁକ୍ତ ହୋଇ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଯୋଗଦେଇ ୧୮ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୬୦ବର୍ଷରୁ କମ୍ ବୟସର ସମସ୍ତ ନିର୍ମାଣ ଶ୍ରମିକ ନିଜ ନାମ ପଞ୍ଜିକରଣ କରିବାକୁ କହିଥିଲେ। ହାଟ, ବଜାର ଏବଂ ଗାଁରେ ସଚେତନତା ଶିବିର କରି ଅଧିକରୁ ଅଧିକ ନିର୍ମାଣ ଶ୍ରମିକଙ୍କୁ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପଞ୍ଜିକରଣ କରିପାରିବେ ସେ ଦିଗରେ ଶ୍ରମ ବିଭାଗ ଯତ୍ନବାନ ହେବାକୁ କହିଥିଲେ। କେନ୍ଦୁଝର ସଦର ଗୋଷ୍ଠି ଉନ୍ନୟନ ଅଧିକାରୀ ବିକାଶ ସାହୁ ନିର୍ମାଣ ଶ୍ରମିକଙ୍କ ପାଇଁ କଲ୍ୟାଣକାରୀ ଯୋଜନା ମଧ୍ୟରେ ଦୁର୍ଘଟଣାଜନିତ ସହାୟତା, ମୃତ୍ୟୁ କ୍ଷେତ୍ରରେ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ଶିକ୍ଷାବୃତି ସହାୟତା, ଚିକିତ୍ସା ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା ଆଦି ରହିଥିବାବେଳେ ସେମାନେ ଏହାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ରଥ ମୁଣ୍ଡା ନିର୍ମାଣ ଶ୍ରମିକମାନେ ଏହି ଯୋଜାନରେ କିପରି ଅଧିକରୁ ଅଧିକ ସାମିଲ ହେବେ ସେଥିପାଇଁ ଶ୍ରମ ବିଭାଗର ସହଯୋଗ କାମନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀ ନିର୍ମାଣ ଶ୍ରମିକମାନଙ୍କର ସମାଜ ଗଠନରେ ମୁଖ୍ୟ ଭୂମିକା ରହିଛି ବୋଲି କହିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ମିଳୁଥିବା ସେବାଗୁଡିକ ଏବେ ଅନ ଲାଇନରେ ପାଇପାରିବେ ବୋଲି କହିଥିଲେ। ଚମ୍ପୁଆ ସହ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ ମଂଚ ପରିଚାଳନା କରଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟ ନାରାୟଣ ମାଳୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ ସଦର ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ସହାୟତା ରାଶି ପ୍ରଦାନ କରିଥିଲେ। ୧୦ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୧ ଲକ୍ଷ ୩୯ ହଜାର ୪୦୦ ଟଙ୍କା, ବିବାହ ସହାୟତା ୭୧ ଜଣ ହିତାଧିକାରୀଙ୍କୁ ୩୫ ଲକ୍ଷ ୨୫ ହଜାର ଟଙ୍କା, ପ୍ରସୂତିକାଳୀନ ସହାୟତା ବାବଦରେ ୯ ଜଣ ହିତାଧିକାରୀଙ୍କୁ ୯୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ରାଶି ୮୬ ଜଣଙ୍କୁ ୧ କୋଟି ୬୬ ଲକ୍ଷ ଟଙ୍କା, ୭୫ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୩ ଲକ୍ଷ ୭୦ ହଜାର ଟଙ୍କା ସହାୟତା ରାଶି ବଂଟନ କରାଯାଇଛି। ମୋଟ ୨୫୧ ଜଣଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୨ କୋଟି ୭ଲକ୍ଷ ୨୪ ହଜାର ୪୦୦ ଟଙ୍କା ବଂଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ। କେନ୍ଦୁଝର ଶ୍ରମ କାର୍ଯ୍ୟାଳୟର ସହ ଶ୍ରମ ଅଧିକାରୀ ଭରତ କୁମାର ଦାସ, ମଙ୍ଗଳ ସଂଯୋଜିକା ରଶ୍ମିତା ଓଝା, କନିଷ୍ଠ ସହାୟକ ସୁଧାକର ବାରିକଙ୍କ ସମେତ ଶ୍ରମ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଆମେ ବିଧାନସଭା ଯିବା: ଧୋୟା କଂଗ୍ରେସ ବୈଠକରେ ସଂକଳ୍ପ ପାରିତ

କେନ୍ଦ୍ରାପଡା, ୦୨/୦୯ (ନି.ପ୍ର): କେନ୍ଦ୍ରାପଡା ବିଧାନସବା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ସାତଗୋଟି ଧୋୟା ପଞ୍ଚାୟତ ଯଥା:- ଅଳପୁଆ, ତରଡିପାଳ, ପେଣ୍ଠପାଳ, ସିଂହଗାଁ, ଅଣ୍ଡରା, ଅମୃତମଣୋହି ଓ ବଲୁରିଆର ଏକ ମିଳିତ କଂଗ୍ରେସ କର୍ମୀ ବୈଠକ ଦାଣ୍ଡିସାହି ଠାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ "ଆମେ ବିଧାନ ସଭା ଯିବା" ସଂକଳ୍ପ ଗ୍ରହଣ କରାଯାାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସମେତ କଂଗ୍ରେସର ପ୍ରମୁଖ ସଂଗଠକ ମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଆଗାମୀ ନିର୍ବାଚନ ଆମ ପାଇଁ ସର୍ବ କାଳିନ ଗୁରୁତ୍ୱ ବହନ କରେ । ଆମକୁ ବିଧାନ ସଭା ପ୍ରବେଶ କରିବାକୁ ହେଲେ ମହାତ୍ମାଗାନ୍ଧୀଙ୍କ 'ଅଗଷ୍ଟ ୧୯୪୨' ଆହ୍ୱାନ "କର ବା ମର" ଗ୍ରହଣ କରିବାକୁ ପଡିବ । ବିଧାନସଭା ନିର୍ବାଚନ ଆଗୁଆ ହେବାର ବଡ ସମ୍ଭାବନା ଥିବାରୁ ଆଜିଠାରୁ ଆମର ସମସ୍ତ କର୍ମୀ ନିର୍ବାଚନ ମୁଖୀ ହେବା ଜରୁରୀ, ଆବେଗ ପୂର୍ଣ୍ଣ ଭାବରେ ସେ କର୍ମୀ ମାନଙ୍କୁ ନିବେଦନ କରିଥିଲେ ଯେ, "ମୋ ଦାୟିତ୍ୱ ଆପଣ ନିଅନ୍ତୁ' ଆପଣଙ୍କ ଦାୟିତ୍ୱ ମୋତେ ଦିଅନ୍ତୁ" । ଚଳିତ ମାସରେ ଏହି ସାତ ପଞ୍ଚାୟତର ଏକ ବିଶାଳ କର୍ମି ସମ୍ମିଳନୀ ଦାଣ୍ଡିସାହି ଠାରେ ଆୟୋଜିତ କରିବାର ନିସ୍ପତ୍ତି ନିଆଯାଇଥିଲା । ଗଣେଶ୍ୱର ବେହେରାଙ୍କ ନିରବଚ୍ଛିନ୍ନ ଉଦ୍ୟମରେ ସିଂହଗାଁ ପଞ୍ଚାୟତକୁ ସଂଯୋଗ କରିବା ପାଇଁ କଣ୍ଡିଆନାଳ ସେତୁର ନିର୍ମାଣ ପ୍ରକ୍ରିୟା ବିରଜା କଂଷ୍ଟ୍ରକସନ ସହ ସମ୍ପାଦିତ ହୋଇଥିବାରୁ ତାଙ୍କୁ ଧନ୍ୟବାଦ ଦେଇ ଆଉ ଏକ ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ବରିଷ୍ଠ ନେତା ସର୍ବଶ୍ରୀ ଧନେଶ୍ୱର ପ୍ରଧାନ, ନୃସିଂହ ଚରଣ ବିଶ୍ୱାଳ, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଗୋଲଖ ଚନ୍ଦ୍ର ବେହେରା, କ୍ଷମାନିଧି ସାମଲ, ସୁରେଶ ଚନ୍ଦ୍ର ଦାସ, ଚନ୍ଦନ କୁମାର ସାହୁ, ରଘୁନାଥ ଜେନା, ବିପିନ କୁମାର ଜେନା, କୈଳାସ ଚନ୍ଦ୍ର ଦାସ, ରଞ୍ଜିତ କୁମାର ସ୍ୱାଇଁ, ଡି ରବଟସନ ରାଜୁ, କୁଳମଣୀ ନାୟକ, ଜ୍ୟୋତିରଞ୍ଜନ ପ୍ରଧାନ, ଅଭିଷେକ ବିଶ୍ୱାଳ, ବିଶ୍ୱଜିତ ମହାନ୍ତି, ବୃଷଭାନୁ ଦାସ, କାଙ୍ଗାଳୀ ଚରଣ ସେଠୀ, ଦୀପକ କୁମାର ନାୟକ, ସତ୍ୟାନନ୍ଦ ଦାସ, ଉମାକାନ୍ତ ବିହାରୀ, ମୁକେଶ କୁମାର ଦାସ, ଦୀପକ କୁମାର ଭଦ୍ର, ଚନ୍ଦ୍ରଧର ମଲ୍ଲିକ, ନୟନ କୁମାର ରାଉତ, କାର୍ତ୍ତିକ ସେଠୀ, ସୁଦର୍ଶନ ସେଠୀ, ସୁଶୀଲ କୁମାର ଦାସ, ଗୋଲଖ ଚନ୍ଦ୍ର ଥାଟୋଇ, ବିକ୍ରମ କେଶରୀ ନାୟକ, ଜୀତେନ୍ଦ୍ର ବେହେରା, ଖଗେଶ୍ୱର ଜେନା, ଲକ୍ଷ୍ମୀଧର ବାରିକ ଓ ପୁରୁଷୋତ୍ତମ ଗିରି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ଜିଲ୍ଲାପାଳଙ୍କ ଅଚାନକ କ୍ଷେତ୍ର ପରିଦର୍ଶନ

ଝାରସୁଗୁଡା, ୦୨/୦୯ (ନି.ପ୍ର): ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ ଆଜି ଲଖନପୁର ଗସ୍ତ କରି ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ସହ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଲଖନପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ ସହ ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ବ୍ଲକ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ପାନୀୟ ଜଳ ବିଶୋଧକ ମେସିନ ଓ ବାଳିକା ଶୌଚାଳୟରେ ଡଷ୍ଟବିନ ବ୍ୟବସ୍ଥା ପାଇଁ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଏହି ଅବସରରେ ଶ୍ରେଣୀଗୃହ ବୁଲି ଦେଖିବା ସହ ଛାତ୍ରଛାତ୍ରୀମାନଙ୍କ ସହ ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲାପାଳଙ୍କୁ ବିଦ୍ୟାଳୟ ପରିଦର୍ଶନ ପାଇଁ ଅନୁରୋଧ ଜଣାଇଥିବା ଛାତ୍ରଙ୍କୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ଶୌଚାଳୟ ପରିଷ୍କାର ପରିଚ୍ଛନ୍ନତା ଓ ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟରେ ଅବ୍ୟବସ୍ଥା ସକାଶେ ଜିଲ୍ଲାପାଳ ବ୍ଲକ ଶିକ୍ଷା ଅଧିକାରୀ, ସି ଆର ସି ସି ଓ ପ୍ରଧାନ ଶିକ୍ଷକଙ୍କୁ କୈଫିୟତ ତଲବ କରିଥିଲେ।

# ଜଳ ଅଭାବରୁ ପଛେଇଲାଣି ଚାଷ କାମ: ମାଟି ଫାଟି ଆଁ କଲାଣି

## ଚଳିତ ବର୍ଷ ଜୁନ୍, ଜୁଲାଇ ଓ ଅଗଷ୍ଟ ମାସରେ ନିଅଂଟିଆ ବର୍ଷା

ଗଞ୍ଜାମ, ୦୨/୦୯ (ନି.ପ୍ର): ଆଷାଢ଼ ସରିଲା, ଶ୍ରାବଣ ସରିଲା ଏବେ ଭାଦ୍ରବ ମାସ ଚାଲିଲା । ରାଜ୍ୟରେ କେଉଁଠି ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ଆଉ କେଉଁଠି ସୁଖିଲା ପାଗ ଜାରି ରହିଛି । ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷର ବୃଷ୍ଟିପାତ ହାର ବହୁତ କମ୍ ରହିଛି । ଖରିଫ୍ ଚାଷ ସମୟରେ ଲଗାତାର ୩ ମାସ ଧରି ନିଅଂଟିଆ ବର୍ଷା ରେକର୍ଡ଼ କରାଯାଇଛି । ଯାହାକି ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ବର୍ଷା ଅଭାବରୁ ଗଞ୍ଜାମ ଜିଲ୍ଲାରେ ଖରିଫ ଚାଷ ନଷ୍ଟ ହେବାକୁ ବସିଲାଣି । ପାଣି ନମିଳିବାରୁ ବିଭିନ୍ନ ସ୍ଥାନରେ ତଳି ବୁଢ଼ା ହୋଇଗଲାଣି । ସେପଟେ ରୁଆ ହୋଇଥିବା ଜମି ଜଳ ଅଭାବରୁ ସୁଖି ଟାଙ୍ଗରା ଭୂଇଁ ପାଲଟିଛି । କେତେକ ସ୍ଥାନରେ ମାଟି ଫାଟି ଆଁ କଲାଣି । ଏଭଳି ଜଟିଳ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରଶାସନକୁ କୌଣସି ରାସ୍ତା ଦେଖାଯାଉନାହିଁ । ବର୍ଷା ନଥିବାରୁ ଚାଷ କାମ ଆଗେଇ ପାରୁନାହିଁ । ଯାହାକୁ ନେଇ ଚାଷୀମାନେ ଏବେ ଚିନ୍ତାରେ ରହିଛନ୍ତି । ପାଣି ଅଭାବ ଯୋଗୁଁ ଚଳିତ ବର୍ଷ ଖରିଫ୍ ଅମଳ କମିବ ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଗଞ୍ଜାମ ଜିଲ୍ଲାରେ ବିଳମ୍ବରେ ମୌସୁମୀ ବର୍ଷା ହେଉଥିବାରୁ ଖରିଫ୍ ଚାଷ ମଧ୍ୟ ବିଳମ୍ବ ହୋଇଥାଏ । କିନ୍ତୁ, ଚଳିତ ବର୍ଷ ବର୍ଷା ସବୁ ରେକର୍ଡ଼ ଭାଙ୍ଗିଛି । ଲଗାତାର ତିନି ମାସ ଧରି ବର୍ଷାର ପରିମାଣ କମିବା ଯୋଗୁଁ ଜିଲ୍ଲାରେ ଚାଷ ପାଇଁ ପାଣିର ଅଭାବ ଦେଖାଦେଇଛି । ପାନୀୟ ଜଳ ସଙ୍କଟ ଏତେଟା ଚିନ୍ତାଜନକ ହୋଇନଥିଲେ ସୁଦ୍ଧା ଚାଷ ପାଇଁ ପାଣି ପାଇବାରେ ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାଧ ହୋଇ ଚାଷୀ ନଦୀରେ ବନ୍ଧ ବାନ୍ଧି ଜମିକୁ ପାଣି ନେବାକୁ ଉଦ୍ୟମ କରୁଥିବା ବେଳେ ଟ୍ୟାଙ୍କରରେ ପାଣି ନେଇ ଧାନଜମିରେ ସିଂଚନ କରୁଥିବା ଦେଖିବାକୁ ମିଳିଛି । ଗତ ଜୁନ୍, ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାରେ ବର୍ଷାର ପରିମାଣ କମିଥିଲା । ଅଗଷ୍ଟରେ ଏହାର ଭରଣା ହେବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ, ଅଗଷ୍ଟରେ ମଧ୍ୟ ବର୍ଷାର ପରିମାଣ କମିଛି । ଜୁନ୍ ମାସରେ ଜିଲ୍ଲାରେ ହାରାହାରି ୧୬୮.୩ ମି.ମି. ବର୍ଷା ହୋଇଥାଏ । ହେଲେ ଏଥର ମାତ୍ର ୭୯.୫୦ ମି.ମି. ବର୍ଷା ରେକର୍ଡ଼ କରାଯାଇଥିଲା । ଜୁଲାଇ ମାସରେ ହାରାହାରି ୨୨୦.୮ ମି.ମି. ବର୍ଷା ହେବା କଥା । କିନ୍ତୁ, ଜୁଲାଇ ମାସରେ ୧୯୧.୩୩ ମି.ମି. ବର୍ଷା ରେକର୍ଡ଼ କରାଯାଇଛି । ସେହିପରି ଅଗଷ୍ଟ ମାସରେ ହାରାହାରି ସ୍ୱାଭାବିକ୍ ବର୍ଷା ୨୪୬.୮ ମି.ମି. ହେବା କଥା, କିନ୍ତୁ ବର୍ଷିଛି ୧୩୪.୫୪ ମି.ମି. । ଯାହାକି ତିନି ମାସର ସ୍ୱାଭାବିକ୍ ବର୍ଷା ଯେତିକି ହେବା କଥା ତା' ଠାରୁ ପ୍ରାୟ ୪୫ ପ୍ରତିଶତ କମ୍। ଗଞ୍ଜାମ ଜିଲ୍ଲାରେ ଚାଷ ପାଇଁ ଚାଷୀ ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି । ଚାଷ ପାଇଁ ଆବଶ୍ୟକ ପ୍ରାୟ ୬୦ ପ୍ରତିଶତ ପାଣି ବର୍ଷାଜଳ ଭରଣା କରିଥାଏ । କିନ୍ତୁ, ଚଳିତ ବର୍ଷ ଜୁନ୍, ଜୁଲାଇ ଓ ଅଗଷ୍ଟ ମାସରେ ଦେଖାଦେଇଥିବା ନିଅଂଟିଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି । ଜିଲ୍ଲାର ଦ୍ୱିପ ସ୍ଥାନରେ ହଜାର ହଜାର ଏକର ଜମି ଏବେବି ପଡ଼ିଆ ପଡିଛି । ଜିଲ୍ଲା ପ୍ରଶାସନର ଉଠା ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ସହିତ ଋଷିକୂଲ୍ୟା ନଦୀ ଜଳର ସଠିକ୍ ବଂଟନ କରୁନଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା ଜଣାପଡିଛି । ଗଞ୍ଜାମ ଜିଲ୍ଲାରେ ଜଳ ଉତ୍ସର ଅଭାବ ପାହିଁ । କିନ୍ତୁ, ଜଳ ସଂରକ୍ଷଣ ବ୍ୟବସ୍ଥା ସୁଦୃଢ଼ ନଥିବାରୁ ଚାଷୀଙ୍କୁ ପାଣି ମିଳିପାରୁନାହିଁ ବୋଲି ଅଭିଯୋଗ ହେଉଛି । ଗଞ୍ଜାମ ଜିଲ୍ଲାରେ ଚଳିତ ଖରିଫ୍ ଋତୁରେ ମୋଟ୍ ୪ ଲକ୍ଷ ୫ ହଜାର ୫୭୦ ହେକ୍ଟର ଚାଷ ପାଇଁ ଲକ୍ଷଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ମୋଟ୍ ୧ ଲକ୍ଷ ୭୯ ହଜାର ୯୪୯ ହେକ୍ଟର ଜମିରେ ଧାନଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । କୃଷି ବିଭାଗର ଆକଳନ ଅନୁସାରେ ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତ ଜମିରେ ରୁଆ କାର୍ଯ୍ୟ ସରିଛି । ହେଲେ ଚାଷୀଙ୍କ କହିବା ଅନୁସାରେ, ଜିଲ୍ଲାରେ ହାରାହାରି ୫୦ରୁ ୬୦ ପ୍ରତିଶତ ରୁଆ ହୋଇଛି । ଏପରିକି କେତେକ ଅଂଚଳରେ ମଧ୍ୟ ୪୦ ପ୍ରତିଶତ ରୁଆ କାର୍ଯ୍ୟ ହୋଇନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି ।

# ବିଧାୟକଙ୍କୁ ଭେଟିଲେ ଜିଲ୍ଲା ଯୋଗାଣ ଅଧିକାରୀ

ଜୟପୁର, ୦୨/୦୯ (ନି.ପ୍ର): କୋରାପୁଟ ଜିଲା ଯୋଗାଣ ସହାୟକ ସଂଘ ୬ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଧାରଣା ଦେଇଛନ୍ତି । ଏନେଇ ଆଜି ସଂଘ ତରଫରୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୋରାପୁଟ ଜିଲାର ବିଭିନ୍ନ ପଂଚାୟତରେ କାର୍ଯ୍ୟରତ ସମସ୍ତ ଯୋଗାଣ ସହାୟକ ଆଜିକୁ ଦଶବର୍ଷ ହେବ ନିରବଚ୍ଛିନ୍ନ ଭାବେ ନିଜ ଦାୟିତ୍ୱ ତୁଲାଉଛନ୍ତି । ପଂଚାୟତ ଅଧିନରେ ଥିବା ସମସ୍ତ ହିତାଧିକାରିଙ୍କୁ ମାସକୁ ମାସ ପି.ଡି.ଏସ. ସାମଗ୍ରୀ ବଂଟନ ସହ ଭତା ବଂଟନ କରୁଛନ୍ତି । ସରକାରଙ୍କ ସମସ୍ତ ଉନ୍ନତିମୁଳକ କାର୍ଯ୍ୟରେ ସାହାଯ୍ୟ ମଧ୍ୟ କରୁଛନ୍ତି । ଆବଶ୍ୟକ ସ୍ଥଳେ ଘର ଘର ଯାଇ ମଧ୍ୟ ପିଡିଏସ ସାମଗ୍ରୀ ବଂଟନ କରାଯାଉଛି । କରୋନା ମହାମାରୀ ସମୟରେ ମଧ୍ୟ ଯୋଗାଣ ସହାୟକ ମାନେ ନିଜ କର୍ତବ୍ୟ ତୁଲାଇଥିଲେ । କିନ୍ତୁ, ଗୋଟିଏ ଯୋଗାଣ ସହାୟକ ମାସିକ ୬ ହଜାର ଟଙ୍କା ଦରମା ପାଉଛି । ଯେଉଁଥିରେ କି ପରିବାର ଭରଣପୋଷଣ ଅସମ୍ଭବ ଅଟେ । ଏନେଇ ସରକାରଙ୍କୁ ଓ ମୁଖ୍ୟମନ୍ତ୍ରୀଙ୍କୁ ବହୁବାର ନିବେଦନ କରିବା ସତ୍ୱେ କର୍ଣ୍ଣପାତ କରୁ ନାହାଁନ୍ତି । ତେଣୁ ବିଧାୟକ ବାହିନିପତି ଯୋଗାଣ ସହାୟକଙ୍କ ଦାବିକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି। ଉକ୍ତ ଦାବି ଗୁଡିକ ହେଲା, ଯୋଗାଣ ସହାୟକର ଚାକିରୀ ସ୍ଥାୟିତ୍ୱ ଓ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଉ, ଯୋଗାଣ ସହାୟକଙ୍କ ନାମରେ ପିଡିଏସ ଲାଇସେନ୍ସ ଦିଆଯାଉ, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳିନ ସହାୟତା ରାଶି ପ୍ରଦାନ କରାଯାଉ।

# ନନ୍ଦପୁର କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବ୍ରହ୍ମାନନ୍ଦ ମହାନ୍ତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ, ୦୨/୦୯ (ନି.ପ୍ର): ଚମ୍ପୁଆ ବ୍ଲକ ଉଚ୍ଚବାଲି ପଂଚାୟତ ଅନ୍ତର୍ଗତ ନନ୍ଦପୁର ଗ୍ରାମର କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବ୍ରହ୍ମାନନ୍ଦ ମହାନ୍ତଙ୍କୁ ବିଦ୍ୟାଳୟର ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ମହାନ୍ତ ପରିଚାଳନା କରିଥିବା ବେଳେ ଅତିଥି ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ବିନୟ କୁମାର ବେହେରା, ଚୈତନ୍ୟ କୁମାର ମହାନ୍ତ ,କେ. ବି. ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଦଶରଥ ମହାନ୍ତ ଓ ବିଦାୟୀ ଶିକ୍ଷକଙ୍କ ପ୍ରିୟ ଛାତ୍ରୀ ନନ୍ଦିନୀ ପ୍ରଧାନ ମଂଚାସିନ ଥିଲେ । ଅତିଥିମାନେ ବିଦାୟୀ ଶିକ୍ଷକ ବ୍ରହ୍ମାନନ୍ଦ ମହାନ୍ତ ଙ୍କ ମହାନତା, ଶାନ୍ତ ଶିଷ୍ଟ ଓ ଛାତ୍ର ଛାତ୍ରୀ ଶିକ୍ଷକ ମାନଙ୍କ ପ୍ରତି ସହଯୋଗିତା ଆଦି ଗୁଣ ଉପରେ ଆଲୋକପାତ କରି ବିଦାୟୀ ଶିକ୍ଷକ ଶ୍ରୀ ମହାନ୍ତ ଦୀର୍ଘ ଜୀବନ କାମନା କରିଥିଲେ । ବିଦାୟୀ ଶିକ୍ଷକ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବିଦ୍ୟାଳୟ ତଥା ଗ୍ରାମ ଓ ଜିଲ୍ଲାର ଗୌରବ ବୃଦ୍ଧି ନିମନ୍ତେ କାର୍ଯ୍ୟ କରିବା ପାଇଁ ଦିଗ୍ ଦର୍ଶନ ଦେଇଥିଲେ । ଏହି ଅବସରରେ ଅତିଥି ତଥା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟତ୍ରୀ ସଂଯୋଜନା କରିଥିବା ବେଳେ ଚିନ୍ତାମଣି ବେହେରା, ସୁକାନ୍ତ କୁମାର ମହାରଣା, ସୁଭ୍ରାଂଶୁ ଶେଖର ଘଡାଇ, ଶିକ୍ଷୟତ୍ରୀ ସ୍ୱାଗତିକା କୁଅଁର, ସଂଯୁକ୍ତା ନାଏକ, ପୁଷ୍ପମଞ୍ଜରି ଶତପଥୀ, ସହାୟକ ପ୍ରେମାନନ୍ଦ ନାଏକ ଓ ପାର୍ବତୀ ନାଏକ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୁବନେଶ୍ୱରୀ ବେହେରା ଓ ଅନ୍ୟ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ । ସଭା ଶେଷରେ ଛାତ୍ର ଛାତ୍ରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ବିଦାୟୀ ଶିକ୍ଷକଙ୍କୁ ଏକ ପଟୁଆରରେ ଗ୍ରାମ ପରିକ୍ରମା କରି ନିଜ ଗ୍ରାମ ରେଙ୍ଗାଳଗୋଡାକୁ ନେଇ ଛାଡିଥିଲେ ।

# ଉପ ନିର୍ଦ୍ଦେଶକଙ୍କ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ

ପୁରୀ, ୦୨/୦୯ (ନି.ପ୍ର): କଟକ ସ୍ଥିତ କେନ୍ଦ୍ରାଂଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଆଜି ଦିନିକିଆ ପୁରୀ ଜିଲ୍ଲା ଗସ୍ତରେ ଆସି ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପରେ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ବିଭାଗର ସମ୍ମାନ ବୃଦ୍ଧିରେ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସରକାରଙ୍କର ଏକ ପ୍ରମୁଖ ବିଭାଗ। ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବା ସହ ଯୋଜନାଟି ଯେପରି ସାଧାରଣ ଲୋକଙ୍କ ହିତରେ ଲାଗି ପାରିବ ସେଥିପାଇଁ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୋଜନା ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇବା ଦ୍ୱାରା ହିତାଧିକାରୀଟି ତାହାର ସୁଫଳ ପାଇଥାଏ। ଏପରିକି ଲୋକ ମାନଙ୍କ ବିଭିନ୍ନ ଆବଶ୍ୟକତା ଓ ସମସ୍ୟାକୁ ସରକାର ଓ ପ୍ରଶାସନ ନିକଟରେ ପହଂଚାଇବା ମଧ୍ୟ ବିଭାଗର ଦାୟିତ୍ୱ ହୋଇଥାଏ। ଅର୍ଥାତ ଏହି ବିଭାଗ ସାଧାରଣ ଜନତା, ସରକାର ଓ ପ୍ରଶାସନ ସହ ଏକ ସେତୁ ଭଳି କାର୍ଯ୍ୟ କରିଥାଏ ବୋଲି ଶ୍ରୀ ନାୟକ କହି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ଓ ସମୀକ୍ଷାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର ପାତ୍ର, ବରିଷ୍ଠ ରାଜସ୍ୱ ସହାୟକ ରାଜେନ୍ଦ୍ର କୁମାର ପାତ୍ର, ଅପରେଟର ପ୍ରସନ୍ନ କୁମାର ସାହୁ, ଗ୍ରନ୍ଥାଗାରିକ ମିନତୀ ଦାସ, କର୍ମଚାରୀ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରତିମା ମହାନ୍ତି, ତ୍ରିନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀ ସମସ୍ୟା ପ୍ରତି ଉଦାସୀନ ରହିଲେ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାରଙ୍କ ପତନ ନିଶ୍ଚୟ

କେନ୍ଦ୍ରାପଡା, ୦୨/୦୯ (ନି.ପ୍ର): ଅଖିଳ ଭାରତ କୃଷକ ସଭା ଇଓକଝ କେନ୍ଦ୍ରାପଡା ଜିଲ୍ଲା କମିଟି ଓ ରମଚଣ୍ଡୀ କୃଷକ ସଭା ପକ୍ଷରୁ ଆଜି କୃଷକଙ୍କର ଦାବୀ ଦିବସ ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏକ ପ୍ରତିବାଦ ସଭା ସାଥି ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ୧୯୩୬ ମସିହା ଆଜିର ଦିନରେ ପରାଧିନ ଭାରତ ବର୍ଷରେ ଅଖିଳ ଭାରତ କୃଷକ ସଭା ଗଠିତ ହୋଇ ଦେଶ ସ୍ୱାଧୀନତାର ଅନେକ ଇଓକଝ ନେତା ଦେଶ ପାଇଁ ଜୀବନ ଦେଇଛନ୍ତି। ମାତ୍ର ସ୍ୱାଧୀନତାର ୭୬ ବର୍ଷ ପରେ ଆଜି ଚାଷୀମାନେ ଯେଉଁ ଅନ୍ଧାର ସେହି ଅନ୍ଧାର ଭିତରେ ଚାଷୀ ଫସଲର ଉଚିତ ଦର ପାଏନାହିଁ କି ସ୍ୱାମୀ ନାଥନ କମିଶନର ରିପୋର୍ଟକୁ କାର୍ଯ୍ୟକାରୀ କରାଯାଏ ନାହିଁ । ନୂତନ କୃଷି ଆଇନ ଆଣି କୃଷକମାନଙ୍କର ପ୍ରଭୂତ୍ୱ କ୍ଷତି ସାଧନ କରାଯାଇଛି ୨୦୨୦ ବିଦ୍ୟୁତ ସଂସ୍କାର ଆଇନ ତଦ୍ ରୂପ ଭାବେ ଚାଷୀଙ୍କ ପେନସନ ୫୦୦ ଟଙ୍କା ମନ୍ତ୍ରୀ, ବିଧାୟକଙ୍କ ପାରିବାରିକ ପେନସନ ସହିତ ମାସିକ ୧ଲକ୍ଷ ରୁ ଅଧିକ ଟଙ୍କା ଆଜିବି ମହାକାଳପଡା ତହସିଲରେ ଦଖଲ ଜମିର ପଟ୍ଟା ନାହିଁ, ପରନ୍ତୁ ସରକାର ଫରେଷ୍ଟ ଆଇନ ବଳରେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଉଦଘାଟ କରୁଛନ୍ତି ସ୍ୱାଧୀନତାର ୭୬ ବଷ; ପରେ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଶୀତଳ ଭଣ୍ଡାର ନାହିଁ, ଭାଗ ଚାଷୀଙ୍କୁ ଚାଷୀର ମାନ୍ୟତା ନାହିଁ ଏ ସମସ୍ତ ଦାବୀକୁ ନେଇ ଏକ ବିକ୍ଷୋଭ ସମାବେଶ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ହୋଇ ମାନ୍ୟବର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ନିରଂଜନ ବେହେରାଙ୍କ ଦ୍ୱାରା ଦାବୀପତ୍ର ପ୍ରଦାନ କରାଯାଇଥିଲା ଉକ୍ତ ବିକ୍ଷୋଭରେ ଇଓକଝ ର ରାଜ୍ୟ ନେତା ସାଥି ରମଣୀ ରଂଜନ ରାଉତରାୟ, ସାଥି ଆଦିକନ୍ଦ ରାଉଳ, ସାଥି ବାବାଜୀ ଧଳ, ସାଥି ବିକାଶ ଚନ୍ଦ୍ର ବେଉରା, ସାଥି ସଂଯୁକ୍ତା ରାଉତ, ସାଥି ସୁହାନା ବେଗମ, ସାଥି ପ୍ରଦୀପ୍ତ ବେହେରା, ସାଥି ରମେଶ ଚନ୍ଦ୍ର ନାୟକ, ରାମଚଣ୍ଡୀ କୃଷକ ସଭାର ସଭାପତି ସାଥି ପ୍ରଶାନ୍ତ ଚୌଧୁରୀ ଉପସଭାପତି ସାଥି ଧିରେନ୍ଦ୍ର ସାମଲ, ସଂପାଦକ ସାଥି ହରେକୃଷ୍ଣ ମାଝ. ସାଥି ଦାମୋଦର ମଳିକ, ସାଥି କୁବେର ସାହୁ , ସାଥି ନିରଂଜନ ଦାଶ ପ୍ରଭୃତି ଯୋଗଦାନ କରି ବ୍ୟାପକ ଲଢାଇ ପାଇଁ ଡାକରା ଦେଇଥିଲେ।

# ବିଶିଷ୍ଟ ସାହିତ୍ୟିକ ଡକ୍ଟର କୃଷ୍ଣଚନ୍ଦ୍ର ନାୟକଙ୍କ ଏକାଦଶାହରେ ସ୍ମୃତି ସଭା

ଚମ୍ପୁଆ, ୦୨/୦୯ (ନି.ପ୍ର): ଚମ୍ପୁଆ ବ୍ଲକ ଜାଲି ପଂଚାୟତ ଅନ୍ତର୍ଗତ ଜାଲି ଗ୍ରାମରେ ପ୍ରିୟମ୍ବଦା ସାଂସ୍କୃତିକ ପରିଷଦ, ଜାଲି ଏବଂ ସଂଜୀବନୀ ସାହିତ୍ୟ ସଂସଦ, ଭଣ୍ଡା, କେନ୍ଦୁଝର ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ, ଗବେଷକ ଡ଼କ୍ଟର କୃଷ୍ଣଚନ୍ଦ୍ର ନାୟକ ଙ୍କ ଏକାଦଶାହ ରେ ସ୍ମୃତି ସଭା ଓ ପ୍ରତିଭା ଆଲୋଚନା ଅନୁଷ୍ଠିତ ହୋଇଯାଇଛି କ୍ଷ ସଂଜୀବନୀ ସାହିତ୍ୟ ସଂସଦ, ସମ୍ପାଦକ, ଲେଖକ ଶ୍ରୀ ଡମ୍ବରୁ ମହାନ୍ତଙ୍କ ଆବାହକତ୍ୱ ରେ ଅବସର ପ୍ରାପ୍ତ ଶିକ୍ଷାବିତ କାଶୀନାଥ ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଅତିଥି, ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼କ୍ଟର ବିଦ୍ୟାଧର ବେହେରା, କବି ଭରତ ଚନ୍ଦ୍ର ପାତ୍ର, ହରେକୃଷ୍ଣ ବେଜ, ଫୁଟବଲ କୋଚ ବୀରେନ୍ଦ୍ର ମହାନ୍ତ, କବି କିଶୋର ମହାନ୍ତ, ପ୍ରକୃତି ମିତ୍ର, ଶିକ୍ଷାବିତ କ୍ଷେତ୍ରବାସୀ ମହାନ୍ତ, କବି ଜଗବନ୍ଧୁ ମହାନ୍ତ, କବି ପ୍ରବଚକ ଭାବଗ୍ରାହୀ ମହାନ୍ତ ପ୍ରମୁଖ ଯୋଗ ଦେଇ ସାହିତ୍ୟିକ କୃଷ୍ଣଚନ୍ଦ୍ର ଙ୍କ ବହୁମୁଖୀ ପ୍ରତିଭା ଓ ଜୀବନୀ ଉପରେ ଆଲୋକପାତ କରି ତାଙ୍କ ଗବେଷଣାତ୍ମକ ପୁସ୍ତକ କେନ୍ଦୁଝର ଲୋକ ନାଟକ, କେନ୍ଦୁଝର ଦର୍ଶନ କଥା ଓ କାହାଣୀ ପରବର୍ତ୍ତୀ ପିଢୀଙ୍କୁ ଅଧିକ ଗବେଷଣା ଓ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରି ତାଙ୍କ ପରିକଳ୍ପିତ ସ୍ୱପ୍ନ ର ହାତୀ ମିନାର ଓ ତାରା ତାରିଣୀ ମନ୍ଦିର ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ପାଇଁ ଦାବୀ ରଖିବା ସହିତ ସେ ପରବର୍ତ୍ତୀ ପିଢୀ ପାଇଁ ପ୍ରେରଣା ର ଉତ୍ସ ହୋଇ ରହିବେ ବୋଲି ସ୍ମୃତି ଚାରଣ କରିଥିଲେ। ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ବୃଷଭ ଚନ୍ଦ୍ର ନାୟକ, ଗଣ୍ଡ ସମାଜ ସଂଗଠକ ହରେକୃଷ୍ଣ ନାୟକ, ଜନାର୍ଦ୍ଦନ ନାୟକ, ବିରଂଚି ନାୟକ, କବି ବୈକୁଣ୍ଠ ନାଥ ମହାନ୍ତ, ସାମ୍ବାଦିକ ନରେଶ ଚନ୍ଦ୍ର ପଟ୍ଟନାୟକ, ଆକାଶବାଣୀ ଘୋଷକ, କଳାକାର ତୁଷାର ସାମନ୍ତ, ଭାସ୍କର ମିଶ୍ର, ସମାଜସେବୀ, ସଂଗଠକ ଅଖିଳ ଚନ୍ଦ୍ର ନାଏକ, ବିଜେପି ନେତ୍ରୀ କିରଣ୍ମାଳା ନାୟକ, କଂଗ୍ରେସ ଯୁବ ନେତା ବିନୋଦ ବିହାରୀ ନାଏକ ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରଥମେ ସାହିତ୍ୟିକ କୃଷ୍ଣଚନ୍ଦ୍ର ଓ ତାଙ୍କ ପତ୍ନୀ ପ୍ରିୟମ୍ବଦା ଙ୍କ ଫଟୋ ଚିତ୍ର ରେ ଅତିଥି ମାନେ ଧୂପ, ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରି ସମୂହଭାବେ ନିରବ ପ୍ରାର୍ଥନା କରିଥିଲେ। ସାହିତ୍ୟିକ କୃଷ୍ଣଚନ୍ଦ୍ରଙ୍କ ପୁତ୍ର ଡ଼କ୍ଟର ଯଯାତି ନାୟକ ହାତୀ ମିନାର ଓ ତାରାତାରିଣୀ ମନ୍ଦିର କୁ ଆଗେଇନେବା ଓ ବାପା ଙ୍କ ସ୍ୱପ୍ନ ସାକାର କରିବାକୁ ସହଯୋଗ ଲୋଡି ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରିୟମ୍ବଦା ସାଂସ୍କୃତିକ ପରିଷଦ ସଦସ୍ୟ ସରପଂଚ ତୁଳସୀ ବଲ୍ଲଭ ସିଂହ, ଲକ୍ଷ୍ମୀଧର ନାୟକ, ସୁଷମା ନାୟକ, ତୃପ୍ତି ନାୟକ, କ୍ଷୀରୋଦ ନାୟକ, ପ୍ରଜ୍ଞାପାରମିତା, ଅପରାଜିତା, ବିଚିସ୍ମିତା, କବିରାଜ, ତପନ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

# ଧାରାବାହିକ ଉପନ୍ୟାସ

## ବୈଦେହୀ

ଡ.ଭାଗବତ ବେହେରା





‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୬

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ବିଶ୍ୱାମିତ୍ରଙ୍କ ଠାରୁ ଆଜ୍ଞା ପାଇ ସେ ବସିବା ସ୍ଥାନରୁ ଉଠି ଛିଡ଼ା ହେଲେ । ପ୍ରଥମେ ସଭାକୁ ଅନାଇ ଚତୁର୍ଦ୍ଦିଗକୁ ପ୍ରଣାମ ଜଣାଇଲେ । ନିଜର ପିତା, ମାତା, ଗୁରୁଜନଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଧୀରପଦରେ ସେ ଆସି ପହଞ୍ଚିଥିଲେ ଶିବଧନୁ ସ୍ଥାପନ କରାଯାଇଥିବା ସ୍ଥାନରେ । ଜୟ ଦଶରଥ ନନ୍ଦନ ଶ୍ରୀ ରାମଚନ୍ଦ୍ରଙ୍କ ଜୟଧ୍ୱନିରେ କମ୍ପି ଉଠୁଥାଏ ସ୍ୱୟମ୍ବର ସ୍ଥଳ । ମୋର ସାନଭଉଣୀ ତିନିଜଣ ମୋ ପାଖକୁ ଲାଗିଆସି ମୋତେ ସେମାନଙ୍କ ହସ୍ତାଙ୍ଗୁଳିର ସ୍ପର୍ଶ ଦେଇ ତାଙ୍କ ମନର ଉତ୍ସୁକତାକୁ ଜଣାଇ ଦେଉଥା’ନ୍ତି । ମୋତେ ଏକପ୍ରକାର ଅସ୍ଥିର କରିପକାଉଥାନ୍ତି ସେମାନେ । ମୁଁ ନିରବ ରହି ମନେମନେ ଶିବ ପାର୍ବତୀଙ୍କୁ ଧ୍ୟାନ କରୁଥାଏ । ତାଙ୍କ ବିଜୟ ପାଇଁ ଆଶୀର୍ବାଦ ଭିକ୍ଷା କରୁଥାଏ ।

ସେ ଯଜ୍ଞମଣ୍ଡପ ଅତିକ୍ରମ କରି ଯାଇ ପଶୁପତିନାଥଙ୍କ ପାଦତଳେ ପ୍ରଣାମ ଜଣାଇଥିଲେ । ତାପରେ ବଶିଷ୍ଠ, ବିଶ୍ୱାମିତ୍ର ଆଦି ମୁନିଋଷିମାନଙ୍କୁ ବେଦଜ୍ଞ ବ୍ରାହ୍ମଣମାନଙ୍କୁ ପ୍ରଣାମ ଜଣାଇ, ଶେଷରେ ଯାଇ ଦେବାଧିପତି ମହାଦେବଙ୍କ ପାଦତଳେ ରଖା ଯାଇଥିବା ଶିବଧନୁକୁ ପ୍ରଣାମ କଲେ । ଏହାପରେ ସେ ମୋ ପିତା ତଥା ଋଷି ବିଶ୍ୱାମିତ୍ର, ବଶିଷ୍ଠ ଆଦିଙ୍କୁ ପ୍ରଣାମ ଜଣାଇ କହିଥିଲେ, “ଏ ଧର୍ମ ମହାସଭାରେ ଉପସ୍ଥିତ ଥିବା ସାଧୁ, ସନ୍ଥ, ମୁନିଋଷି ମାନଙ୍କୁ ତଥା ଏ ସ୍ୱୟମ୍ବରର ଆୟୋଜକ ରାଜର୍ଷି ଜନକଙ୍କ ଠାରୁ ମୁଁ ଆଦେଶ ଭିକ୍ଷା କରୁଛି । ସେମାନେ ଆଦେଶ ଦେଲେ ମୁଁ ଦେବଦେବ ମହାଦେବଙ୍କ ଏ ଧନୁରେ ଗୁଣ ଦେବାକୁ ଚେଷ୍ଟା କରିବି ।”

ସାଧୁ, ସାଧୁ, ଶବ୍ଦରେ ପୂରିଉଠିଲା ସଭାସ୍ଥଳ । ଧନ୍ୟ ତୁମେ ଦଶରଥ ନନ୍ଦନ । ଧନ୍ୟ ତୁମର ମହତପଣିଆ । ଏ ମହାସଭା ତୁମକୁ ଆଦେଶ ଦେଉଛି, ତୁମେ ଏବେ ଧନୁରେ ଗୁଣ ସ୍ଥାପନ କର ।

ଏବେ ସେ ହସହସ ବଦନରେ ସଭିଙ୍କୁ ଅନାଇ, ପୁଣିଥରେ ଶିବଧନୁକୁ ପ୍ରଣାମ କରି, ତୁଳାଦଣ୍ଡ ପ୍ରାୟ ଧନୁକୁ ବାମହସ୍ତରେ ଟେକି ନେଇଥିଲେ ।

କମ୍ପିଉଠିଲା ମହାସଭା । ଜୟ ଦଶରଥ ନନ୍ଦନ ଶ୍ରୀ ରାମଚନ୍ଦ୍ରଙ୍କର ଜୟ ।

କାହିଁକି ମୋ ଅଜାଣତରେ ମୋ ନୟନରୁ ଝରଝର ହୋଇ ଝରି ପଡ଼ିଲା ଅଶ୍ରୁଧାରା । ମୋ ପାଟିରୁ ଝରିପଡ଼ିଲା ଦୁଇଟି ଶବ୍ଦ, ଜୟ ମା ଭବାନୀ, ଜୟ ପ୍ରଭୁ ଶଙ୍କର । ଚହୁଁଚହୁଁ ସେ ଧନୁରେ ଗୁଣ ଚଢ଼ାଇଦେଲେ । କମ୍ପିଉଠିଲା ମହାସଭା । ଚତୁର୍ଦ୍ଦିଗରୁ ଫୁଲଚନ୍ଦନ ବୃଷ୍ଟି ହୋଇଗଲା ତାଙ୍କ ଉପରେ । ସହସା ସେ ଧନୁକୁ ଆକର୍ଷି ନିଅନ୍ତେ ତାହା ଦୁଇଖଣ୍ଡ ହୋଇ ତଳେ ପଡ଼ିଗଲା ।

ଥରିଉଠିଲା ସ୍ୱୟମ୍ବର ସ୍ଥଳ । ସମସ୍ତେ ଚକିତ, ଆଚମ୍ବିତ । ଅଯୋଧ୍ୟାର ରାଜପୁତ୍ର ଦଶରଥ ନନ୍ଦନ ଶ୍ରୀରାମ ଜନକରାଜାଙ୍କ ପଣ ଭାଂଗିଲେ । ଭାଂଗିଦେଲେ ସେ ଦେବଦେବ ମହାଦେବଙ୍କ ମହାଧନୁକୁ ।

ଜୟ ଶ୍ରୀରାମଚନ୍ଦ୍ରଙ୍କର ଜୟ । ଜୟ ଶ୍ରୀରାମଚନ୍ଦ୍ରଙ୍କ ଜୟ ଧ୍ୱନିରେ ପ୍ରକମ୍ପିତ ସ୍ୱୟମ୍ବରସ୍ଥଳ । ମୁଁ ଚକିତ, ଆଚମ୍ବିତ । ଭବାନୀଶଙ୍କର ମୋ ଡାକ ଶୁଣିଲେ । ସେ ଶିବଧନୁ ଭାଂଗି ମୋତେ ଜିଣିନେଲେ । ମୋ ମନର ଇପ୍ସିତ ଠାକୁରଙ୍କୁ ମୁଁ ଏବେ ପାଇପାରିବି । ମୋତେ ଅଥୟ କରିଦେଲେଣି ମୋର ତିନିଭଉଣୀ । ତୋ ମନୋକାମନା ପୂର୍ଣ୍ଣ ହେଲା ଲୋ ଅପା । ତୁ ଏବେ ରାମର ଘରଣୀ ହୋଇଯିବୁ । କମ୍ପିଉଠୁଥାଏ ସ୍ୱୟମ୍ବର ସ୍ଥଳ । ତାଙ୍କୁ ଚାରିପାରୁଶରୁ ଘେରିଗଲେଣି ମିଥିଳାର ନରନାରୀ । ସଭିଙ୍କ ତୁଣ୍ଡରେ ତାଙ୍କ ରୂପଗୁଣର ପ୍ରଶଂସା । ବିଧାତା ରାମ ପାଇଁ ସୀତାଙ୍କୁ ଗଢ଼ିଛି । ଦୁଇଜଣ ଲକ୍ଷ୍ମୀ ନାରାୟଣଙ୍କ ଯୋଡ଼ି ଭଳି ଦେଖାଯିବେ ।

ମୋ ପିତାଙ୍କ ଆନନ୍ଦ କହିଲେ ନସରେ । ଦଶରଥ ନନ୍ଦନ ରାମଙ୍କୁ ସେ ଜାମାତା ଭାବରେ ପାଇବେ । ତାଙ୍କର ସ୍ୱୟମ୍ବର ସଫଳ ହୋଇଛି । ତାଙ୍କ କନ୍ୟା ପାଇଁ ଉପଯୁକ୍ତ ପତି ସେ ଚୟନ କରିପାରିଛନ୍ତି । ସେଠାରେ ଉପସ୍ଥିତ ସମସ୍ତ ରାଜନ୍ୟମଣ୍ଡଳୀକୁ ସମ୍ବୋଧନ କରି ମୋ ପିତା କହୁଥା’ନ୍ତି, ଆପଣମାନେ ଶାନ୍ତ ହୋଇଯାଆନ୍ତୁ । ସ୍ୱୟମ୍ବର କାର୍ଯ୍ୟ ଏବେ ଶେଷ ହୋଇଯାଇଛି । ଶିବଧନୁକୁ ଦଶରଥ ନନ୍ଦନ ଶ୍ରୀରାମ ଭଗ୍ନ କରି ଦେଇଛନ୍ତି । ଆପଣମାନେ ଧୈର୍ଯ୍ୟର ସହିତ ପ୍ରତୀକ୍ଷା କରନ୍ତୁ। ଏହିଠାରେ ରାମ ସୀତାଙ୍କର ବିବାହ ଉତ୍ସବ ପାଳିତ ହେବ । “ଆପଣମାନେ ସେ ଉତ୍ସବରେ ଅଂଶଗ୍ରହଣ କରିବେ । ମିଥିଳା ଆପଣ ମାନଙ୍କ ଆତିଥ୍ୟରେ କୌଣସି ତ୍ରୁଟି କରିବ ନାହିଁ ।”

ରାଜର୍ଷି ଜନକଙ୍କ କଥା ଶୁଣି ଋଷିପ୍ରବର ବିଶ୍ୱାମିତ୍ର କହିଥିଲେ, “ରାଜର୍ଷି ଜନକ ତୁମେ ସ୍ଥାପିଥିବା ଅମୋଘ ଶିବଧନୁକୁ ରାମ ଭାଂଗି ଦେଇଛନ୍ତି ସତ, ହେଲେ ମହାରାଜ ଦଶରଥ ମିଥିଳାରେ ନ ପହଞ୍ଚିବା ପର୍ଯ୍ୟନ୍ତ ଏ ବିବାହ ଉତ୍ସବ ପାଳନ କରାଯାଇ ପାରିବ ନାହିଁ । ଧର୍ମତଃ ତୁମ କନ୍ୟା ରାମର । ସ୍ୱୟମ୍ବର ନିୟମ ଅନୁସାରେ ଏବେ ସୀତା ରାମଙ୍କ ଗଳାରେ ବରଣମାଳା ପିନ୍ଧାଇ ତାଙ୍କୁ ପତିପଦରେ ବରଣ କରିପାରିବେ ମାତ୍ର, ମହାରାଜା ଦଶରଥଙ୍କ ଅନୁମତି ନନେଇ ତୁମେ ତାଙ୍କୁ ବିବାହ ମଣ୍ଡପରେ ବସାଇ ପାରିବ ନାହିଁ । ତୁମେ ସମସ୍ତେ ଜାଣ ରାମ ମୋର ଶିଷ୍ୟ । ଗୁରୁ ଭାବରେ ମୋର ଆଦେଶକୁ ସେ ଅବମାନନା କରିବ ନାହିଁ । ମୁଁ କିନ୍ତୁ ଏପରି କାର୍ଯ୍ୟ କରିବା ପାଇଁ ରାମକୁ ଆଦେଶ ଦେଇ ରାଜା ଦଶରଥଙ୍କ ପିତୃତ୍ୱକୁ ଅବମାନନା କରିପାରିବି ନାହିଁ । ଅଯୋଧ୍ୟାକୁ ଆମନ୍ତ୍ରଣ ଯାଇଛି ଯେତେବେଳେ ସେ ନିଶ୍ଚୟ ଆସି ମିଥିଳାରେ ପହଞ୍ଚିବେ । ରାଜର୍ଷି ଜନକ ବିବାହର ସମସ୍ତ ଆୟୋଜନ କରନ୍ତୁ । ଦଶରଥ ଆସିବାପରେ ତାଙ୍କଠାରୁ ଅନୁମତି ନେଇ ଏ ବିବାହ ଉତ୍ସବ ପାଳନ କରାଯିବ । ଏବେ ଏ ସଭାରେ ଥିବା ସିଦ୍ଧମୁନି ଋଷି, ସାଧୁ, ସନ୍ଥ ଆଜ୍ଞା ଦିଅନ୍ତୁ ମିଥିଳା ରାଜନନ୍ଦିନୀ ମୈଥିଳୀ ବରଣମାଳା ଦେଇ ରାମଙ୍କୁ ପତିପଦରେ ବରଣ କରନ୍ତୁ ।”

ବିଶ୍ୱାମିତ୍ରଙ୍କ କଥାଶୁଣି ମୋ ହୃଦୟରେ ଛନକା ପଶିଯାଇଥିଲା । କିନ୍ତୁ ପରେ ତାଙ୍କ କଥା ଶୁଣି ମୁଁ ଶାନ୍ତିରେ ଦୀର୍ଘଶ୍ୱାସ ଛାଡ଼ିଥିଲି । ମୋର ତିନିଭଉଣୀ ମୋତେ ଘେରିଯାଇ କହୁଥାନ୍ତି ଚାଲ ଅପା । ଏବେ ପାଦ ପକା ସ୍ୱୟମ୍ବର ସ୍ଥଳକୁ । ସେଠାରେ ଯେ ତୋତେ ରଘୁନନ୍ଦନ ରାଘବ ପ୍ରତୀକ୍ଷା କରି ରହିଛନ୍ତି ।

ଏହି ସମୟରେ ପିତା ଜନକ ମୋ ନିକଟକୁ ଆସି କହିଥିଲେ, ମା’ ସୀତେ ! ମହାସଭା ଅନୁମତି ପ୍ରଦାନ କରି ସାରିଲେଣି । ମାଣ୍ଡବୀ, ଉର୍ମିଳା ତୁମେମାନେ ଏଠାରେ ଛିଡ଼ା ନହୋଇ ତୁମ ଅପାକୁ ସ୍ୱୟମ୍ବର ସ୍ଥଳକୁ ନେଇଯାଅ ।

ହସିହସି ମୋ ତିନିଭଉଣୀ ମୋ ହାତଧରି ପଥ କଢ଼ାଇ ନେଇଥିଲେ ସ୍ୱୟମ୍ବର ସ୍ଥଳକୁ । ମନ୍ତ୍ରଚାଳିତ ମୂର୍ତ୍ତି ଭଳି ମୁଁ ଧୀରେଧୀରେ ପାଦ ପକାଉଥାଏ ଆଗକୁ । କୁଢ଼କୁଢ଼ ଫୁଲ ସବୁ ବିଚେଇ ହୋଇ ପଡୁଥା’ନ୍ତି ମୋ ପାଦତଳେ । ପଣ୍ଡିତମାନେ ମନ୍ତ୍ରଉଚ୍ଚାରଣ ପୂର୍ବକ ଆଗେଆଗେ ଚାଲିଥାନ୍ତି । ପୁଷ୍ପ, ଅକ୍ଷତ, ଦୁର୍ବା ବରଷି ଯାଉଥାଏ ମୋ ଉପରେ । ରାମ ସୀତାଙ୍କ ଜୟ ଧ୍ୱନିରେ କମ୍ପି ଉଠୁଥାଏ ସ୍ୱୟମ୍ବର ସ୍ଥଳ । ମୋତେ ନେଇ ମୋର ତିନିଭଉଣୀ ପହଞ୍ଚାଇ ଦେଇଥିଲେ ସ୍ୱୟମ୍ବର ମଞ୍ଚରେ । ମୋ ଆଗରେ ମୋର ଅଭିଳଷିତ ପୁରୁଷ, ମର୍ଯ୍ୟାଦାବନ୍ତ ରଘୁନନ୍ଦନ ଶ୍ରୀରାମ । ତାଙ୍କ ମୁହଁକୁ ମୁଁ ନେତ୍ର ଉନ୍ମୀଳନ କରି ଅନାଇ ପାରୁନଥାଏ । ସାରା ଶରୀର ମୋର କମ୍ପି ଯାଉଥାଏ । ନୟନରୁ ଆନନ୍ଦାଶ୍ରୁ ଧାରଧାର ହୋଇ ବହି ଯାଉଥାଏ । ତାଙ୍କୁ ଚକ୍ଷୁପୂରାଇ ଦେଖିବାକୁ ମନ ଅସ୍ଥିର, ହେଲେ ଚକ୍ଷୁ ସାହସ କରି ପାରୁନଥାଏ । ମୋ ସମ୍ମୁଖରେ ସେ । ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ମୋତେ ଛାଡ଼ିଦେଇ ତାଙ୍କୁ ଚାରିପାରୁଶରୁ ବେଢ଼ିଗଲେଣି । ଏହି ସମୟରେ ମହର୍ଷି ବିଶ୍ୱାମିତ୍ର ଦୁଇହସ୍ତରେ ଦୁଇଟି ପୁଷ୍ପମାଳା ଆଣି ଗୋଟାଏ ମୋ ହସ୍ତରେ ଓ ଅନ୍ୟଟିକୁ ତାଙ୍କ ହସ୍ତରେ ଧରାଇଦେଇ କହିଥିଲେ, “ମୁଁ ମହର୍ଷି ବିଶ୍ୱାମିତ୍ର । ଦଶରଥ ନନ୍ଦନ ଶ୍ରୀରାମର ଗୁରୁ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

# ପୁରୁଷ ଆୟୋଗ ଗଠନର ପ୍ରାସଙ୍ଗିକତା

କିଶୋର ଚନ୍ଦ୍ର ଜେନା

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଏଠାରେ ବିଭିନ୍ନ ଧର୍ମ, ଜାତି, ଆସ୍ଥା, ଆଚାର ଓ ବିଚାରର ବିଭିନ୍ନତା ସତ୍ତ୍ୱେ ଏହା ଏକତା ମନ୍ତ୍ରର ଆବାହନୀ ସଙ୍ଗୀତରେ ଉନ୍ମତ। ସବୁ ବିଭିନ୍ନତା ମଧ୍ୟରେ ଏକତା। ସକଳ ବୈଷମ୍ୟ ମଧ୍ୟରେ ସାମ୍ୟ, ଅନେକତ୍ୱ ମଧ୍ୟରେ ଐକତ୍ୱ ମନ୍ତ୍ରରେ ଦେଶ ମନ୍ତ୍ରିତ। ଆମ ସମ୍ବିଧାନର ଅନୁଚ୍ଛେଦ ୪୪ ଏବଂ ନିର୍ଦ୍ଦେଶମୂଳକ ରାଷ୍ଟ୍ରନୀତିରେ ସମାନତାର ଅଧିକାର ଉପରେ ବିଶେଷ ଉଲ୍ଲେଖ ଅଛି। ଲିଙ୍ଗଗତ ବୈଷମତା ଥିଲେ ମଧ୍ୟ ନାରୀ ପୁରୁଷଙ୍କୁ ଆମ ସମ୍ବିଧାନ ସମାନ ରୂପରେ ଦେଖେ। ଭାରତର ସୃଷ୍ଟି ସନାତନ ଧର୍ମରୁ ହିଁ ହୋଇଅଛି। ଆମର ହିନ୍ଦୁ ସଂସ୍କୃତି ରାମ-ସୀତା, ଲକ୍ଷ୍ମୀ-ନାରାୟଣ, ରାଧା-କୃଷ୍ଣ, ଶିବ ପାର୍ବତୀ, ରାବଣ-ମନ୍ଦୋଦରୀଙ୍କ କାହାଣୀ ସମାନତାର ଯଶ, କୀର୍ତ୍ତି, ଗୁଣ ବ୍ୟାଖ୍ୟାନ କରେ। ଗୀତାରେ ଭଗବାନ ମଧ୍ୟ କହିଛନ୍ତି ମୁଁ ସମସ୍ତଙ୍କର ବୀଜ ପ୍ରଦାନକାରୀ ପିତା ଅଟେ।

ସର୍ବଯୋନିଷୁ କୌନ୍ତେୟ ମୂର୍ତୟଃ ସମ୍ଭବନ୍ତି ଯାଃ
ତାସାମ ବ୍ରହ୍ମ ମହଦ୍ ଯୋନିଃ ଅହଂ ବୀଜ ପ୍ରଦଃ ପିତା ।।

ସମସ୍ତ ପ୍ରକାର ଜୀବ ଏହି ଭୌତିକ ପ୍ରକୃତି ଦ୍ୱାରା ସୃଷ୍ଟି। ମୁଁ ସେ ସମସ୍ତଙ୍କର ବୀଜ ପ୍ରଦାନକାରୀ ପିତା ଅଟେ। ଆମ ସଂସ୍କୃତିରେ ବେଦ, ବେଦାନ୍ତ, ଉପନିଷେଦ, ଭାଗବତ, ଗୀତା ଆଦି ଗ୍ରନ୍ଥମାନେ ସମାନତା ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି।

ତଥାପି ଆମ ଭାରତରେ ନାରୀମାନଙ୍କୁ ଓ ପୁରୁଷମାନଙ୍କ ଅପେକ୍ଷା କିଛି ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯାଇଛି। ନାରୀମାନଙ୍କୁ ଚାକିରି କ୍ଷେତ୍ରରେ ଆରକ୍ଷଣ, ବିଭିନ୍ନ ଜନହୀତକର କଲ୍ୟାଣ ଯୋଜନାରେ ସ୍ୱତନ୍ତ୍ର ଅଧିକାର ଓ ମହିଳା କମିଶନ ପୋସ୍କୋ କମିଶନ ନ୍ୟାୟାଳୟ ଗଠନ ଇତ୍ୟାଦି। ତେଣୁ ପ୍ରାକ୍ ସ୍ୱାଧୀନତା ପୂର୍ବରୁ ଏବଂ ବର୍ତ୍ତମାନ ସ୍ୱାଧିନତାର ୭୬ ବର୍ଷ ପରେ ମଧ୍ୟ ଏହି ଧାରା ଚାଲିଆସୁଅଛି। ବର୍ତ୍ତମାନ ନାରୀମାନେ ସମସ୍ତ କ୍ଷେତ୍ରରେ ପୁରୁଷମାନଙ୍କ ସହିତ ତାଳ ଦେଇ କାନ୍ଧରେ କାନ୍ଧ ମିଶାଇ ଚାଲୁଛନ୍ତି।

ଆଇନଜୀବୀ ମନିଷ୍ ତିୱାରୀଙ୍କ ଦ୍ୱାରା ଆଗତ୍ ଏକ ଜନସ୍ୱାର୍ଥ ମାମଲାର ଶୁଣାଣୀ କରିଥିଲେ ସର୍ବୋଚ୍ଚ ନ୍ୟାୟଳୟର ଦୁଇଜଣ ନ୍ୟାୟ ମୂର୍ତ୍ତି ନ୍ୟାୟଧିସ ସୂର୍ଯ୍ୟକାନ୍ତ ଏବଂ ଦିପକ ଦତ୍। ଏହି ଦୁଇ ଜଣ ଖଣ୍ଡ ପୀଠ ଏହାକୁ ଆଗ୍ରହ୍ୟ କରିଥିଲେ। (ଏନ୍.ସି.ଆର.ବି ବା ରାଷ୍ଟ୍ରୀୟ ଅପରାଧ ରେକର୍ଡ ବୋର୍ଡ)ଙ୍କ ତଥ୍ୟ ଆଧାରରେ ୨୦୨୧ରେ ସମୁଦାୟ ଆତ୍ମହତ୍ୟା କରିଥିବା ଲୋକସଂଖ୍ୟା ହେଲା ୧.୬୪.୦୩୩। ସେମାନଙ୍କ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ହେଲା ୮୧,୦୬୩ ଏବଂ ମହିଳାଙ୍କ ସଂଖ୍ୟା ୨୮,୬୮୦। ଆହୁରି ମଧ୍ୟ ପ୍ରଦତ ବିବରଣୀରୁ ଜଣାପଡିଛି ଯେ, ପାରିବାରିକ କଳହ ଯୋଗୁଁ ୩୩.୨୬% ପୁରୁଷ ଆତ୍ମହତ୍ୟା କରିଛନ୍ତି। ତନ୍ମଧ୍ୟରୁ ୪.୮% ହେଉଛି ବିବାହ ଜନିତ। ୨୦୨୩ର ତଥ୍ୟ ଅନୁସାରେ ୧.୧୮.୯୭୯ ପୁରୁଷ ଆତ୍ମ ହତ୍ୟା କରିଛନ୍ତି ଯାହା ସର୍ବମୋଟ ସଂଖ୍ୟାର ୭୨%। ଏବଂ ମହିଳାଙ୍କ ସଂଖ୍ୟା ହେଲା ୪୫,୦୨୬ ବା ୨୭%

ବର୍ତ୍ତମାନ ସମାଜରେ ଦେଖାଯାଉଅଛି ଯେ ପୁରୁଷମାନେ ମଧ୍ୟ ଘରୋଇ ହିଂସାରେ ମାତ୍ରାଧିକ ଶିକାର ହେଉଛନ୍ତି। ଲୋକମାନଙ୍କ ମନରେ ଏପରି ମାନସ ବସା ବାନ୍ଧିଛି ଯେ ସାଧାରଣତଃ ଦ୍ୱୟ ପକ୍ଷ କଳହରେ ବା ହିଂସାରେ ପୁରୁଷମାନେ ଶତକଡ଼ା ୮୦% ଦୋଷୀ ସାବ୍ୟସ୍ତ ହୋଇ ନ୍ୟାୟାଳୟର କାଠଗଡ଼ାରେ ଠିଆ ହେଉଛନ୍ତି। ମୁଁ ନିଜେ ମଧ୍ୟ ଆଇନଜୀବୀ ହୋଇଥିବାରୁ ମୁଁ ନ୍ୟାୟାଳୟରେ ପୁରୁଷମାନଙ୍କର ପୀଡ଼ାରୁ ଏବଂ ତାଙ୍କର କ୍ଷୋଭକୁ ଅନୁଭବ କରୁଅଛି। ଦୁଇଟି ପରିବାରର କଳହ ଭିତରେ ଗୋଟିଏ ପରିବାର ଅସୂୟା ଭାବ ପୋଷଣ କରି ଅନ୍ୟ ପରିବାରରେ ଥିବା ପୁରୁଷକୁ ପୋସ୍କ ଆଇନ ବଳରେ ଦୋଷୀ ସାବ୍ୟସ୍ତ କରିବାକୁ ପଛାଉ ନାହାଁନ୍ତି। ଏବଂ ଏହି ଦୋଷ ପାଇଁ ତାକୁ କେତେବେଳେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ କାରାବରଣ ସହିତ ଅର୍ଥ ଦଣ୍ଡରେ ଦଣ୍ଡିତ ହେବାକୁ ପଡୁଛି। ପାରିବାରିକ ନ୍ୟାୟାଳୟରେ ମଧ୍ୟ ପ୍ରାୟ ଶତକଡ଼ା ଅନେଶତ ଭାଗ ନ୍ୟାୟ ନାରୀମାନଙ୍କୁ ପ୍ରାପ୍ତ ହେଉଅଛି। ଏପରିସ୍ଥଳେ କ’ଣ ପୁରୁଷ ଆୟୋଗ ଗଠନର ଯଥାର୍ଥତା ଅନୁଭବ କରିହେଉ ନାହିଁ କି ?

ସମାଜରେ ନାଗରିକମାନଙ୍କର ନୈତିକ ମାନଦଣ୍ଡ ଦିନକୁ ଦିନ ଅବକ୍ଷୟଗାମୀ ଯୋଗୁ ପୁରୁଷ ଏବଂ ସ୍ତ୍ରୀ ମଧ୍ୟରେ ସାଧାରଣ କଳି ମଧ୍ୟ ନ୍ୟାୟାଳୟକୁ ଯାଉଛି ଏବଂ ସାଧାରଣତଃ ପୁରୁଷମାନେ ହିଁ ନ୍ୟାୟାଳୟର କାଠ ଗଡ଼ାରେ ଠିଆ ହେଉଛନ୍ତି। ପୃଥିବୀରେ ଅନେକ ଦେଶରେ ପୁରୁଷମାନଙ୍କ ପାଇଁ ସ୍ୱତନ୍ତ୍ର ଆୟୋଗ ଅଛି ଯାହା ବିଶେଷ କରି ପୁରୁଷମାନଙ୍କ କ୍ଷେତ୍ରରେ କାମ କରୁଛି। ପୃଥିବୀରେ ବିକଶିତ ଦେଶମାନଙ୍କରେ ଆଜି ପୁରୁଷ ଆୟୋଗ କାମ କରୁଛି। ବ୍ରିଟେନ୍‌ରେ ଏକ ସରକାରୀ ପୋଷ୍ୟ ନ୍ୟାୟାଳୟ ଯାହାକୁ ସମାନତା କାର୍ଯ୍ୟାଳୟ କୁହାଯାଏ। ଯାହା ପୁରୁଷମାନଙ୍କ ଘରୋଇ ହିଂସା, ଅତ୍ୟାଚାର ସମ୍ପର୍କୀୟ ସମସ୍ୟା ବିଚାରକୁ ନେଉଅଛି। ଅଷ୍ଟ୍ରେଲିଆରେ ପୁରୁଷମାନଙ୍କ ମଙ୍ଗଳ ନିମିତ ପୁରୁଷ କଲ୍ୟାଣ ନୀତି ଏବଂ ପୁରୁଷ ସ୍ୱାସ୍ଥ୍ୟ ନୀତି ଗଠିତ ହୋଇଅଛି। କାନାଡ଼ାରେ ମଧ୍ୟ ପୁରୁଷ ଏବଂ ସେମାନଙ୍କ ପରିବାର ପାଇଁ ସହାୟ ଏବଂ ପରାମର୍ଶ ସେବା ଆଦି କେନ୍ଦ୍ରମାନ ଗଠିତ ହୋଇଅଛି। ନରୱେରେ ମଧ୍ୟ ସେମାନଙ୍କ ନାଗରିକଙ୍କ ସମାନତାର ଅଧିକାର ବିଭିନ୍ନ ସମସ୍ୟା ଓ ଘରୋଇ ହିଂସାର ବିଚାର ପାଇଁ ନାରୀମାନଙ୍କ ଭଳି ପୁରୁଷମାନଙ୍କ ପାଇଁ ପୁରୁଷ ଏବଂ ସ୍ତ୍ରୀ ଲିଙ୍ଗଗତ ସମାନତା ସଂସ୍ଥା ଗଠିତ ହୋଇଅଛି। ସ୍ୱେଡ଼ନ ସରକାର ମଧ୍ୟ ଲିଙ୍ଗଗତ ସମାନତା, ପିତୃତ୍ୱ ଏବଂ ପୁରୁଷାର୍ଥ ଅଧିକାର ଉପରେ ଆଲୋଚନା ପାଇଁ ସ୍ୱେଡ଼େନ ମେନ୍ସ ମୁଭ୍‌ମେଂଟ ସ୍ଥାପନ କରାଯାଇଅଛି।

ତେଣୁ ଅନ୍ୟ ବିକଶିତ ରାଷ୍ଟ୍ର ଏ କ୍ଷେତ୍ରରେ ଆଗକୁ ବଢୁଥିବାବେଳେ, ଭାରତ ମଧ୍ୟ ପୁରୁଷ ଆୟୋଗ ଗଠନର ପ୍ରକ୍ରିୟା ଆରମ୍ଭ କରିବା ଉଚିତ୍। ଏବେ ସମୟ ଉପନୀତ ହୋଇଅଛି ଯେ ଏପରି ଏକ ସଂକୀର୍ଣ୍ଣ ମାନସିକତାରୁ ଊର୍ଦ୍ଧ୍ୱକୁ ଯାଇ ଯଦି ମର୍ଦ୍ଦ ମାନଙ୍କର ପୀଡ଼ା ବୁଝିବାକୁ ପଡ଼ିବ। ମୁଁ ସମ୍ପୂର୍ଣ୍ଣ ଭାବେ ନାରୀମାନଙ୍କର ସ୍ୱତନ୍ତ୍ର ଆରକ୍ଷଣ ସପକ୍ଷରେ। କାରଣ ମାତା ହିଁ ଆମ ଦେଶରେ ଜଗତ ହିତାର ମୁଖା ପିନ୍ଧିବା ଦରକାର। କିନ୍ତୁ ତତ୍‌ସହିତ ପୁରୁଷମାନଙ୍କ ପାଇଁ ପୁରୁଷ କମିଶନ ହେବା ମଧ୍ୟ ଏବେ ଅପରିହାର୍ଯ୍ୟ।

ଆମ ଗଣତନ୍ତ୍ରର ମୂଳ ଆଧାର ହେଉଛି ସମାନତା। ସମାନତା ବିନା ନ୍ୟାୟ କେଉଁଠୁ ଆସିବ ? ପ୍ରକୃତ ନ୍ୟାୟ ଅସମ୍ଭବ ଓ ଅପ୍ରାକୃତ ବିଧି ଏହି ଆଇନ୍ ଦ୍ୱାରା। ସମୟର କାଳଖଣ୍ଡରେ ନ୍ୟାୟବି ପରିବର୍ତ୍ତନଶୀଳ। ଦେଶ ଆଜି ସବୁ କ୍ଷେତ୍ରରେ ଉନ୍ନତିର ଶିଖରକୁ ଉଠୁଥିବାବେଳେ, ନ୍ୟାୟ ମଧ୍ୟ ସରଳୀକରଣ ହେବା ଦରକାର, ଯାହାଫଳରେ ନ୍ୟାୟର ଦ୍ୱାର ଦେଶରେ ସମସ୍ତେ ସମାନତା ପୂର୍ବକ ନ୍ୟାୟ ପାଇପାରିବେ। ତେଣୁ ପୁରୁଷମାନେ କେତେ ଦିନ ପର୍ଯ୍ୟନ୍ତ ଆଶୁତୋଷଙ୍କ ପରି ବିଷପାନ କରି ନୀଳକଣ୍ଠ ହେବେ ଏବଂ ବିଷୟାରସର ଜ୍ୱାଳାରେ ଜର୍ଜରିତ ହେଉଥିବେ ? ତେଣୁ ମାନବିକତା ଦୃଷ୍ଟିକୋଣରୁ ପୁରୁଷ ଆୟୋଗ ଗଠନ ହେବା ଜରୁରୀ ହୋଇପଡ଼ିଛି, ଯାହାଫଳରେ ସମାନତାର ଅମୃତଫଳ ଉଭୟଙ୍କୁ ପ୍ରାପ୍ତ ହେବ। ଆସନ୍ତୁ ଆମେ ସମସ୍ତେ ଏକ କଣ୍ଠରେ ଏକ ସ୍ୱରରେ ଗାନ କରିବା - ‘ଏକ ଦେଶ - ଏକ ନ୍ୟାୟ’ର ସେହି ମଙ୍ଗଳମୟ ସଙ୍ଗୀତ ‘ସର୍ବେ ଭବନ୍ତୁ ସୁଖିନଃ-ସର୍ବେ ସନ୍ତୁ ନିରାମୟ’ ର ଦିବ୍ୟବାଣୀ।

ମୋ : ୯୪୩୭୦୪୧୩୦୦

# ଆମ ସମୟର କବିତା.....

## ।। କେବେ ଯଦି ମେଘ ଆସେ ।।

ଡ. ଶ୍ରୀଧର ସାମଲ



କେବେ ଯଦି ମେଘ ଘୋଟେ ଆକାଶରେ
ହଠାତ୍ ଭେଟହୁଏ ତା ସାଥିରେ,
ଗୋଟାପଣ ଓଦା ସରସର
ତୁମ ମନସ୍କ ହୁଏ ମନ,
ଶୂନ୍ୟବାଣୀ ଶୁଭେ ଆକାଶରୁ
ଚତୁର୍ଦ୍ଦିଗ ମେଘାଛନ୍ନ,
ସତ୍ତା ସଂଭ୍ରମତାକୁ ପ୍ରତିହତ କରି
ସଂଚରିଯାଏ ଆପାଦମସ୍ତକ
ଭାବନା ରାଜ୍ୟକୁ କରେ ଅବସନ୍ନ
ଯୁଗ ଯୁଗର ଅବସୋସ,
ବର୍ଷିଯାଏ ଅସରା ଅସରା

ବିକ୍ଷିପ୍ତ ବୃଷ୍ଟିପାତରେ ଭେଦିଯାଏ
ତାଳୁରୁ ତଳିପା,
ଆନମନା କରୁଥାଏ
ଅବକ୍ଷିପ୍ତ ଅତୀତର ପ୍ରତିଟି ମଳିନ ପୃଷ୍ଠାକୁ ।

ଭାରି କଷ୍ଟ ଏ ମେଘକୁ ଭୋଗିବା
ଭାରି ଅସହଜ ଏ ଅଦିନିଆ
ବର୍ଷାରେ ଭିଜିବା,
ଚୁପ୍‌ଚାପ୍ ଆଖିରୁ ପାଣି ନିଗାଡ଼ି
ଶୋଷକୁ ଢୋକିବା,
ଛାତିକୁ ପଥର କରି ସ୍ମୃତିକୁ ପାଳିବା
ଅଫେରା ଅତୀତ ସହ ସନ୍ଧି କରି
ଆଗକୁ ମାଡ଼ିବା,
ଅଦିନିଆ ବର୍ଷାମାଡ଼ରୁ
ସହଜରେ ମୁକୁଳିବା ।

ଏବେ ଆଉ ଆକାଶରେ ବର୍ଷା ନାହିଁ
ଫଗୁଣ ଆସୁନି ଆଉ ଅବିର ଉଡ଼େଇ,
ମନ ଅଛି ସ୍ୱପ୍ନ ନାହିଁ
ସ୍ୱପ୍ନ ଅଛି ରାତି ନାହିଁ
ରାତି ଅଛି ସକାଳ ଆସୁନି ଆଉ
ନାଉହେଇ ସମୟ ପିଠିରେ ।

♥ ସମ୍ପାଦକ,
ମୌସୁମୀ ସାହିତ୍ୟ ପରିଷଦ, କେନ୍ଦ୍ରାପଡ଼ା
(ମୋ) ୯୪୩୭୬୦୭୯୯୭

## ।। ନୀଳ ନଦୀର ଡାକ ।।

ନରହରି ମିଶ୍ର

କେଉଁଠି ସେ ନୀଳନଦୀ !
କାହିଁକି ଡାକୁଛି ସେ ବାରମ୍ବାର ମୋତେ
ହାତେ ଧରି ସ୍ନେହର ଚାମଚ ଏତେ ଆବେଗରେ
ବାତ୍ସଲ୍ୟର ବୋଧିଦ୍ରୁମ ହୋଇ ସକାଳ ପ୍ରହରେ
ମୁଁ କାହିଁ ପାଉନି ତାକୁ ଖୋଜିଖୋଜି
କେବେ ହେଲେ ବେଳ ଅବେଳରେ ?

କାହିଁ ସେ ନୀଳନଦୀ !
ଏତେ ଆକର୍ଷଣ, ନମନୀୟ, କମନୀୟ ରୂପ
ଅନନ୍ତ ଆନନ୍ଦର ଢ଼େଉ ଖେଳେ ତା ଦେହରେ
ଜୀବନ ହିଁ ଖୋଜୁଥାଏ ତାକୁ ଜନ୍ମ ଜନ୍ମାନ୍ତର
ତା ପାଇଁ ଶରୀର ସାଜେ ନବୀନ ନୀରଦ ଶ୍ୟାମ
କଦମ୍ବର ଛାଇ ତଳେ ତ୍ରିଭଂଗୀ ଠାଣିର ।

ଏହା କଣ ସେଇ ନଦୀ !
ଯିଏ ବହିଯାଏ ସୁହାଗର ମିଠା ରାତି ହୋଇ
କଥା କହେ ତାରାକୁ, ଜହ୍ନକୁ, ପୁଣି ପାଣି ପବନକୁ
ବିଶ୍ୱାସର ବାଲି ଗରଡ଼ା ସବୁ
ଛାଡ଼ିଯାଏ ସମୟ ସୁଅରେ
ଜୀବନର ଚଲାପଥେ ପଛକୁ ପଛକୁ ।
ହଁ, ସେଇ ନୀଳନଦୀର ମଧୁର ସ୍ୱରକୁ
ଶୁଣିବା ପାଇଁ
ଅନେକ ଭିଜିବାକୁ ହୁଏ ଆଖିର ବର୍ଷାରେ
ଅନେକ ଶିଝିବାକୁ ହୁଏ ତତଲା ତୃଷାରେ
ସବୁ ମଧୁଜ୍ୟୋତ୍ସ୍ନା ସାଜେ ଅସରନ୍ତି ଅଂଧାର
ଆଶା, ସ୍ୱପ୍ନ ଆଉ ଯେତେ ସମ୍ଭାବନା
କାଳକବଳରୁ କେବେ ପାଏନି ନିସ୍ତାର ।
ଜୀବନ ପାଲଟେ ଏଠି ମିଛ ମରିଚୀକା
ଶ୍ମଶାନ ପାଲଟେ କଳ୍ପନାର କୁଂଜବନ ସବୁ
ମୁଠାଏ ମମତା ଆଉ କାଣିଚେ କରୁଣା ପାଇଁ
ଚିତ୍ତ ମୋର ଭ୍ରମୁଥାଏ
ଆକାଶ, ପାତାଳ, ପୃଥ୍ୱୀ ସବୁ ଦିବ୍ୟସ୍ଥାନ
ବାସ୍ତବତା କିଂତୁ କାମନାଠୁ ଶତ ଗୁଣ ଭିନ୍ନ ।

ହେଲେ ନୀଳନଦୀ ଡାକୁଥାଏ ପ୍ରତି ମୂହୁର୍ତ୍ତରେ
ମନ ତାକୁ ଖୋଜୁଥାଏ ଖୁବ୍ ବ୍ୟାକୁଳରେ ।।

♥ ଶ୍ରମବିଭାଗ, ସଚିବାଚଳୟ,
ଭୁବନେଶ୍ୱର -୧

## ।। ଲାଜ ।।

ଲତିକା ମହାପାତ୍ର



ଲାଜକୁ ସାଉଁଟି ପାରିଚି
ମୋ ସାତ ସିଆଁ ପଣତରେ ମୁଁ

ମୁହଁ ତଳକୁ ପୋତି ସଲ୍ଲଜ ଭଙ୍ଗୀରେ
ଆପଣାର ଗୌରବରେ ଗରବିଣୀ..

ମୋ ବୋଉଠୁ ଶିଖିଚି ସାଆନ୍ତେ
କେମିତି ଚାଲିବାକୁ ହୁଏ
ବସିବା ଉଠିବାକୁ ହୁଏ ସଂଭ୍ରମତାରେ..

ତୁମ ପାଠ ଜ୍ଞାନ ଗାରିମା
ମୁଦି ରଖ ତମ ଛାତି ପକେଟରେ..

ଲଜ୍ଜା ହିଁ ଗରିମା
ବସା ବାନ୍ଧି ଯାଇଚି ଆତ୍ମାରେ
ପଣତ ଖସେଇ କି ଉଡେଇ ନୁହେଁ
ପଣତ ଘୋଡେଇ
ବାଟ ଚାଲିବା ଶିଖେଇଥିଲେ
ମାଇଁ ମାଉସୀ ଖୁଡୀ ଦେଠେଇ..
କେଡେ ସୁନ୍ଦର ସେ ମଣିଷ
ପାନ ପିକ ହସ, ଲାଜ ଜର ଜର
ହୃଦୟ ଭରା ପ୍ରେମ ମମତାର ଜୁଆର..

ଏବେ ବଦଳି ଗଲାଣି କେତେ କଣ
ନିର୍ଲଜ୍ଜତା ଯୁଗ ଧର୍ମ

ନୂଆ ନାମୀ ବ୍ରାଣ୍ଡରେ
ଲାଜର ନିବାରଣ ନୁହେଁ
ଆଦିମ ପ୍ରବୃତ୍ତିର ସଗର୍ବ ବିଜ୍ଞାପନ

କହିବାକୁ ପଡେ ଆଜି ଘୋର ଲଜ୍ଜାରେ
ଛାତିରୁ ଲୁଗା ଖସେଇବା
ମୁକୁଳା ପିଠି ଦେଖେଇବା
ଶର୍ଟସ, ମିନି, ହଟ ପେଣ୍ଟ
ବିଉଟି ପାର୍ଲରର ପରସ୍ତ ପରସ୍ତ
କୃତ୍ରିମ ରଙ୍ଗରେ
ଫୁଟି ଦିଶୁଚି ଆମ ସମୟର
ଦୈନ୍ୟ, ରୁଗ୍ଣ ମନ..

ପଞ୍ଚସ୍ତରୀ ବୟସୀ ମୋ ମାଇଁ ଆଈଙ୍କ
ସରୁ ଓଢଣା,
ପାନପିକ ବୋଳା ଲାଜୁଆ ହସରେ
ତମ ହୋସ ଉଡିଯିବ ଜାଣ, ମୋ ରାଣ।

♥ ତାଳଚେର ଥର୍ମାଲ
ମୋ: ୯୮୬୧୩୮୫୫୩୯

## ।। ଶେଷଇଚ୍ଛା ।।

ସୁରେନ୍ଦ୍ର ପାଣିଗ୍ରାହୀ



ଶେଷ ଇଚ୍ଛା ମୋର ଶେଷ ହେଇଯିବ ଶେଷକଥା ଭାବି ଦିନେ
ଶେଷ ଶୟନରେ ଶୋଇବି ସେଦିନ ଅବସୋସ ତେଜି ମନେ ।
ଶେଷ ଚିଠି ମୋର ଫେରିଆସିଥିବ ଶେଷ ଠିକଣାକୁ ଖୋଜି
ଶେଷ ଗଳି ମୋଡ଼େ ଡାକବାଲା ଆସି ଦେଇଯାଇଥିବ ହେଜି ।



ସାଉଁଳୁଥିବି ମୁଁ ସବୁଜଶୋଷକୁ ମାଟି ବାଲିସିରେ ଶୋଇ
ସାପ ଭଳି ଫଣା ଟେକୁଥିବ ମନ କାମନାର ଗୀତ ଗାଇ
ସରୁ ସରୁ କଥା ଶୁଭିଯାଉଥିବ ମୋ କାନ ଝରକା ପାଶେ
ଶ୍ୟାମଳୀ ସୁଂଦରୀ ସୁକୁମାରୀ ବାଳା ଆସୁଥିବ ସ୍ମିତହାସେ ।

ସରି ଆସୁଥିବା ରାତିର ବୟସ ଶାଳମ୍ବରୀ ପିନ୍ଧିଥିବ
ସୁକୁସୁକୁ ମୋର ଜୀବନ ନାଟିକା ଶୂନରେ ଲଟକି ଥିବ
ସାରା ଜୀବନର ପୀଡ଼ାମାନ ସହି ସହି ମୁଁ ପଥର ହେଲି
ଶବଟିଏ ହୋଇ ଯାଉଛି ସଂସାର ତତଲା ବାଲିରେ ଚାଲି ।

ଶହଶହ ଆଖି ସହଳ ନୟନେ ଚାହିଁଥିବେ ଶବାଧାରେ
ଶେଷ ଇଚ୍ଛା ସଖୀ ତୁମ ସହ ପୁଣି ସଂସାର ସଜାନ୍ତି ଥରେ ।

♥ ପ୍ଲଟ୍ ନଂ-୧୫୩୧,ରୋଡ଼ ନଂ-୪
ଜଗନ୍ନାଥ ନଗର, ପୋ: ଜିଜିପି କଲୋନୀ
ଭୁବନେଶ୍ୱର-୭୫୧୦୧୦
ମୋ: ୯୪୩୭୨୮୨୯୮୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୩ ସେପ୍ଟେମ୍ବର ୨୦୨୩



# ପରମଶାସ୍ତ୍ର ଭାଗବତ




ଅନୁପମା ଭୂୟାଁ

ପରମଶାସ୍ତ୍ର ଭାଗବତ । ଭାବ, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱ ମାର୍ଗର ପ୍ରଦର୍ଶକ । ଅନ୍ୟ ଅର୍ଥରେ ଭଗବାନଙ୍କ ସାକ୍ଷାତ ସ୍ୱରୂପ ହେଉଛନ୍ତି ଶ୍ରୀମଦ୍‌ଭାଗବତ । ମାନବ କଲ୍ୟାଣ ପାଇଁ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ ଅଷ୍ଟାଦଶ ପୁରାଣ ଗ୍ରନ୍ଥ ରଚନା କରିବା ପରେ ବିଚାର କଲେ ଯେ ସ୍ୱଳ୍ପ ଆୟୁଷ କାଳ ମଧ୍ୟରେ ଅନନ୍ତ ଶାସ୍ତ୍ରକୁ ଅଧ୍ୟୟନ କରି ସାରତତ୍ତ୍ୱକୁ ପରିଜ୍ଞାତ ହେବା ସମ୍ଭବପର ନୁହେଁ । ତେଣୁ ସକଳ ଶାସ୍ତ୍ରର ସାରତତ୍ତ୍ୱକୁ ସନ୍ନିବିଷ୍ଟ କରି ବ୍ୟାସଦେବ ରଚନା କରିଥିଲେ ଶ୍ରୀମଭାଗବତ ମହାପୁରାଣ । ବେଦ ଚତୁଷ୍ଟୟକୁ କଳ୍ପବୃକ୍ଷ ରୂପେ ଋଷିଗଣ କଳ୍ପନା କରିଥିବାବେଳେ ଶ୍ରୀମଦ୍‌ଭାଗବତ ହେଉଛି ସେହି ବେଦ କଳ୍ପତରୁର ସୁମଧୁର ପକ୍ୱଫଳ । ଏହି ଦିବ୍ୟ ଫଳ ପାଚି ଝଡ଼ିବା ପରେ ଶୁକଦେବ ଏଥିରେ ଚଞ୍ଚୁ ଆଘାତ କରି ସ୍ୱାଦ ଅସ୍ୱାଦନ କଲେ । ଶୁକମୁଖ ଦ୍ୱାରା ନଷ୍ଟ ହୋଇ ସେଥିରୁ ଅମୃତରସ ଝରିଆସିଲା । ବିବିଧ ରସର ଭଣ୍ଡାର ଭାଗବତର ଦିବ୍ୟ ଅମୃତସରକୁ ମର୍ମଜ୍ଞ ରସିକ ପୁରୁଷମାନେ ପାନ କରିବାରେ ଲାଗିଲେ । ବାସ୍ତବରେ ଶ୍ରୀମଦ୍‌ଭାଗବତରେ ଅନେକ ମତର ସମନ୍ୱୟତା ପ୍ରତିପାଦିତ ହୋଇଛି । ଏହି ମହାନ୍ ଗ୍ରନ୍ଥ ହେଉଛି ବିଦ୍ୟାର ଭଣ୍ଡାର । ବାରଟି ସ୍କନ୍ଧରେ ବିଭକ୍ତ ଭାଗବତ ଶାସ୍ତ୍ରରେ ଷଡ଼ ସମ୍ବାଦ ମାଧ୍ୟମରେ ସକାମ କର୍ମ, ନିଷ୍କାମ କର୍ମ, ସକାମ ଓ ନିଷ୍କାମ୍ ଭକ୍ତର ବିବିଧ ସ୍ୱରୂପ, ସାଧନ ଜ୍ଞାନ, ସାଧଜ୍ଞାନ, ମର୍ଯ୍ୟାଦାମାର୍ଗ, ବର୍ଣ୍ଣାଶ୍ରମ ଧର୍ମ, ପୌରୁଷର ସାଧନ, ଅବତାର ରହସ୍ୟ, ଧର୍ମର ଆଶ୍ରୟ, ହରିଭକ୍ତ ରସାମୃତ, ସୃଷ୍ଟିସ୍ଥିତି ପ୍ରଳୟାଦି ବିବରଣ ଓ ଦ୍ୱୈତ-ଅଦ୍ୱୈତ ଦର୍ଶନର ଅବତାରଣା କରାଯାଇଛି । ଏହି ଶାସ୍ତ୍ର ପରମାର୍ଥ ସହିତ ସାଂସାରିକ ଜୀବନକୁ ସୁଖମୟ ଓ ଉନ୍ନତି କରିବା ପାଇଁ ମାର୍ଗଦର୍ଶକ । ସକଳ ବିଘ୍ନନାଶ ପାଇଁ ନାରାୟଣ କବଚ, କାମନା ପୂର୍ତ୍ତି ପାଇଁ ଫୁସବନ ବ୍ରତ, ମନୋବାଞ୍ଛିତ ସନ୍ତାନ ସନ୍ତିତ ପାଇଁ ପୟୋବ୍ରତ, ଋଣମୁକ୍ତି ପାଇଁ ଗଜେନ୍ଦ୍ରସ୍ତୁତି ଆଦି ଅବ୍ୟର୍ଥ ଉପାୟ ସବୁ ଏହି ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ଇହଲୋକ ଓ ପରଲୋକରେ କଲ୍ୟାଣକାରୀ ଏହି ଶାସ୍ତ୍ରକୁ ପରମହଂସ ସଂହିତା ବୋଲି ମଧ୍ୟ କୁହାଯାଏ ।

ଆଶ୍ୱିନ ମାସ ପ୍ରଥମ ଦିନ ପୂର୍ଣ୍ଣିମା ତିଥିକୁ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ବା ଶ୍ରୀମଦ୍ ଭାଗବତ ଜୟନ୍ତୀ ବୋଲଇ ଆମ ହିନ୍ଦୁ ମତରେ ସ୍ୱତନ୍ତ୍ର ଦିବସ ଭାବେ ଆଧ୍ୟାତ୍ମିକ ଚେତନାରେ ପାଳନ କରାଯାଏ । ଏହାର ପରଦିନ ଅପରପକ୍ଷ ପିତୃତର୍ପଣ ଆରମ୍ଭ ହୁଏ । ଏହି ଦିବସଟି ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ବିଶେଷ ଦିବସ । ହିନ୍ଦୁମାନଙ୍କ ମତରେ ଏହି ଦିନ ମହାପୁରୁଷ ଭଗବାନ ବ୍ୟାସ ଦେବଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତା ରଚିତ ହୋଇଥିଲା । ଅନ୍ୟ ତିନି ଯୁଗ ତୁଳନାରେ କଳିଯୁଗରେ ମଣିଷମାନେ ଅଳ୍ପାୟୁଷ, ଦିଗଭ୍ରଷ୍ଟ ଏବଂ ଅଜ୍ଞାନ ହୋଇଥାଆନ୍ତି । ସେମାନେ କିପରି ନିଜର ଧର୍ମକୁ ନିଜେ ପାଳନ କରିବେ ସେଥିନିମନ୍ତେ ମହର୍ଷି ବ୍ୟାସଦେବ ସ୍ୱରଚିତ ଭାଗବତରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ଭାଗବତ ହେଉଛି କାଳଜୟୀ ଏବଂ ଅମର । ଏହାର ଲେଖା ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଏକାନ୍ତ ଆବଶ୍ୟକ । ନୈଷ୍ଠିକ ହିନ୍ଦୁ ପରିବାରରେ ଭାଗବତ ପ୍ରତିଦିନ ପାଠ କରାଯାଏ । ଭାଗବତକୁ ପଠନ କରୁଥିବା ଏବଂ ଶ୍ରବଣ କରୁଥିବା ଧର୍ମାତ୍ମା ବାସ୍ତବରେ ମହାନ୍ । ଗାଁ ଗାଁରେ ଦେବାଳୟରେ, ମନ୍ଦିରମାନଙ୍କରେ, ଧର୍ମପୀଠରେ ଭାଗବତ ଟୁଙ୍ଗିମାନ ପ୍ରତିଷ୍ଠା କରାଯାଇ ଦେଶ, ଜାତି ତଥା ବ୍ୟକ୍ତିର ଉନ୍ନତି ପାଇଁ ଭାଗବତ ପାଠ କରାଯାଏ ।

ଭଗବାନ ବ୍ୟାସଦେବ ବେଦ, ଉପନିଷଦ, ମହାଭାରତ, ଗାୟତ୍ରୀ ଏବଂ ପୁରାଣ ରଚନା କରି ସେତିକିରେ ସନ୍ତୋଷ ନଥିଲେ । ତେଣୁ ସେ ଜଗତ କଲ୍ୟାଣର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମର୍ଷି ନାରଦଙ୍କ ପରାମର୍ଶରେ ରଚନା କରିଥିଲେ । ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି । ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ । ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ମାତାଙ୍କ ଅନୁରୋଧ ରକ୍ଷା କରି ବ୍ୟାସକୃତ ଶ୍ରୀମଦ୍ ଭାଗବତକୁ ଓଡ଼ିଶା ନବାକ୍ଷରୀ ଛନ୍ଦରେ ରଚନା କରିଛନ୍ତି । ଯାହାକୁ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ଗ୍ରାମେ ଗ୍ରାମେ ଭଗବତ ଟୁଙ୍ଗିମାଧ୍ୟମରେ ଭାଗବତ ବାଣୀ ପ୍ରଚାର ଓ ପ୍ରସାର କରାଇଥିଲେ ।

ଭାଗବତକୁ ଭଗବାନଙ୍କ ପ୍ରତ୍ୟକ୍ଷ ରୂପ ବୋଲି ମନେକରି ହିନ୍ଦୁ ଧର୍ମର ପ୍ରତ୍ୟେକ ଘରେ ଘରେ ଆସ୍ଥାନରେ ରଖି ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଉଛି । ଭାଗବତ ପଢ଼ିବା ଦ୍ୱାରା ସକଳ ପାପତାପ ରୋଗ ଆଦି ଦୂରୀଭୂତ ହୁଏ ବୋଲି ବିଶ୍ୱାସ । ଶ୍ରୀମନ୍ଦିରରେ ଭାଗବତ ପାଠର ପରମ୍ପରା ସ୍ୱତନ୍ତ୍ର ଭାବରେ ରହିଅଛି । ଆଜିର ଦିବସରେ ଭାଗବତ ରଚନା ହୋଇଥିବାରୁ ଏହି ଦିବସକୁ ଆମ ସଂସ୍କୃତିରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ ।

ବ୍ୟାସରଚିତ ସଂସ୍କୃତ ଭାଗବତର ପ୍ରଥମ ଟୀକାକାର ହେଉଛନ୍ତି ଆଚାର୍ଯ୍ୟ ଶ୍ରୀଧରସ୍ୱାମୀ । ଶ୍ରୀଧରଙ୍କ ଟୀକା ପରେ ଭାଗବତ ଶାସ୍ତ୍ର ଭାରତବର୍ଷର ମୁଖ୍ରକାମୀ ଅଗଣିତ ବିଦ୍ୱାନ ଓ ଶ୍ରଦ୍ଧାଳୁଙ୍କ ପଥପ୍ରଦର୍ଶକ ସାଜିଥିଲା । ଏହି ଟୀକା ମାଧ୍ୟମରେ ଭକ୍ତଗଣ ଭାଗବତର ମର୍ମ ବୁଝିବାକୁ ସକ୍ଷମ ହୋଇଥିଲେ । ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ଉତ୍କଳଭୂମିରେ ପଞ୍ଚସାଖା ଯୁଗୀୟ ଜ୍ଞାନାମିଶ୍ରିତ ଭକ୍ତିମାର୍ଗର ପ୍ରଚାର ହୋଇଥିଲା । ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡ଼ିଆ ଭାଗବତ ରଚନା କରାଯାଇଥିଲା । ନିଜ ଜନନୀର ଇଚ୍ଛା ପୂରଣ କରିବାକୁ ଯାଇ ଯେଉଁ ମହାଶାସ୍ତ୍ର ରଚିତ ହେଲା, ତାହା ଆଜି ବି ଉତ୍କଳୀୟଙ୍କ ମାର୍ଗଦର୍ଶକ ସାଜିଛି । ପୁରୀ ନିକଟସ୍ଥ କପିଳେଶ୍ୱରପୁର ବ୍ରାହ୍ମଣଶାସନରେ ରାଧାଷ୍ଟମୀରେ ଜନ୍ମ ନେଇଥିଲେ ଜଗନ୍ନାଥ । ପୁରାଣପଣ୍ଡା ଭଗବାନ ଦାଶ ତାଙ୍କର ପିତା ଓ ମାତାଙ୍କ ନାମ ପଦ୍ମାବତୀ । ପିତାଙ୍କ ଦେହାନ୍ତେ ତାଙ୍କୁ ବଡ଼ଦେଉଳରେ ପୁରାଣ ପଢ଼ିବା ବୃତ୍ତିକୁ ଆଦରିନେବାକୁ ପଡ଼ିଥିଲା । ଏହା କିନ୍ତୁ ଥିଲା ମଣିକାଞ୍ଚନ ସଂଯୋଗ । ଆବାଲ୍ୟ ହରିଭକ୍ତ ଜଗନ୍ନାଥଙ୍କୁ ମିଳିଲା ମହାପ୍ରଭୁଙ୍କ ନିକଟରେ ବସି ତାଙ୍କରି ଯଶରାଶିକୁ ପଠନ ଓ ମନନ କରିବାର ଅହୋଭାଗ୍ୟ । ତେବେ ଗୋଟିଏ ଦୁଃଖ । ନିଜର ଅପାଠୋଇ ମାତା ବୁଝିପାରୁ ନାହାନ୍ତି ସଂସ୍କୃତ ଭାଗବତର ଅର୍ଥ । ଜନନୀଙ୍କ ଇଚ୍ଛା ଦୂର କରିବାକୁ ମନରେ ଚିନ୍ତା କରି ପରମେଶ୍ୱରଙ୍କୁ ସେ ଧ୍ୟାନ କଲେ । ସରଳ ସୁନ୍ଦର ନବାକ୍ଷରୀ ବୃତ୍ତରେ ଆରମ୍ଭ କଲେ ସଂସ୍କୃତ ଭାଗବତର ଓଡ଼ିଆ ଅନୁବାଦ । ନିଜେ ରଚନା କରିଥିବା ପଂକ୍ତିଗୁଡ଼ିକୁ ପ୍ରଥମେ ଜଗନ୍ନାଥଙ୍କୁ ଶୁଣାଇ ଦାସେ ବଟଗଣେଶ ମୂଳେ ବସି ପୁରାଣ ପାଠ କରନ୍ତି । ଏକଦା ଭେଟ ହେଲେ ଶ୍ରୀଚୈତନ୍ୟ ମହାପ୍ରଭୁ । ଦାସଙ୍କ ଭାଗବତ ଚର୍ଚ୍ଚାରେ ମୁଗ୍ଧ ହୋଇ ମୁଣ୍ଡରେ ଭିଡ଼ିଦେଲେ ନିଜର ଉତ୍ତରୀୟ । ସହର୍ଷେ କୋଳାଗ୍ରତ କରିବା ସହ ସେଇଦିନ ଭୂଷିତ କରିଥିଲେ ଅତିବଡ଼ି ଉପାଧିରେ । ଅନେକ କଠିନ ପରୀକ୍ଷାର ସମ୍ମୁଖୀନ ହୋଇ ନିଜ ଭକ୍ତିର ପରାକାଷ୍ଠା ବଳରେ ରାଜା ପ୍ରତାପରୁଦ୍ରଙ୍କୁ ଚମକିତ କରିବା ପରେ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିଲା ବଡ଼ ଓଡ଼ିଆମଠ । କିନ୍ତୁ ନିଜର ସାଧନା ପାଇଁ ସେ ନିର୍ଜନ ବେଳାଭୂମିରେ ସ୍ଥାପନ କରିଥିଲେ ସାତଲହଡ଼ି ମଠ । ଏଠାରେ ରହି ରଚନା କଲେ ଓଡ଼ିଆ ଭାଗବତ ଏକାଦଶ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଗମନଲୀଳା । ଲେଖିସାରିବାର ଅଳ୍ପଦିନ ପରେ ମାଘ ଶୁକ୍ଳ ସପ୍ତମୀରେ ତାଙ୍କର ଲୀଳାବସାନ ହୋଇଥିଲା । ସନ୍ଥକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ମୂଳ ଭାଗବତ ଆଧାରରେ ରଚିତ ହୋଇଥିଲେ ବି ଏହା ଆକ୍ଷରିକ ଅନୁବାଦ ନୁହେଁ । ପ୍ରକୃତ ଭାଷାରେ ରଚିତ ଏହି କୃଷ୍ଣ ରଚିତ ଗାଥା । ଏଥିରେ କବିଙ୍କର ଭାଷା ଚାତୁରି ଓ କାବ୍ୟକତା ଅନନ୍ୟ ଭାବେ ପ୍ରତିପାଦିତ । ଜଗନ୍ନାଥ ଦାସ ମୋଟ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିବାବେଳେ ମହାଦେବ ଦାସଙ୍କ ରଚିତ ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ମଧ୍ୟ ଉପଲବ୍ଧ ହୁଏ । ତେବେ ମଧ୍ୟଯୁଗୀୟ ଓଡ଼ିଶାରେ ଭାଗବତ ହିଁ ଧର୍ମ ଆନ୍ଦୋଳନରେ ମୁଖ୍ୟ ପୁରୋଧା ଥିବା ଗବେଷକମାନେ ମତ ଦିଅନ୍ତି । ଏହା ଷୋଡ଼ଶ ଶତାବ୍ଦୀ ଠାରୁ ଉତ୍କଳୀୟ ଧର୍ମଧାରାକୁ ଅନେକ ପରିମାଣରେ ପ୍ରଭାବିତ କରିଆସୁଛି । ଲୋକେ କଥାକଥାରେ ଭାଗବତ ପଂକ୍ତି ଉଦ୍ଧାର କରନ୍ତି । ପ୍ରତିଘରେ ଭାଗବତକୁ ପୂଜା କରାଯାଉଥିବାବେଳେ ଗାଁ ଗାଁରେ ଭାଗବତ ଟୁଙ୍ଗୀ ମାଧ୍ୟମରେ ଜ୍ଞାନଚର୍ଚ୍ଚା ହୋଇପାରୁଥିଲା । ଭାଦ୍ରବ ପୂର୍ଣ୍ଣିମାରେ ଜଗନ୍ନାଥ ଦାସ ଭାଗବତ ଲେଖା ଆରମ୍ଭ କରିଥିବା ଜନଶ୍ରୁତି ଆଧାରରେ ଏହି ଦିନ ଭାଗବତ ଜନ୍ମ ଓ ଆଷାଢ଼ ଗୁରୁ ପୂର୍ଣ୍ଣିମାରେ ବଡ଼ା ଉତ୍ସବ ପାଳିତ ହେଉଥିଲା । ଏବେ କିନ୍ତୁ ଆଧୁନିକତା ନାମରେ ଏହିସବୁ ବୈଭବ ଲୋପ ପାଇଯାଉଥିବା ଦେଖାଯାଉଛି । ତେବେ ପରମଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜର କଲ୍ୟାଣ ପାଇଁ ତଥା ଆତ୍ମୋଦ୍ଧାର ପାଇଁ ନିରନ୍ତର ଭାଗବତ ରସ ଆସ୍ୱାଦନ କରିବା ଆବଶ୍ୟକ । ଏହାଦ୍ୱାରା ମାନବ ଜୀବନ ଚରିତାର୍ଥ ହୋଇଥାଏ ।

❤ 'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ

ଗୋଟେ ଅନୁଭବୀ ଗପ

# ସେମାନଙ୍କ ପାଇଁ ଗପଟିଏ



କମଳ ଦାସ

ସେମାନେ। ସେମାନେ ବୋଇଲେ ତନୁଶ୍ରୀ, ମୋନାଲିସା, ପ୍ରଜ୍ଞାପଲ୍ଲବୀ, ଦେବସ୍ମିତା, ସୁନିତା, ସୁପ୍ରୀତ, ସତ୍ୟଜିତ, ଦିବ୍ୟରଞ୍ଜନ। ସମସ୍ତେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ। ଏମାନଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱ ବେଶ୍ ମଧୁର। ମନଦେଇ ପାଠ ବି ପଢ଼ନ୍ତି। ଦୈନିକ ସକାଳୁ ସକାଳୁ ତାଙ୍କ ସ୍କୁଲ୍ ଶିକ୍ଷୟିତ୍ରୀଙ୍କ ପାଖକୁ ଆସନ୍ତି ଟିଉସନ୍ ହେବାକୁ। ହଠାତ୍ ଦିନେ ସେମାନଙ୍କ ମନ କ'ଣ ହେଲା କେଜାଣି, ଦାସବାବୁଙ୍କଠାରେ ଅଳିକରି ବସିଲେ ଗପଟିଏ ଶୁଣିବା ପାଇଁ। ବିଶେଷକରି ପ୍ରଜ୍ଞାପଲ୍ଲବୀ ଆତ୍ମୀୟତାର ସହ ଖୁବ୍ ଜିଦ୍‌ଧରି ଦାସବାବୁଙ୍କୁ କହିଲା, "ଅଙ୍କଲ୍, ଆଜି ପଢ଼ିବାକୁ ମନବଳୁନି। ଯେହେତୁ ଆପଣ ଲେଖାଲେଖି କରନ୍ତି, ଏଣୁ ଆପଣ ଆମକୁ ଗପଟିଏ କୁହନ୍ତୁ।"

ପ୍ରଜ୍ଞାପଲ୍ଲବୀର ଚଳଚଞ୍ଚଳ ଆଖିର ଚାହାଁଣୀ, ଆପଣାପଣର ଜିଦ୍ ମନୋଭାବ, ଏତଦ୍‌ଭିନ୍ନ ଗପ ଶୁଣିବାର ଅଭିପ୍ରାୟ ନେଇ ଏକଲୟରେ ଚାତକ ପରି ଦାସବାବୁଙ୍କ ମୁହଁକୁ ଚାହିଁରହିଥିବା ଅନ୍ୟମାନଙ୍କ କଅଁଳ ଚାହାଣୀକୁ ସ୍କୁଲ୍ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଦାସବାବୁ ଆତ୍ମସ୍ଥ କରି ଖୁସି ଗଦ୍‌ଗଦ୍ ହୋଇଗଲେ। ସେମାନଙ୍କ ଅଳିକୁ ଏଡ଼ାଇ ନପାରି ମୁରୁକି ହସି ଚେୟାର୍‌ରେ ବସିପଡ଼ିଲେ ଓ ସେମାନଙ୍କୁ ଗପଟିଏ କହିଲେ।

X X X X X

ଘରର ପଶ୍ଚିମପଟ ବାଲ୍‌କୋନୀରେ ପଡ଼ିଥିବା ଚେୟାରରେ ବସି ରାନୁ ଏକଲୟରେ ଅନାଇ ରହିଥିଲା ଦୂର ଦିଗ୍‌ବଳୟକୁ। ଭାବନାରେ ସେ ଖୁବ୍ ମଜ୍ଜିଯାଇଥିଲା; ଆଃ, କି ଅପୂର୍ବ ଦୃଶ୍ୟ ସତେ! ଏଠି ଆକାଶ ଓ ପୃଥିବୀ ଭିତରେ କି ଗହନ ସଂପର୍କ !! ଦୂରରୁ ଦୁହିଁଙ୍କର ସଂପର୍କ କି' ଗହନ ଆଉ ମଧୁର! ଅଥଚ ପାଖରେ କାହିଁକି ଏତେ ଦୂରତ୍ୱ? ସତରେ ଦୂର ସଂପର୍କଟା ପାଖ ସଂପର୍କଠାରୁ ଖୁବ୍ ନିବିଡ଼, ଖୁବ୍ ମଧୁର....।

- ମା' କ୍ଷୀରଟା ପିଇଦିଅ....

ପ୍ରକୃତିସ୍ଥ ହେଇଗଲା ରାନୁ। ପଛକୁ ଘୂରିପଡ଼ିଲା। ମୁରୁକି ହସିଦେଇ କହିଲା, 'ଦିଅ ମାଉସୀ....।'

ମାଉସୀର ବୟସ ପାଖାପାଖି ପଞ୍ଚାବନ କି ଷାଠିଏ ହେବ। ବଡ଼ ଅଭାଗିନୀଟେ। ଗୋଟିଏ ବୋଲି ପୁଅ ଓ ତା' ଗିରସ୍ତ ଗୋଟେ ସଡ଼କ ଦୁର୍ଘଟଣାର ଶିକାର ହେଇ ତାକୁ କେବେଠୁଁ ପରକରି ଆରପାରିକୁ ଚାଲିଯାଇଚନ୍ତି। ତା' ଶାଶୁଘର କି ବାପଘରର ଲୋକ କେହି ନାହାନ୍ତି। ବିଚରା ଭିକ୍ଷାବୃତ୍ତି କରି ଚଳୁଥିଲା। ଦିନେ ସକାଳୁ ସକାଳୁ ଏମିତି ସେ ଭିକ୍ଷା ମାଗିବାକୁ ଆସିଥିଲା ଏଇ ଘରକୁ। ରାନୁର ବର ଅମିତ ପଚାରିଲେ, 'ଆଚ୍ଛା ମାଉସୀ, ତମେ ଆଉ ଭିକ୍ଷା ବୃତ୍ତି ନ କରି ଆମ ଘରେ ରହିଯାଉନ। ତମେ ତ ଆମ ମାଆ ପରି । ଆମର ଘରକୁ ଆଉ କେହି ନାହାନ୍ତି । ମୁଁ ତ ବ୍ୟବସାୟ ପାଇଁ ସଦାବେଳେ ବାହାରେ ରହୁଚି। ମାସରେ ଥରେ ଅଧେ ଘରକୁ ଦି'ଚାରିଦିନ ପାଇଁ ଆସୁଚି। ଘରେ ଏକୁଟିଆ ହେଇ ରହୁଚି ରାନୁ। ତମେ ଯଦି ରୁହନ୍ତ ତେବେ ଘରେ ଦି'ଜଣ ହେଇଯାଆନ୍ତ। ଦୁଃଖ,ସୁଖ ହେଇ ଦିନ କଟିଯାଆନ୍ତା । ଘରର କାମଦାମ ବି ଟିକେ କରନ୍ତ। ନା' କ'ଣ କହୁଚ?'

ସେତେବେଳକୁ ସେଠି ରାନୁ ବି ପହଞ୍ଚିସାରିଥିଲା। ନିଜର ମଣିଷ ପରି ମାଉସୀର ହାତଧରି ସେ ଜୋର୍‌କରି କହିଲା, 'ଘରକୁ ଆସ ମାଉସୀ, ଆଜିଠୁ ଆମ ଘରେ ରହିବ।'

ସେଦିନ ଅଜଣା, ଅଚିହ୍ନା ସତ୍ତ୍ୱେ ଅମିତ ଓ ରାନୁର ଏମିତିକା ଆତ୍ମୀୟତାର କଥା ଶୁଣି ବେସାହାର ହେଇ ଜୀବନ ବିତାଉଥିବା ମାଉସୀର ଆଖି ଛଳଛଳ ହୋଇଗଲା । ବାସ୍ ସେଇଦିନୁ ଯେ ସେ ଏ ଘରେ ରହିଚି ଦେଖୁଦେଖୁ ଆଜକୁ ପାଞ୍ଚବର୍ଷ ବିତିଗଲଣି ।

କ୍ଷୀର ପିଇସାରି ଗ୍ଲାସ୍‌ଟା ବଢ଼ାଇଦେଇ ରାନୁ କହିଲା, 'ଦେଖୁଛତ ମାଉସୀ ଆଜି ସକାଳର ପ୍ରକୃତିଟା କେଡ଼େ ସୁନ୍ଦର ମଧୁର ଲାଗୁଚି। ଆକାଶରେ କେମିତି ଭାସୁଚି ଖଣ୍ଡଖଣ୍ଡ ମେଘ, ଦକ୍ଷିଣ ଦିଗରୁ ବହୁଚି ମୃଦୁ ମଳୟ, ପକ୍ଷୀମାନଙ୍କ କଳରବରେ ପୁଲକି ଉଠୁଚି ସାରା ବାତାବରଣ......।'

- ମା' ଏ ତ ସବୁ ସେଇ ଈଶ୍ୱରଙ୍କ ସୃଷ୍ଟି। ତାଙ୍କ ସୃଷ୍ଟି କ'ଣ କେବେ ଖରାପ ହେଇପାରେ ?

ହସିଉଠି ରାନୁ କହିଲା, 'ହଁ ମାଉସୀ ଠିକ୍ କହିଚ। ସେ ଯେମିତି ଭଲ, ତାଙ୍କ ସୃଷ୍ଟି ବି ସେମିତି ଭଲ ।'

ରାନୁ ଓ ମାଉସୀ କଥାବାର୍ତ୍ତା ହେଉଥିବା ବେଳେ ସକାଳୁ ବାହାରି ଯାଇଥିବା ପାରାଟିଏ ଥଣ୍ଟରେ କାଠିଟିଏ ଧରି ଫୁର୍‌କିନା ଉଡ଼ିଆସି ବାଲ୍‌କୋନୀର ଗୋଟିଏ କୋଣରେ ଟଙ୍ଗା ହୋଇଥିବା ପାଛିଆ ଭିତରେ ବସିପଡ଼ିଲା।

ରାନୁ ଗର୍ଭଧାରଣ କରିବା ଦିନରୁ ପାରାଟି ଆସି ବାଲ୍‌କୋନୀ କାନ୍ଥଖୋପରେ ବସି ବାରମ୍ବାର କୁରୁଡୁ.....କୁରୁଡୁ..... କରିବାର ଦେଖି ଥରେ ମାଉସୀକୁ ବଜାର ପଠାଇ ଏଇ ପାଛିଆଟି ରାନୁ କିଣି ଆଣି ବାଲ୍‌କୋନୀରେ ଟାଙ୍ଗିଦେଲା ତା'ପାଇଁ ।

ସେଦିନ ମାଉସୀ ଆଗ୍ରହରେ ରାନୁକୁ ପଚାରିଥିଲା, 'ମା' କାହିଁକ ଏ ପାରାଟା ପାଇଁ ପଇସା ଖର୍ଚ୍ଚକରି ପାଛିଆ କିଣିଆଣି ଟାଙ୍ଗୁଛ ଜାଣେ?'



ରାନୁ ହସିହସି ଉତ୍ତର ଦେଇଥିଲା, 'ମାଉସୀ, ମୁଁ ପରା ମାଆ ହେବାକୁ ଯାଉଛି। ଏଣୁ ମୁଁ ଭଲଭାବେ ବୁଝିପାରୁଛି ଯେ, ଏଇ ପାରାଟି ବସାଟିଏ ଖୋଜୁଛି। ବସାଟିଏ ହୋଇଗଲେ ସେ ଅଣ୍ଡାଦେଇ ସେଥିରୁ ତା'ର ପିଲା ଜନ୍ମ କରାଇ ସେ ବି ମୋ ପରି ମା' ହେବ। ଏଣୁ.....।'

ରାନୁର କଥା ଶୁଣି ସ୍ତବ୍ଧ ହେଇଗଲା ମାଉସୀ। ଯେହେତୁ ସେ ଜଣେ ନାରୀ। ତା'ର ମାତୃତ୍ୱ ବି ଜାଗରିତ ହେଇଉଠିଲା ସେହିକ୍ଷଣି। ରାନୁର ମୁଣ୍ଡ ଆଉଁସୀଦେଇ ସେ କହିଲା, 'ମା' ଭଗବାନ ତମର ମଙ୍ଗଳ କରନ୍ତୁ.....।'

ପାରାଟି ଥଣ୍ଟରେ କାଠିକୁଟା ଧରି ଆସିବା ଦେଖି ରାନୁ ହସିଉଠି କହିଲା, 'ଦେଖୁଛ ତ ମାଉସୀ ପାରାଟି କେଡ଼େ ସ୍ୱାଭିମାନୀ। ଆମେ ତା' ପାଇଁ ପାଛିଆ ଟାଙ୍ଗିଲେ ବି ସେ କେମିତି ସେଥିରେ ଅଣ୍ଡା ନ ଦେଇ ପାଛିଆ ଭିତରେ ନିଜର ଏକ ସ୍ୱତନ୍ତ୍ର ବସାଟିଏ କରିବ ବୋଲି କାଠିକୁଟା ଆଣୁଚି...।'

'ହଉ ମା' ଏତିକି ଥାଉ। ଚାଲ, ଏଥର ଟିକେ ବିଛଣାରେ ଗଡ଼ପଡ଼ ହେବ, ଚାଲିଲ । ଡାକ୍ତର ପରା କହିଚନ୍ତି ଆର ସପ୍ତାହରେ ତମର ଡେଲିଭେରି ହବ। ବାବୁ ତ ଆଜି ସଂଜକୁ ଆସି ପହଞ୍ଚିଯିବେ...' କହୁକହୁ ରାନୁକୁ ଚେୟାରରୁ ଉଠାଇବା ପାଇଁ ତା'ର ହାତକୁ ଆସ୍ତେକି ଧରିନେଲା ମାଉସୀ।

ମୁରୁକି ହସି ରାନୁ କହିଲା, 'ହଉ ତେବେ, ଚାଲ ମାଉସୀ....।'

ନିଜର ଫୁଲାଳିଆ ପେଟରେ ହାତରଖି ଚେୟାରରୁ ଧିରେକି ଉଠିପଡ଼ିଲା ରାନୁ। ପାରା ଆଡ଼କୁ ଆଖିପକାଇ କହିଲା, 'ମାଉସୀଗୋ, ଏ ବିଚରାଟାକୁ ଗୋଟେ ତାଟିଆରେ ଚାଉଳ ଦି'ମୁଠା ଆଣି ତା' ବସାକୁ ଲଗାଇ ଦେଇ ଦିଅ ତ; ସେ ଖାଉ......।'

ପାରାଟି ପ୍ରତି ରାନୁର ଏତେ ଭଲପାଇବା ଦେଖି ଆତ୍ମହରା ହେଇ ଯାଉଥିଲା ମାଉସୀ । କହିଲା, 'ଠିକ୍ ଅଛି ମା', ମୁଁ ଦେଇ ଦେବି । ହେଲେ ତମେ ଚାଲିଲ ଆଗ ବିଶ୍ରାମ ନବ। ତମେ ଶୋଇରହି ବିଶ୍ରାମ ନେଲେ ତମ ଦିହର ପିଲାଟା ଟିକେ ଖେଳାବୁଲା କରିବ ପରା......।'

ମୁରୁକି ହସିଲା ରାନୁ। ଦୁହେଁ ପଶିଗଲେ ଘର ଭିତରକୁ ।

ଦେଖୁଦେଖୁ ଏହାରି ଭିତରେ ଦି'ମାସ ବିତିଗଲାଣି। ରାନୁର ପୁଅଟେ ହେଇଚି। ପାରାଟି ବି ପାଛିଆରେ କାଠିକୁଟା ଆଣି ସୁନ୍ଦର ବସାଟିଏ ବାନ୍ଧି ସେଥିରେ ଯୋଡ଼ାଏ ଅଣ୍ଡା ଦେଇଚି। ଅଣ୍ଡା ଉପରେ ଦିନରାତି ବସିରହୁଚି।

ଦୈନିକ ପୁଅକୁ କୋଳରେ ଧରି ଗୁଣୁଗୁଣୁ ଗୀତ ଗାଉଥିବା ରାନୁର ଆଖି ପାରାଟି ଉପରେ ଦିନେ ପଡ଼ିଯିବା ମାତ୍ରେ ସେ ଡାକ ପକାଇଲା, 'ଏ ମାଉସୀ, ଆଜି ତାଟିଆରେ ପାରାକୁ ଦି'ଟା ଚାଉଳ ଆଉ ଗିନାରେ ଟିକେ ପାଣି ଦେଇଚନା.....?'

'ନା ମା' ଦେଇନି । ଟିକେ ରୁହ, ଆଗ ଘର କାମ ସାରିଦିଏ.....', ଉତ୍ତର ଦେଲା ମାଉସୀ ।

'ଥାଉ ଥାଉ ସେ ଘର କାମ ପଛେ କରିବ, ଆଗ ପାରାକୁ ଚାଉଳ,ପାଣି ଦେଇ ଦିଅ....। ବିଚରାକୁ ଭୋକ, ଶୋଷ ଲାଗୁଥିବ ନିଶ୍ଚୟ....।'

- ହଉ ମା' ଯାଉଚି....।

ତାଟିଆରେ ଦି'ମୁଠା ଚାଉଳ ଓ ଗିନାଏ ପାଣି ଆଣି ଅଣ୍ଡା ଉପରେ ବସିଥିବା ପାରାଟି ପାଖରେ ଥୋଇଦେଲା ମାଉସୀ। ନିର୍ଭୟରେ ପାରାଟି ସେମିତି ଅଣ୍ଡା ଉପରେ ବସିରହି ଚାଉଳ ତାଟିଆରେ ଦି'ଖୁମ୍ପ ମାରି ପାଣିଗିନାରେ ଥଣ୍ଟ ବୁଡ଼ାଇଲା।

ରାନୁ ଆଡ଼କୁ ଅନାଇ ମାଉସୀ ପଚାରିଲା, 'ଆଚ୍ଛା ମା', ପାରାଟି ଉପରେ ତମେ ଦିନକୁ ଦିନ ଏତେ ସ୍ନେହ ନିଜର ରଖୁଛ କାହିଁକି?'

ରାନୁ ହସିହସି ଉତ୍ତର ଦେଲା, 'ମୁଁ ପରା ଜଣେ ମାଆ ।'

ମାଉସୀ ହସିଉଠି କହିଲା, 'ମା' ତମ ଭଳିଆ ମଣିଷ ପାଖରେ ରହି ମୋ ଜୀବନ ସାର୍ଥକ ହେଇଗଲା.....।'

'ହଉ ହେଲା, ପୁଅକୁ ଟିକେ ଧରିଲ, ମୁଁ ବାଥ୍‌ରୁମ୍‌ରୁ ଆସେ.....', କହୁକହୁ ମାଉସୀ ହାତରେ ପୁଅକୁ ଧରାଇଦେଲା ରାନୁ।

ପୁଅକୁ ବହେ ଗେହ୍ଲା କରି ପକାଇଲା ମାଉସୀ ।

କିଛିଦିନ ବିତିଗଲା । ଏବେ ପାରାଟି ମା' ହେଇଯାଇଚି। ଯୋଡ଼ିଏ ଅଣ୍ଡାରୁ ଗୋଟିଏ ଅଣ୍ଡା ନଷ୍ଟ ହେଇଯାଇଚି ଓ ଅନ୍ୟଟିରୁ ଶାବକଟିଏ ଜନ୍ମିଛି। ପୂର୍ବାପେକ୍ଷା ସେଇ ଶାବକଟିର ଚିଁ.....ଚିଁ...ସ୍ୱର କ୍ରମଶଃ ଜୋର୍ ଧରୁଚି। ଦେହରେ ପର କଅଁଳିବାରେ ଲାଗିଲାଣି । ମାଆ ଥଣ୍ଟରେ ନିଜର ଥଣ୍ଟ ଘଷିବା ଶିଖିଲାଣି । ଶାବକଟିର ଚିଁ....ଚିଁ....ଶବ୍ଦ ରାନୁ ଓ ମାଉସୀର ମନ ପ୍ରାଣକୁ ବେଶ୍ ଉଲ୍ଲସିତ କରିଦେଉଥିଲା ।

ସବୁଦିନ ପରି ଆଜିବି ରାନୁ ପୁଅକୁ କୋଳରେ ଧରି ବସିଚି ବାଲ୍‌କୋନୀରେ । ବସିବସି ଭାବୁଚି, ସତରେ ମନୁଷ୍ୟ ଜନ୍ମଟା କେଡ଼େ ଦୁର୍ଲଭ! ଏଇ ଦୁର୍ଲଭ ଜନ୍ମ ପାଇ ମଣିଷ କାହିଁକି ସୁକର୍ମ କରିବା ପରିବର୍ତ୍ତେ କୁକର୍ମରେ ଲିପ୍ତ ରହୁଚି ? କାହିଁକି ଭଲ ମଣିଷଟେ ନ ହେଇ ବଡ଼ ମଣିଷ ହେବାକୁ ଏତେ ଧାଁ-ଦଉଡ଼ କରୁଚି ? ଭାବନାରୁ ଓହରିଆସି ନିଜ ପୁଅ ଉପରେ ଆଖିପକାଇ କହିଲା, 'ଯାହା ବି ହେଉ ମୁଁ ତୋତେ ଭଲ ମଣିଷ କରିବିରେ ଧନ......ନିଶ୍ଚୟ ତୋତେ ଭଲ ମଣିଷଟେ କରିବି; ତୁ ଆମର ବଡ଼ ମଣିଷ ହେବା ଦରକାର ନାହିଁ...।'

- ମା' ପୁଅର କ୍ଷୀରଟା.....

- ହଁ ମାଉସୀ ଦିଅ ।

ଏତିକିବେଳେ ପାରାବସାରୁ ଚୁଁ....ଚୁଁ....., ଫଡ଼ଫଡ଼ ଶବ୍ଦ ବାହାରି ଆସିଲା।

ରାନୁ ଚମକିଉଠି କହିଲା, 'ମାଉସୀ ବସାକୁ ଚାହଁତ, କାହିଁକି ଏମିତି ପାରା ଛୁଆଟା ହଉଚି....।'

- ମା' ପାରାର ଛୁଆଟା ତା'ମାଆ ସଙ୍ଗେ ଖେଳୁଚି ପରା।

'ସତରେ......!' ରାନୁ ଖୁସି ଗଦ୍‌ଗଦ୍ ହେଇଯାଇ ନିଜ ପୁଅ ଗାଲରେ ଚୁମାଟେ ଦେଲା ବେଳକୁ ଆହୁରି ଜୋର୍‌ରେ ଚିଁ...ଚିଁ.....ଶବ୍ଦ କଲା ପାରା ଶାବକଟି । ସେଇ ଶବ୍ଦ ଆଡ଼କୁ ଢଳେଇ ଚାହିଁଲା ରାନୁର ପୁଅ। ରାନୁ ହସିଉଠି ପଚାରିଲା, 'ପାରା ଛୁଆ ସହ ଖେଳିବୁ ବାପା?'

ପୁଅ ହାତ, ଗୋଡ଼ ହଲାଇଲା । ଓଠଟା ବି ମେଲିଦେଲା । ତା'ର ଏପରି ଶାରୀରିକ ଭାବ-ଭାଷା ଦେଖି ରାନୁ କହିଲା, 'ମାଉସୀଗୋ, ପାରା ଛୁଆଟା ସହ ଆମ ପୁଅ ଖେଳିବ ବୋଲି କହୁଚି। ବସାରୁ ପାରାଛୁଆଟାକୁ ଧରିଆଣିଲ ତ... ।'

ମା'.....!!!

କ'ଣ ହେଲା, ଏମିତି ଚମକିପଡ଼ି ଠିଆହେଇ ରହିଲ ଯେ? ପାରା ଛୁଆଟାକୁ ଧରି ଆଣୁନ। ଆମ ପୁଅ ପରା ତା' ସହ ଖେଳିବ। ନ ଖେଳିଲେ ମୋ ଗେହ୍ଲୁର ମନ ଭାଙ୍ଗିଯିବନି.....!

ମା'.... ତମେ ପରା ଜଣେ ମାଆ। ପାରାଛୁଆଟା ଅତି କଅଁଳା ଛୁଆ...., ଯଦି ଆମ ପୁଅ ତା' ସହ ଖେଳୁଖେଳୁ ତାକୁ ଜୋର୍‌କରି ଧରିନେବ ତେବେ ସେ....., ତା' ମାଆ କେତେ ନକାନ୍ଦିବ କହିଲ......।

ଭୂକମ୍ପର ଏକ ଝଟ୍‌କା ଅନୁଭବକଲା ନିଜ ଛାତି ଭିତରେ ରାନୁ। ଗମ୍ଭୀରତା ଖେଳିଗଲା ତା'ମୁହଁରେ। ମାଉସୀକୁ ଅନାଇଲା ସେ ଏକଲୟରେ। ଦେଖିଲା ମାଉସୀର ଦେହ, କପାଳ ଝାଳେଇ ଉଠୁଚି । ସେ ବୁଝିଗଲା ସବୁକିଛି। ଦୀର୍ଘନିଃଶ୍ୱାସଟିଏ ଛାଡ଼ି କହିଲା, 'ମାଉସୀ, ପୁଅର ଖୁସି ପାଇଁ ମୁଁ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହେଇ ଯେଉଁ ଅନିଷ୍ଟ କରିବାକୁ ଯାଉଥିଲି ସେଥିପାଇଁ ମୁଁ ଦୁଃଖିତ। ମାଉସୀ, ଆମ ଡ୍ରେସିଂ ଟେବୁଲ୍ ଡ୍ରୟାରରେ ଯେଉଁ ଚୁଁ....ଚୁଁ....ଶବ୍ଦ କରୁଥିବା ଗୋଟେ ପ୍ଲାଷ୍ଟିକ୍ କଣ୍ଢେଇଟେ ଅଛି, ଯାହାକୁ ଆମ ପୁଅ ତା'ଏକୋଇଶିଆରେ ଗିଫ୍ଟ ରୂପେ ପାଇଥିଲା ଜଣେ ଅତିଥିଙ୍କ ଠାରୁ, ସେଇଟାକୁ ନେଇଆସ। ତା'ସହ ଆମ ପୁଅ ଖେଳି ଆନନ୍ଦ ପାଇବ। ଆଉ ପାରାଛୁଆଟା ବି ସୁରକ୍ଷିତ ରହିବ।'

'ମା'.....', ହୃଦୟଖୋଲି ହସିଉଠିଲା ମାଉସୀ। ସତେଜତା ଖେଳିଗଲା ତା' ସାରା ଶରୀରରେ। ଆତ୍ମହରା ହେଇଯାଇ ରାନୁକୁ ଥୋଡ଼ାଏ ଗେହ୍ଲା କରିପକାଇଲା ନିଜ ଝିଅ ପରି। କହିଲା, 'ସତରେ ମା', ତମେ ପ୍ରକୃତରେ ଜଣେ ହୃଦୟଧାରୀ ମା'.....' କହୁକହୁ ସେ ଦୌଡ଼ିଗଲା ଘର ଭିତରକୁ ସେଇ ଚୁଁ...ଚୁଁ... ଶବ୍ଦ କରୁଥିବା ପ୍ଲାଷ୍ଟିକ୍ କଣ୍ଢେଇଟି ଆଣିବାକୁ।



❤ ପାହାନ୍ତିତାରା, ଭାସ୍କରଗଂଜ, ବାଲେଶ୍ୱର
ମୋ.: ୯୯୩୮୪୦୩୧୯୮

# ମାଇଁ ଲାଷ୍ଟ ଉଇସ୍: କବି ଜୟନ୍ତ ମହାପାତ୍ର



ଡକ୍ଟର ଲକ୍ଷ୍ମଣ ସାହୁ



ଯେତେବେଳେ କେହି ଡାକିଲେ, ସେ ଶୁଦ୍ଧ ଓଡ଼ିଆରେ ପଚାରିବେ, ଏକ ବଡ଼, ବିସ୍ମୟକର, ଆର୍ଦ୍ର ସ୍ୱରରେ କହିବେ- 'ତୁମେ କେମିତି ଅଛ ?' କେହି ଆଉ ଏହି ସ୍ୱର ଶୁଣିବାକୁ ପାଇବ ନାହିଁ । ଜୟନ୍ତ ମହାପାତ୍ର, ଜଣେ ମହାକାବ୍ୟ ନାୟକ , ଖ୍ୟାତି ସଂପନ୍ନ କବି - 'ସାହିତ୍ୟ ଏକାଡେମୀ ପୁରସ୍କାର' ପାଇଥିବା ପ୍ରଥମ ଭାରତୀୟ ଇଂରାଜୀ ଭାଷା କବି ୨୭ ଅଗଷ୍ଟ ୨୦୨୩ ରେ ୯୫ ବର୍ଷ ବୟସରେ କଟକରେ ତାଙ୍କର ଦେହାବସାନ ଘଟିଛି । 'ଏହି ଦେଶରେ' ଶୀର୍ଷକ କବିତାରେ ସେ ଲେଖିଛନ୍ତି - 'ଦେଶରେ ଯେଉଁଠାରେ ମୁଁ ମୋର ଜୀବନ ବିତାଇଥିଲି / ଏକ ଖାଲି ଭୟ ମୋତେ କହିଥାଏ / ମୁଁ ଶୀଘ୍ର ଭୁଲିଯିବି ।' ବୋଧହୁଏ ତାଙ୍କର ଏହାହିଁ ଭୟ ଥିଲା । କିନ୍ତୁ ଏହା ସତ୍ୟ , ସେ କବିତା ଜଗତରେ କାଟିଥିବା ଅମ୍ଳାନ ଚିହ୍ନ ସ୍ଥାୟୀ ଅଟେ । କେତେ ଅଭୁଲା ଜୟନ୍ତ ମହାପାତ୍ର, ଅବିସ୍ମରଣୀୟ । ଆଜି ନିରବୀ ଯାଇଥିଲେ ବି ଚଳଚଞ୍ଚଳ କଟକ ସହର, ଓଡ଼ିଶା କି ଭାରତ କବିକୁଳ କେବଳ ନୁହେଁ ସାରା ବିଶ୍ୱକବି ତାଙ୍କୁ ଝୁରି ହେଉଥିବ, କୋଟି ପ୍ରଣାମ କବି ।

ଜୟନ୍ତ ମହାପାତ୍ର ଓଡ଼ିଶା ମାଟିରେ ଜନ୍ମିତ ଜଣେ ଉଦୀୟମାନ କବି ଥିଲେ । ସେ ଉଭୟ ଓଡ଼ିଆ ଓ ଇଂରାଜୀରେ କବିତା ଲେଖୁଥିଲେ । ଉଂଚକୋଟୀର ଇଂରାଜୀ କବିତା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ କବି । ଯାହାକୁ ନେଇ ଓଡ଼ିଶା ଗର୍ବ ଅନୁଭବ କରେ । ଆଧୁନିକ ଭାରତୀୟ ଇଂରାଜୀ ସାହିତ୍ୟରେ କ୍ଲାସିକ ଭାବରେ ବିବେଚନା କରାଯାଉଥିବା ଇଣ୍ଡିଆନ ସମର ଓ ହଙ୍ଗର ଆଦି କବିତାର ସେ କବି । ୨୦୦୯ ମସିହାରେ ତାଙ୍କୁ ଭାରତର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା । କିନ୍ତୁ ଭାରତରେ ବଢୁଥିବା ଅସହିଷ୍ଣୁତା ବିରୋଧରେ ପ୍ରତିବାଦ କରିବା ପାଇଁ ସେ ୨୦୧୫ ରେ ଏହି ପୁରସ୍କାର ଫେରାଇ ଦେଇଥିଲେ । ତାଙ୍କର ମୋଟ ୨୭ଟି ଇଂରାଜୀ ଓ ୯ଟି ଓଡ଼ିଆ କବିତା ସଙ୍କଳନ ସହ ଏକ ଗପ ବହି ଓ ଆତ୍ମଜୀବନୀ 'ପାହିନି ରାତି' ପ୍ରକାଶିତ ଜନାଦୃତ ଲାଭ କରିଛି ।

ଭାରତୀୟ ଇଂରାଜୀ ସାହିତ୍ୟ କ୍ଷେତ୍ରରେ, ଭାରତୀୟ ଇଂରାଜୀ କବିତାର ଆଜି ପର୍ଯ୍ୟନ୍ତ ଗୌରବ ନଥିଲା । ଏପରିକି ପଡୋଶୀ ବଙ୍ଗଳାର ପ୍ରତିଷ୍ଠିତ ଲେଖକ ବୁଦ୍ଧଦେବ ବୋଷ ଏକଦା ଜୟନ୍ତ ମହାପାତ୍ରଙ୍କୁ ଲକ୍ଷ୍ୟ କରି କହିଥିଲେ - ' ଭାରତୀୟ ଇଂରାଜୀ କବିତା ହେଉଛି 'କାନାଗଳି' । ଏହା ଥଟ୍ଟା ଭାବରେ କୁହାଯାଇଛି ଯେ ଭାରତୀୟ ଇଂରାଜୀ କବିତା ହେଉଛି 'ମାଥ୍ୟୁ ଆର୍ନୋଲ୍ଡ ଏକ ସାଏରି' କିମ୍ବା 'ସ୍କର୍ଟରେ ଶକୁନ୍ତଳା' । ସେଦିନ ସବୁ ଚାଲିଗଲା । ଜୟନ୍ତ ମହାପାତ୍ର ହେଉଛନ୍ତି ଜଣେ କବି ଯିଏକି ଭାରତୀୟ ଇଂରାଜୀ କବିତାକୁ କେବଳ ଭାରତୀୟ ଇଂରାଜୀ ସାହିତ୍ୟ କ୍ଷେତ୍ରରେ ନୁହେଁ ବରଂ ବିଶ୍ୱ ସାହିତ୍ୟ ଦରବାରରେ ମଧ୍ୟ ଗର୍ବିତ କରିଛନ୍ତି । ' ସେ ସେହି କବିମାନଙ୍କ ମଧ୍ୟରୁ ଜଣେ, ଯିଏ ଭାରତୀୟ ଇଂରାଜୀ କବିତାକୁ ରାସ୍ତାରୁ ଗୋଟାଇ ଆଣିଥିଲେ । ସେ ଏକ ଭୁଲ ଧାରଣାର ମୂଳରେ ପ୍ରଥମେ ପ୍ରମାଣିତ କରିଥିଲେ ଯେ ଇଂରାଜୀ କବିତା ଇଉରୋପୀୟ ଆଚରଣ ନକରି, ଆଚରଣ ଓ ଭାଷଣରେ ଇଂରାଜୀକୁ ଅନୁକରଣ ନକରି ଲେଖାଯାଇପାରିବ ନାହିଁ । ମଧ୍ୟବିତ୍ତ କିମ୍ବା ନିମ୍ନ ମଧ୍ୟବିତ୍ତ ପରିବାରର ଅନେକ ଭାରତୀୟ ଯୁବକ, ଯେଉଁମାନେ ସାମାଜିକ କିମ୍ବା ଅର୍ଥନୈତିକ ସ୍ଥିତି ଦୃଷ୍ଟିରୁ ଆଦ' ଅବିଜିତ 'ନୁହଁନ୍ତି, ଯେଉଁମାନେ ବର୍ତ୍ତମାନ ଇଂରାଜୀରେ କବିତା ଲେଖିବାକୁ ଚେଷ୍ଟା କରୁଛନ୍ତି । ଯଦି ଜୟନ୍ତ ମହାପାତ୍ର ଭାରତୀୟ ଜଗତରେ ନଥାନ୍ତେ ତେବେ ବାସ୍ତବ ରୂପ ଧାରଣ କରିନଥାନ୍ତା, ଓଡ଼ିଆରୁ ଇଂରାଜୀ ସାହିତ୍ୟ ।

ପ୍ରକୃତରେ କିଛି ଆଶ୍ଚର୍ଯ୍ୟଜନକ ମନେହୁଏ, ଏହା ସତ୍ୟ ଯେ ଜୟନ୍ତ ମହାପାତ୍ର ମଧ୍ୟ ବୟସରେ ପହଞ୍ଚିବା ପରେ କବିତା ରଚନା ଆରମ୍ଭ କରିଥିଲେ । ୧୯୭୧ ରେ ଯେତେବେଳେ ତାଙ୍କର ପ୍ରଥମ କବିତା ଗୁଚ୍ଛ ପ୍ରକାଶ ପାଇଥିଲା । ଯେତେବେଳେ 'କ୍ଲୋଜ ଦ ସ୍କାଇ , ଟେନ ବାଇ ଟେନ' ପ୍ରକାଶିତ ହୋଇଥିଲା ସେତେବେଳେ ତାଙ୍କୁ ୪୩ ବର୍ଷ ହୋଇଥିଲା । ଏକ ସାକ୍ଷାତକାରରେ ସେ କହିଛନ୍ତି, 'ମୁଁ ମୋ ଜୀବନରେ ଅଧିକ କବିତା ପଢିନାହିଁ ସତ, କହିବାକୁ ଗଲେ, ନିଜେ କବିତା ଲେଖିବା ଆରମ୍ଭ କରିବା, ଆଞ୍ଚଳିକ ହେବା ସତ୍ତ୍ୱେ ତାଙ୍କର କବିତାର ସ୍ୱର୍ଶ ସର୍ବଭାରତୀୟ ମାନବିକ ଅଭିଜ୍ଞତା ଓ ହୃଦୟକୁ ଛୁଇଁଛି । ଗରିବ, ଭୋକିଲା ଲୋକମାନେ ମଧ୍ୟ ତାଙ୍କ କବିତାର ବିଷୟବସ୍ତୁ ଅନେକ ଥର ପାଲଟି ଯାଇଛନ୍ତି । ତାଙ୍କର ଏକ ଜଣାଶୁଣା କବିତା ହେଉଛି 'କ୍ଷୁଧା' ଯାହା ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟର ସିଲାବସରେ ଅନ୍ତର୍ଭୁକ୍ତ । ଏହି କବିତାରେ ଜୟନ୍ତ ମହାପାତ୍ର ଦର୍ଶାଇଛନ୍ତି ଯେ ପୁରୁଷଙ୍କ ପାଇଁ ନିରନ୍ତର ଭୋକ କିପରି ଜଣେ ଝିଅକୁ ପରିପକ୍ୱ ପୁରୁଷର ଯୌନ ଭୋକ ଶିକାର କରେ ।

ବୋଧହୁଏ ତାଙ୍କର ଏପରି କବିତା ପାଇଁ ପ୍ରସିଦ୍ଧ ଭାରତୀୟ ଇଂରାଜୀ କବି ରଣଜିତ ହୋସକୋଟ ତାଙ୍କୁ 'ଦେଶୀ ନେରୁଡା' ବୋଲି କହିଥିଲେ । କବି ସଚ୍ଚିଦାନନ୍ଦନଙ୍କ ଅନୁଯାୟୀ, ଜୟନ୍ତ ମହାପାତ୍ରଙ୍କ କବିତାରେ ମିଳିଥିବା ଭୂମିହୀନ ଗ୍ରାମୀଣ ଲୋକଙ୍କ ପ୍ରତି ଦୟା ସହରରେ ରହୁଥିବା ଭାରତୀୟ ଇଂରାଜୀ କବିମାନଙ୍କ ମଧ୍ୟରେ ବିରଳ ଅଟେ । ମଣିଷମାନଙ୍କ ପ୍ରତି ଏହି କରୁଣା ତାଙ୍କୁ ଏକ ଦୁଃଖଦ ବିରୋଧକାରୀରେ ପରିଣତ କରେ । କବି କେବେ ବି ରାଜ୍ୟ ପାଇଁ କୌଣସି ପ୍ରକାରର ଅନୁମତି ଦେଇନାହାଁନ୍ତି । ତେଣୁ ବଢୁଥିବା ଅସହିଷ୍ଣୁତା ତଥା ଦେଶରେ ବକ୍ତବ୍ୟର ସ୍ୱାଧୀନତାକୁ ଦମନ କରିବାକୁ ଚେଷ୍ଟା କରିବା ପାଇଁ ସେ ପଦ୍ମଶ୍ରୀଙ୍କୁ ଫେରାଇ ଦେଇଥିଲେ । ଏହା ସତ୍ୟ ଯେ ଜୟନ୍ତ ମହାପାତ୍ର ଓଡିଶାର କବି ଗୌରବ । ତେଣୁ ଓଡ଼ିଶାର ପ୍ରକୃତି, ପୁରାଣ, ଗରିବ ଲୋକ ବାରମ୍ବାର ତାଙ୍କ କବିତାରେ ଆସିଛନ୍ତି । କବିତାରେ କିନ୍ତୁ ଏହା ଭାବିବାର କୌଣସି କାରଣ ନାହିଁ ।

"ମୁଁ ମୋ ଜୀବନରେ ଅଧିକ କବିତା ପଢିନାହିଁ । ସତ କହିବାକୁ ଗଲେ, ମୁଁ ନିଜେ କବିତା ଲେଖିବା ଆରମ୍ଭ କରିବା ପୂର୍ବରୁ ସେପରି କବିତା ପଢ଼ି ନଥିଲି । ନା, ମୁଁ ଏଲିଅଟ୍, ହ୍ୱିଟମ୍ୟାନ୍ କିମ୍ବା ରବୀନ୍ଦ୍ରନାଥଙ୍କୁ ମଧ୍ୟ ପଢି ନାହିଁ । ମୁଁ ଜଣେ ପଦାର୍ଥ ବିଜ୍ଞାନୀ ହେବାର ଥିଲା । ' ଜୟନ୍ତ ମହାପାତ୍ର ପ୍ରକୃତରେ ବୃତ୍ତି ଅନୁଯାୟୀ ପଦାର୍ଥ ବିଜ୍ଞାନ ପ୍ରଫେସର ଥିଲେ । ସତରେ ସେ ବୃତ୍ତିରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଥିଲେ । ଅଧ୍ୟାପନା ପ୍ରତି ଆକୃଷ୍ଟ ହୋଇ ଉଚ୍ଚଶିକ୍ଷା ପରେ ରେଭେନ୍ସା ମହାବିଦ୍ୟାଳୟରେ ସେ ପଦାର୍ଥ ବିଜ୍ଞାନ ଡେମନଷ୍ଟ୍ରେଟର ଭାବେ ଚାକିରି କରିଥିଲେ । ୧୯୪୯ ମସିହାରେ ସେ ରାଜ୍ୟର ଫକୀରମୋହନ କଲେଜ, ବାଲେଶ୍ୱର, ଗଙ୍ଗାଧର ମେହେର କଲେଜ, ସମ୍ବଲପୁର, ବି.ଜେ.ବି କଲେଜ, ଭୁବନେଶ୍ୱର ଓ ରେଭେନ୍ସା କଲେଜ, କଟକ ଆଦି ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗରେ ଅଧ୍ୟାପକରୁ ପ୍ରଫେସର ଭାବେ କାର୍ଯ୍ୟ କରି ୧୯୮୬ରେ ଅବସର ଗ୍ରହଣ କରିଥିଲେ ।

ତେଣୁ ପୁନଶ୍ଚ ତାଙ୍କରି ଭାଷାରେ - ' ମୁଁ ଆଗରୁ ସେପରି କିଛି କବିତା ପଢ଼ି ନାହିଁ । ନା, ମୁଁ ଏଲିଅଟ୍, ହ୍ୱିଟମ୍ୟାନ୍ କିମ୍ବା ରବୀନ୍ଦ୍ରନାଥ ମଧ୍ୟ ପଢି ନାହିଁ । ମୁଁ ଜଣେ ପଦାର୍ଥ ବିଜ୍ଞାନୀ ହେବାର ଥିଲା । ' ଜୟନ୍ତ ମହାପାତ୍ରଙ୍କ ଉକ୍ତ ବକ୍ତବ୍ୟରେ ସ୍ୱଷ୍ଟ ହୁଏ ସେ କେତେ ନମ୍ର , ଧୀର , ଶାନ୍ତ ସ୍ୱଭାବର ମିଷ୍ଟଭାଷୀ । ସେ ପ୍ରକୃତରେ ବୃତ୍ତି ଅନୁଯାୟୀ ପଦାର୍ଥ ବିଜ୍ଞାନ ପ୍ରଫେସର ଥିଲେ । ବିଜ୍ଞାନ ଅଧ୍ୟାପନା ସହ ଜଡ଼ିତ ସତ , କିନ୍ତୁ ତାଙ୍କ କବିତାରେ ତାର ଛାଇ ପଡ଼ି ନଥିଲା । ଓଡ଼ିଶା ତାଙ୍କ କବିତାର ମୂଳ କେନ୍ଦ୍ରବିନ୍ଦୁ ପାଲଟିଛି । ତାଙ୍କ କବିତା ଦୀପର କୋମଳ ଜ୍ୟୋତିର କୋମଳ ଆଲୋକରେ ଆଲୋକିତ । ଓଡ଼ିଶାର ପ୍ରକୃତି, ପୁରାଣ, ସଂସ୍କୃତି, ଧର୍ମକୁ ବାରମ୍ବାର ନିଜ ଦୃଷ୍ଟିଭଙ୍ଗୀରେ ପ୍ରକାଶ କରିଛନ୍ତି । ସେ ରହୁଥିବା ଛୋଟ ସହର ହଜାର ବର୍ଷର କଟକର ଜୀବନ୍ତ ଜୀବନର ଏକ ଆଲୋକ ପ୍ରଦାନ କରେ ।

ବାସ୍ତବରେ ସେ ୧୯୫୩ ମସିହାରେ ୩୮ ବର୍ଷ ବୟସରେ କବିତା ରଚନା କରିବା ଆରମ୍ଭ କରିଥିଲେ ଓ ୪୦ ବର୍ଷ ହେବା ପୂର୍ବରୁ ତାଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା । ଓଡ଼ିଆରେ ତାଙ୍କର ପ୍ରଥମ କବିତା ସଂକଳନ ସ୍ୱୟଂବର ଏବଂ କବିତା ଗୁଚ୍ଛ ୧୯୭୧ରେ ଓ ପରେ ଇଂରାଜୀରେ କ୍ଲୋଜ ଦି ସ୍କାଇ, ଟେନ ବାଇ ଟେନ ଆଦି କବିତା ପ୍ରକାଶ ପାଇଥିଲା । ତାଙ୍କର କବିତା ଗୁଚ୍ଛ ମଧ୍ୟରୁ ' ଏ ରେନ ଅଫ ରାଇଟ୍ସ ', ' ଲାଇଫ ସାଇନସ ' ଓ 'ଏ ୱାଇଟନେସ ଅଫ ବୋନ' ଆଦି ପ୍ରକାଶିତ ହୋଇଥିଲା । ତାଙ୍କ କବିତା ସଂକଳନ 'ଦି ଲଙ୍ଗ ପଏମ ରିଲେସନସିପ' ପାଠକମାନଙ୍କ ସବୁଠୁ ଅଧିକ ଆଦୃତି ଲାଭ କରିଥିଲା । ଏହି କବିତା ସଂକଳନ ପାଇଁ ସେ ୧୯୮୧ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନୀତ ହୋଇଥିଲେ । ସେତେବେଳେ ସେ ପ୍ରଥମ ଭାରତୀୟ କବି ଭାବେ ସଫଳତା ଅର୍ଜନ କରିଥିଲେ । ସେ ୧୬ଟି କବିତା ସଂକଳନ ରଚନା କରିଥିଲେ । ତାଙ୍କର ଅନ୍ୟାନ୍ୟ କବିତା ସଂକଳନ ମଧ୍ୟରେ 'ଶେଡ଼ୋ ସ୍ପେସ ', 'ବେଆର ଫେସ' ଏବଂ ' ରେଣ୍ଡୋମ ଡିସେଣ୍ଟ ' ଇତ୍ୟାଦି ଅନ୍ୟତମ । କବିତା ସହ ସେ ଅନେକ ପ୍ରବନ୍ଧ ମଧ୍ୟ ରଚନା କରିଥିଲେ । କିଛି କ୍ଷୁଦ୍ର ଗଳ୍ପ ଗୁଡ଼ିକୁ ନେଇ ସେ ଗ୍ରୀନ ଗାର୍ଡେନର ନାମକ ଏକ କ୍ଷୁଦ୍ରଗଳ୍ପ ସଂକଳନ ପ୍ରକାଶ କରିଥିଲେ । ଜଣେ ଗାଳ୍ପିକ ଭାବେ ନୁହେଁ , ବରଂ ଜଣେ ଉତ୍ତମ କବି ଭାବେ ପରିଚିତ । ସାହିତ୍ୟିକ ଦେବାନନ୍ଦ ଦାସଙ୍କ ସହ ମିଶି ସେ କଟକରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ଚନ୍ଦ୍ରଭାଗା' ପତ୍ରିକା ଆରମ୍ଭ କରିଥିଲେ । ୨୦୨୨ ମସିହାରେ ଯାଏ ସେ ଏହାର ୧୯ତମ ସଂସ୍କରଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ସମ୍ପାଦକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ତାଙ୍କର କବିତା ହେଉଛି ତଥାକଥିତ ସରଳ ବୋଧଗମ୍ୟ 'ବୈପ୍ଲବିକ' ଚେତନା ମୂଳକ । ତାଙ୍କ କବିତା ସବୁବେଳେ ବାସ୍ତବତାକୁ ଛୁଇଁଛି, ବାସ୍ତବତାକୁ ଅତିକ୍ରମ କରିଛି, ଅସତ୍ୟତାରୁ ସତ୍ୟତା ଆଡକୁ ଯାତ୍ରା କରିଛି । ଯେମିତିକି ସବୁ ରହସ୍ୟମୟ ବାଦରେ ରହସ୍ୟକୁ ଉନ୍ମୋଚିତ କରେ । କଳ୍ପନା ପରେ ଚିତ୍ର ସହିତ ସଜ୍ଜିତ, ତାଙ୍କ କବିତା ଯେତିକି 'ଭିଜୁଆଲ୍' ସେତିକି 'ପରିମାର୍ଜିତ' । ଜୟନ୍ତ ମହାପାତ୍ର ବିଭିନ୍ନ ଦିଗରୁ ନିରବତାକୁ ଦେଖିବା ପାଇଁ ଚେଷ୍ଟା କରିଛନ୍ତି । ବର୍ଷାରେ ମଧ୍ୟ ସେ ନିରବତାକୁ ସ୍ୱର୍ଶ କରିଥିଲେ । ଶୁଣ, 'ବର୍ଷାର ନିରବତା' । ବାସ୍ତବରେ ତାଙ୍କର କବିତା ଶେଷରେ ଅତ୍ୟନ୍ତ ଗୀତିମୟ, ବିଭିନ୍ନ ଉପାୟରେ ଶବ୍ଦ ବ୍ୟବହାର କରି ବିଭିନ୍ନ ପରିମାଣର ତଥ୍ୟଗତ ସହିତ ଏହା ପ୍ରମାଣ କରେ ଯେ ଇଂରାଜୀ ଭାଷାରେ ଲିଖିତ କବିତା ମଧ୍ୟ ହୃଦୟରେ ଜପ କରାଯାଇପାରେ । ତାଙ୍କର କବିତା ତାଙ୍କ ନିଜ ଭାଷାରେ ଏକ ପ୍ରକାର ସଂଗୀତ, ସବୁ ସ୍ଥାନରେ ନୀରବରେ କେହି କିଛି ଶୁଣନ୍ତି ନାହିଁ ଏବଂ ତା'ପରେ ଅଧିକ ନୀରବତା । ତାଙ୍କ ରଚିତ ୧୯୮୦ ର ପ୍ରବନ୍ଧରେ କୁହାଯାଏ 'ଭାରତରେ ଇଂରାଜୀ କବିତାରେ ଇନାଉଡିବଲ୍ ରେଜୋନାନ୍ସ' । ସେ କହିଥିଲେ ଯେ ଜଣେ କବି ଗୋଟିଏ ପୁସ୍ତକରୁ ଅନ୍ୟ ପୁସ୍ତକକୁ ଗଲାବେଳେ ସେ ନିଜର ଅନ୍ତର୍ନିହିତ ଜଗତ, ସେହି ଜଗତରେ 'ନିଜ ଜୀବନ, ଏକ ଚିରସ୍ଥାୟୀ ହାଇରାର୍କି ଗଠନ କରନ୍ତି । ଗୁପ୍ତ ଅଙ୍ଗଭଙ୍ଗୀ, ଇଚ୍ଛା ଏବଂ ଯନ୍ତ୍ରଣା, ବାସ୍ତବତା ଏବଂ ସ୍ୱପ୍ନ ମଧ୍ୟରେ ।' ଏହି ଶବ୍ଦଗୁଡ଼ିକ ଜୟନ୍ତ ମହାପାତ୍ରଙ୍କ ନିଜ କବିତାରେ ସତ୍ୟ ଅଟେ ।

କବି ଜୟନ୍ତ ମହାପାତ୍ର ବହୁ ସମ୍ମାନରେ ସମ୍ମାନିତ । କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋସିପ, ପଦ୍ମଶ୍ରୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଉତ୍କଳ ରତ୍ନ ସମ୍ମାନ, ସାରଳା ସମ୍ମାନ, ବିଷୁବ ପୁରସ୍କାର, ଗଙ୍ଗାଧର ଜାତୀୟ ସମ୍ମାନ, କହ୍ନେୟାଲାଲ ସେଠିଆ ସମ୍ମାନ, ଜାକବ ଗ୍ଲାଡଷ୍ଟୋନ ପୁରସ୍କାର- ଆମେରିକୀୟ ପତ୍ରିକା ପୋଏଟ୍ରି ଚିକାଗୋ ତରଫରୁ ପ୍ରଦତ୍ତ ସମ୍ମାନ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଆଦି ଲାଭ କରିଥିଲେ । ସେ ବିଶ୍ୱର ବିଭିନ୍ନ ସହରରେ କବି ସମ୍ମିଳନୀରେ କବିତା ପଢିଥିଲେ । ତାଙ୍କୁ ବିଶ୍ୱର ଅନେକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ କବିତାର କିଛି 'ଚେୟାର' ଦିଆଯାଇଥିଲା । କିନ୍ତୁ ସେ କେବେ ତାଙ୍କର ପ୍ରିୟ ଛୋଟ ସହର କଟକ ଛାଡି ନାହାଁନ୍ତି । କଟକ ସହରରେ ତାଙ୍କ ଚନ୍ଦ୍ରଭାଗା ବାସଭବନରେ ପତ୍ନୀ ଓ ଏକମାତ୍ର ପୁତ୍ରକୁ ହରାଇ ଏକାଏକା ବ୍ୟଥା ବେଦନାମୟ ଭିତରେ ସମୟ ଅତିବାହିତ କରିଥିଲେ ମଧ୍ୟ କାହାକୁ କେବେ ସେ ଦୁଃଖ ଅନୁଭବ କରିବାକୁ ଦେଇନଥିଲେ , ସବୁବେଳେ ବିନ୍ଦାସ ହସ ହସ ମୁଖରେ - ' କେମିତି ଅଛ ' ( ?) ଅତି ଆତ୍ମିକ ଭାବ ।

କଟକର ଆଜୀବନ ବାସିନ୍ଦା ଜୟନ୍ତ ମହାପାତ୍ର ପ୍ରକୃତରେ ଛୋଟ ସହରର ଏକ ନିରବ ବିରୋଧ, କବିତା ଜଗତରେ ବଡ ସହର ଓ ଶକ୍ତି ଉପରେ ଗ୍ରାମାଞ୍ଚଳର ଅନୁସନ୍ଧାନର କବି ମନସ୍କ ରହୁଥିଲେ । ସେ ନିଜର ଉଇଲ 'ମାଇଁ ଲାଷ୍ଟ ଉଇସ୍' ଲେଖିଥିଲେ ମୃତ୍ୟୁ ପରେ ତାଙ୍କର ମରଶରୀରକୁ କଟକସ୍ଥିତ ଖାନନଗରର ବିଦ୍ୟୁତ ଚୁଲାରେ ଦାହ କରିବା ପାଇଁ ଓ ତାଙ୍କ ଚିଠିପତ୍ର, ଦସ୍ତାବିଜ, ଅସଂପୂର୍ଣ୍ଣ ପାଣ୍ଡୁଲିପି ଆଦିକୁ ପୋଡି ଦେବା ପାଇଁ । କଟକ ମୋହରେ ମୋହାଚ୍ଛନ କବି ଜୟନ୍ତ ମହାପାତ୍ର ଏବେ ଆକାଶର ବିପ୍ଳବୀ ତାରାଟିଏ , ହେଲେ କଟକ ତିନିକୋଣିଆ ବଗିଚା, କାଠଯୋଡି , ମହାନଦୀ ପଠା , ବାଲିଯାତ୍ରା ପଡ଼ିଆ ଆକାଶକୁ ଚାହିଁ ଥିବା କଟକକୁ ପ୍ରାଣଭରି ଭଲ ପାଉଥିବା ସେହି ନିଂସଙ୍ଗ ନିସର୍ଗ ମଣିଷକୁ କୋଟି ପ୍ରଣାମ ଜଣାଉଥିବ...!!!

♥ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪୭୫

# ଗାଁରେ ଅଭାବ

ଭୁବନାନନ୍ଦ ତ୍ରିପାଠୀ



ସମୟ ଥିଲା, ଗାଁକୁ ଯିବା ଆସିବା ପାଇଁ ସଡ଼କର ଅଭାବ ଥିଲା । ନଦୀ ନାଳରେ ପୋଲ ନଥିଲା । ବିଜୁଳୀ ବତୀର ଅଭାବ ଥିଲା । ପାଠପଢ଼ିବା ପାଇଁ ଭଲ ସ୍କୁଲ କିମ୍ବା ହାଇସ୍କୁଲ ନଥିଲା । କଲେଜ ସବୁ ଗାଁଠାରୁ ଦୂରରେ ଥିଲା । ଗାଁରେ ଭଲ ଚିକିତ୍ସାର ଅଭାବ ଥିଲା । ଡାକ୍ତର ମିଳୁନଥିଲେ କିମ୍ବା ଡାକ୍ତରଖାନା ନଥିଲା । ଗାଁରୁ ପଦାକୁ ଯିବା ଆସିବାକୁ ଅଟୋ-କାର ମିଳେ ନାହିଁ । ବସ୍ ଏବଂ ଟ୍ରେନ୍ ଧରିବା ପାଇଁ ଦୂର ଯାଗାକୁ ଯିବାକୁ ପଡ଼ିଥାଏ । ଗାଁରେ ବଜାର ଦୋକାନ ନଗଣ୍ୟ ଥିଲା । ଭୋଜି ଭାତ ପାଇଁ ସାମଗ୍ରୀ କିଣିବାକୁ ହେଲେ ନିକଟସ୍ଥ ସହରକୁ ଯିବାକୁ ପଡେ । ଗାଁର ଉତ୍ପାଦିତ ପନିପରିବା, ଦୁଧ, ଦହି ଆଦିର ବିକ୍ରି ପାଇଁ ଗାଁରେ ଖାଉଟିଙ୍କର ଅଭାବ, ଏଣୁ ସହରକୁ ପଠାଇବାକୁ ପଡ଼ିଥାଏ ।

ଉପରୋକ୍ତ ଅଭାବ ସବୁ ଏବେ ଦୂର ହୋଇଯାଇଛି । ପୂର୍ବଦିନର ଅଭାବ ସବୁ ଗୋଟି ଗୋଟି ହୋଇ ପୂରଣ ହୋଇଯାଇଛି । ଯେମିତି ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ଗାଁମାନଙ୍କୁ କଙ୍କ୍ରିଟ ସଡ଼କ ନିର୍ମାଣ ହୋଇଯାଇଛି । ଏପରିକି ଗାଁ ଦାଣ୍ଡ ଆଉ ଧୂଳିମାଟିର ନାହିଁ, ତା ବଦଳରେ କଂକ୍ରିଟ୍‌ର ପରସ୍ତ । ନଦୀ-ନାଳ ଉପରେ ଛୋଟବଡ଼ ପୋଲ ନିର୍ମାଣ ହୋଇଯାଇଛି । ବିଜୁଳୀବତୀର ଯୋଗାଣ ଏବେ ଶତ ପ୍ରତିଶତ ଗାଁକୁ ହୋଇଯାଇଛି । ଏବେ ତ ଘରେ ଘରେ ନଳ ପାଣିର ଯୋଗାଣ ଆରମ୍ଭ ହୋଇଯାଇଛି । ଗାଁ ମାନଙ୍କରେ ହାଇସ୍କୁଲ ଖୋଲିଗଲାଣି । ଏଣୁ ଘରେ ପଖାଳ ଶାଗ ଖାଇ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ି ହୋଇଯାଉଛି । ବଢ଼ିଲା ଝିଅମାନେ ପାଠପଢ଼ାରେ ଡ଼ୋରି ନବାନ୍ଧି ଗାଁ ସ୍କୁଲରେ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ି ଯାଉଛନ୍ତି । ବଡ଼ ବଡ଼ ଗାଁରେ ୨-୩ଟି ପଞ୍ଚାୟତକୁ ମିଶାଇ +୨ କଲେଜ ଏବଂ +୩ ଡ଼ିଗ୍ରୀ କଲେଜମାନ ଖୋଲି ଯିବା ଫଳରେ କଲେଜ ପାଠ ଆଉ ଅପହଞ୍ଚ ନାହିଁ ।

ଗାଁ ଗାଁରେ ସ୍ୱାସ୍ଥ୍ୟକର୍ମୀ ପୋଷ୍ଟିଂ ହେଲେଣି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଂଖ୍ୟା ଆଗ



ଅପେକ୍ଷା ବଢ଼ିଛି । ତେଣୁ ଡାକ୍ତରୀ ଚିକିତ୍ସା ପୂର୍ବାପେକ୍ଷା ସହଜଲବ୍ଧ ହୋଇଛି । ଗାଁମାନଙ୍କରେ ବଜାର-ଛକ ସ୍କୁଲ ଛକ ଏବଂ ବସଷ୍ଟାଣ୍ଡ ମାନଙ୍କରେ ଛୋଟକାଟର ବଜାର ମୁଣ୍ଡ ଟେକିଲାଣି । ସେଠାରେ ଜଳଖିଆ ଦୋକାନ, ଷ୍ଟେସନାରୀ ଦୋକାନ, ସେଲୁନ, ଲଣ୍ଡ୍ରି, ପରିବା ଦୋକାନ, ବାଇକ୍ ମରାମତି ଦୋକାନ ତଥା ଇଲେକ୍ଟ୍ରି ଦୋକାନମାନ ଖୋଲି ଗଲାଣି । ଏଣୁ ଗାଁର ଛୋଟ ମୋଟ ଅଧିକାଂଶ ଆବଶ୍ୟକତା ଏବେ ଗାଁ ମୁଣ୍ଡ ବଜାରରୁ ପୂରଣ ହୋଇଯାଇଛି । ଏହି ବଜାର ଛକରେ ଅଟୋ, କାର ଆଦି ଭଡ଼ା ସୂତ୍ରରେ ମିଳୁଥିବା ଦେଖାଯାଏ । ଏଣୁ ଗାଁରୁ ବାହାରକୁ ଯିବାପାଇଁ ଆଗପରି ଚିନ୍ତା ମାଡ଼ିବସୁ ନାହିଁ ।

ଗାଁ ମୁଣ୍ଡ ବଜାରରେ ପରିବା ପତ୍ର ବିକ୍ରି ପାଇଁ ଦୋକାନମାନ ଖୋଲିଯିବାରୁ ବିକ୍ରିବଟା ସୁବିଧା ହୋଇଯାଇଛି । ଦୁଧର ସଂଗ୍ରହ ପାଇଁ କ୍ଷିର ବେପାରୀ ଏବଂ ଓମ୍‌ଫେଡ଼ ଗାଡ଼ି ମଧ୍ୟ ବାହାରିଗଲାଣି ।

ଏସବୁ ସତ୍ତ୍ୱେ ଗାଁର ଜନଜୀବନକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଏଠାରେ ଏବେ ମଧ୍ୟ ଅଭାବ ଭରି ହୋଇରହିଛି । ଅଭାବର ପ୍ରକାର ବଦଳିଯାଇଛି ସତ ମାତ୍ର ଏବେର ଅଭାବ ପୂର୍ବାପେକ୍ଷା ଅଧିକ ଦୁଃଖ ଦାୟକ, ଏବଂ ଗ୍ରାମ୍ୟ ଜୀବନକୁ ଅଧିକ ଜଟିଳ କରିଦେଇଥିବା ମନେ ହୁଏ । ସେହି ଅଭାବ ଗୁଡ଼ିକ ହେଲା ଏହିପରି ।

ପ୍ରଥମରେ ଗାଁ ମାନଙ୍କରେ ଏକତାର ଅଭାବ । ପୂର୍ବେ ଗାଁ ମାନଙ୍କରେ ଜଣେ ଲେଖାଁ ମୁଖିଆ ଥିଲେ । ପରମ୍ପରା ଅନୁସାରେ ହେଉ ଅବା ଉତ୍ତରାଧିକାରୀ ସୂତ୍ରରେ ହେଉ ଗାଁର ଜଣେ ବ୍ୟକ୍ତିଙ୍କୁ ସମସ୍ତେ ନିଜର ନେତା ବୋଲି ମାନୁଥିଲେ । ଭଲ ମନ୍ଦ ହେଲେ ତା'ଙ୍କର ପରାମର୍ଶ ନେଉଥିଲେ ଏବଂ ତା'ଙ୍କର ନିଷ୍ପତ୍ତିକୁ ସମସ୍ତେ ସାଦରେ ଗ୍ରହଣ କରୁଥିଲେ । ଗାଁ ସଂପର୍କରେ କିଛି ନିଷ୍ପତ୍ତି ନେବାବେଳେ ସେହି ମୁଖିଆ ଜଣକ ଗାଁର ଆଉ ପାଞ୍ଚ ଜଣଙ୍କ ସହିତ ଆଲୋଚନା କରୁଥିଲେ, ମତ ସଂଗ୍ରହ କରୁଥିଲେ । ସେହି ମୁଖିଆଙ୍କ ନେତୃତ୍ୱରେ ଗାଁରେ ମେଳା, ଯାତ୍ରା, ପାଲା, ଗାଁ ପୋଖରୀରୁ ମାଛଧରା, ଗାଁ ଫସଲର ଜଗା ରଖା, କୋଠ ଜମିର ଚାଷ, ଅଭାବୀ ଲୋକଙ୍କୁ ସାହାଯ୍ୟ ଏବଂ ନିରାଶ୍ରୟ ବ୍ୟକ୍ତି ପାଇଁ ସାହାରା ଯୋଗାଡ଼ ଆଦି କାର୍ଯ୍ୟ ହେଉଥିଲା । ଏବେ ସେହି ମୂଲ୍ୟବାନ ଦ୍ରବ୍ୟ 'ଗ୍ରାମ୍ୟ ଏକତାର' ଅଭାବ ଦେଖାଦେଇଛି । ପ୍ରତି ଗାଁରେ ରାଜନୈତିକ ଦଳକୁ ନେଇ ଗୋଷ୍ଠୀମାନ ତିଆରି ହୋଇଯାଇଛି । ନିର୍ବାଚନ ଶେଷ ହେବା ପରେ ମଧ୍ୟ ଦଳମାନଙ୍କର ସ୍ଥିତି ପୂର୍ବପରି ରହୁଛି । ଗ୍ରାମବାସୀଗଣ ଦଳ ଦଳ ହୋଇ ବାଣ୍ଟି ହୋଇଯିବା ସହିତ, ମଣିଷ ମଣିଷ ଭିତରେ ଆତ୍ମୀୟତା, ଭାଇଚାରା ବ୍ୟାଘାତ ପ୍ରାପ୍ତ ହେଉଛି । ଗାଁ ଗାଁରେ ସବର୍ଣ୍ଣ-ଅସବର୍ଣ୍ଣ ଗୋଷ୍ଠୀ ଭିତରେ ଭୟଙ୍କର ବିବାଦ ସୃଷ୍ଟି ହୋଇ ମାଡ଼ପିଟ, ତଥା କୋର୍ଟ କଚେରୀ ପର୍ଯ୍ୟନ୍ତ ପହଞ୍ଚିଯାଉଛି । ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଲ ବାଟରେ ଯାଉଥିବାରୁ ଏହା ତା'ର କୁପରିଣତି ବୋଲି କୁହାଯିବ ।

ଗାଁରେ ଶ୍ରମିକର ଅଭାବ ଏହି ଅଭାବ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିବ । ଗାଁର ସାମାଜିକ ବ୍ୟବସ୍ଥା ଭିତରେ ଜମି ମାଲିକ ଏବଂ କୃଷି ଶ୍ରମିକ ଏପରି ଦୁଇଟି ଗୋଷ୍ଠୀ ଅଛନ୍ତି । ଜମି ମାଲିକ ପୁଁ ଲଗାଇବା କାମ କରିଥାଏ ଏବଂ ଶ୍ରମିକ ଶ୍ରେଣୀ ଶ୍ରମ କରି ଚାଷ ଜମିରେ ବର୍ଷ ସାରା ସୁନା ଫସଲ ଫଳାଇଥାନ୍ତି । ଏବେ ଏହି ସାମାଜିକ ସ୍ଥିତିର ପରିବର୍ତ୍ତନ ହୋଇଯାଇଛି । ଜମି ମାଲିକ ମାନଙ୍କର ନୂତନ ପୀଢ଼ି ପାଠଶାଠ ପଢ଼ି ଚାକିରୀ ବୋପାରରେ ମନଦେଇ ଗାଁ ଛାଡ଼ି ସହରକୁ ଚାଲିଯାଉଛନ୍ତି । ଏଣୁ ଜମି ମାଲିକ ମାନଙ୍କର ଗାଁରେ ଉପସ୍ଥିତି ବହୁତ କମିଯାଇଛି । ସେମାନଙ୍କ ଚାଷର ଦାୟୀତ୍ୱ ଭାଗଚାଷୀ ଅର୍ଥାତ୍ କ୍ଷୁଦ୍ରଚାଷୀ ମାନଙ୍କ ହାତକୁ ଆସିଛି । କ୍ଷୁଦ୍ର ଚାଷୀମାନେ ନିଜର ୧-୨ ଏକର ଜମି ସହିତ ଜମି ମାଲିକ ମାନଙ୍କର ଜମିରୁ ୧-୨ ଏକର ଜମି ଠିକାରେ ନେଇ ଚାଷ କରୁଛନ୍ତି । ଗାଁର ଶ୍ରମିକ ଶ୍ରେଣୀ ମଧ୍ୟ ଆଉ ପୂର୍ବପରି ନାହାଁନ୍ତି । ସେମାନଙ୍କର ପିଲାମାନେ ଅଧିକ ରୋଜଗାର ଲୋଭରେ ବଡ଼ ବଡ଼ ସହରକୁ ଯାଇ ଛୋଟ ମୋଟ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଏଣୁ ଗାଁ ମାନଙ୍କରୁ କୃଷି ଶ୍ରମିକଙ୍କ ସଂଖ୍ୟା ବହୁ ପରିମାଣରେ କମି ଯାଇଛି । ତଳିରୁଆ, ବେଉଷଣ, ବଛା ବଛି ଏବଂ ଧାନକଟା ଆଦି ଭିଡ଼ କାର୍ଯ୍ୟବେଳେ ଅଳ୍ପ ଶ୍ରମିକଙ୍କ ପାଇଁ ବହୁତ କାମ ମିଳୁଥିବାରୁ ସେମାନଙ୍କର ମଜୁରୀ ଦର ବଢ଼ି ଯାଇଛି । ଚାଷ କାର୍ଯ୍ୟ ପାଇଁ ମଜୁରୀ ଖର୍ଚ୍ଚ ବଢ଼ିଯିବାରୁ ଚାଷରୁ ରୋଜଗାର ପରିମାଣ କମିଯାଉଛି । ସ୍ଥାନେ ସ୍ଥାନେ ପୁଁ ଲଗାଣ ତୁଳନାରେ ଉତ୍ପାଦନ ମୂଲ୍ୟ କମ ହେଉଛି । ଏଣୁ ଏମାନେ ଚାଷ କାର୍ଯ୍ୟରୁ ମୁହଁ ଫେରାଇ ଅନ୍ୟ ଧନ୍ଦାରେ ପୁଁ ଲଗାଇବା ପାଇଁ ଉଚିତ୍ ମନେ କରୁଛନ୍ତି । କୃଷି କ୍ଷେତ୍ର ଅନାକର୍ଷଣୀୟ ହେବା ପଛରେ ଆଉ କେତୋଟି ବିନ୍ଦୁ ରହିଛି ଯଥା - କୃଷିଜାତ ଦ୍ରବ୍ୟର ନିର୍ଦ୍ଧାରିତ ମୂଲ୍ୟ, ବର୍ଷକ ଭିତରେ ଗୋଟିଏ ଫସଲରେ ସୀମିତ ରହିବା, ଖରାଦିନେ / ଶୀତଦିନେ ବିଲ ବାଡ଼ି ପଡ଼ିଆ ରହିବା, କୃଷି କାର୍ଯ୍ୟକୁ ଶିଳ୍ପ କ୍ଷେତ୍ରପରି ପ୍ରତିଯୋଗିତା ମୂଳକ ନ କରିବା । ଏହା ସହିତ କୃଷି କାର୍ଯ୍ୟ ସହିତ ଆନୁସଙ୍ଗିକ କ୍ଷେତ୍ର ଯଥା - ଗୋପାଳନ, ଫଳ ଚାଷ, ମାଛ ଚାଷ ଆଦି କ୍ଷେତ୍ରର ସମାନ ପ୍ରକାର ବିସ୍ତାର ହୋଇନାହିଁ । ମୋଟ ଉପରେ ଗାଁମାନଙ୍କରେ ଶ୍ରମିକ ଅଭାବ ସହିତ କୃଷି କ୍ଷେତ୍ର ପାଇଁ ସରକାରଙ୍କ ସୁଦୃଷ୍ଟିର ଅଭାବ ରହିଛି ବୋଲି କୁହାଯିବ ।

ମୋ ଦୃଷ୍ଟିରେ ଗ୍ରାମ୍ୟ ଜୀବନରେ ତୃତୀୟ ଅଭାବ ହେଉଛି ଲୋକମାନଙ୍କର ଚଳଣିରେ ସରଳତାର ଅଭାବ । ଗାଁରେ ପୂର୍ବେ ଖାଦ୍ୟପାନୀୟ ଓ ପୋଷାକ ସବୁକ୍ଷେତ୍ରରେ ସରଳତାର ଚିହ୍ନ ବାରିହୋଇଯାଉଥିଲା । ଏବେ ଗାଁ ମାନଙ୍କରେ ଧୋତି ପିନ୍ଧା ଲୋକଙ୍କ ସଂଖ୍ୟା କମିଯାଇଛି । ତା ବଦଳରେ ଲୁଙ୍ଗି ଓ ଫୁଲପ୍ୟାଣ୍ଟ ବ୍ୟବହାର ବଢ଼ିଯାଇଛି । ଝିଅ ବୋହୂମାନେ ମାକ୍ସି, ସାଲୁଆର ପରିଧାନ କରିବାକୁ ପସନ୍ଦ କଲେଣି । ପଖାଳ, ମୁଢ଼ୀ ବଦଳରେ ରୁଟି, ପରଟାର ବ୍ୟବହାର ଚାଲୁ ହୋଇଯାଇଛି । ଘରେ ବାହାରେ ସବୁଠି ଚା, ବିସ୍କୁଟ୍ ଓ ମିକ୍ସଚରର ଆସର । ଚାଳ ଘର ସବୁ ପକ୍କା ଘରରେ ପରିଣତ ହେବାରେ ଲାଗିଛି । ବାଡ଼ି ପଟୁ ତୋଳି ଆଣି ଶାଗ ଭଜା କରିବା ଦୃଶ୍ୟ ଆଉ ନାହିଁ କହିଲେ ଚଳେ । ଧୂଳିରେ ଖେଳିବାକୁ ଅସ୍ୱାସ୍ଥ୍ୟକର ବୋଲି କୁହାଯାଉଛି । ସ୍କୁଲଘର ଓଳାଇବା, ଫୁଲଗଛରେ ପାଣିଦେବା କାର୍ଯ୍ୟ କରିବାକୁ ଜୋତା, ଟାଇ ପିନ୍ଧା ଛାତ୍ରଛାତ୍ରୀ ପସନ୍ଦ କରୁନାହାଁନ୍ତି । ଏପରି କାର୍ଯ୍ୟକୁ ଫଟୋ ସହିତ ମେଡ଼ିଆରେ ପ୍ରଚାର ହେଲେ ବିଚରା ଶିକ୍ଷକର ଚାକିରୀ ଚାଲିଯିବାର ସମ୍ଭାବନା ରହିଛି ।

ଏହିପରି ଆଉ ଅନେକ ଛୋଟ ଛୋଟ ଅଭାବ ଆଜିର ଗ୍ରାମ୍ୟ ଜୀବନରେ ରହିଛି । ଗାଁରେ ଗୋରୁଆଳ ମିଳୁ ନାହାଁନ୍ତି, ବାରିକ, ପୁରୋହିତ ନାହାଁନ୍ତି, ବୋଲହାକ କରିବା କାର୍ଯ୍ୟକୁ ଛୋଟ କାମ ମନେ କରି ଏଥିପାଇଁ କେହି ଆଗଭର ହେଉନାହାଁନ୍ତି । ଏହିପରି ଭାବେ ଗ୍ରାମ୍ୟ ଜୀବନ ଶୁଷ୍କ ନିରସ ସ୍ତରରେ ପହଞ୍ଚିଯାଇଛି ବୋଲି କୁହାଯିବ । ଏ ପରିସ୍ଥିତିର ପରିବର୍ତ୍ତନ ଦରକାର । ମାତ୍ର ଏହି ପରିବର୍ତ୍ତନ ଏତେ ସହଜ ସାଧ୍ୟ ନୁହେଁ । ଏ କାର୍ଯ୍ୟ ସରକାର ଯେ କରିପାରିବେ ଏହା ବିଶ୍ୱାସ ହେଉନାହିଁ । ସମାଜସେବୀମାନେ ସ୍ଥିତିର ପରିବର୍ତ୍ତନ କରିବେ ଏହା ମଧ୍ୟ ବୁଝିହେଉନି । ବରଂ ଏ ମାଟିରେ କିଛି ସାଧୁ ସନ୍ଥ, ନିଃସ୍ୱାର୍ଥ ସମାଜ, ସୁଧାରକ ଜନ୍ମ ନେଲେ କିଛି ପରିବର୍ତ୍ତନ ହୋଇପାରିବ ଏହା ମୋର ମତ । ଆସନ୍ତୁ ଭବିଷ୍ୟତରେ ଆମ ଗ୍ରାମ୍ୟ ଜୀବନରେ ସୁନ୍ଦର, ସୁଖମୟ ଦିନ ଗୁଡ଼ିକ ଫେରିଆସିବ ଏହା ଆଶା କରିବା ।

♥ ୦୨, ଜ୍ୟୋତି ଏନ୍‌କ୍ଲେଭ
ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ
ଭୁବନେଶ୍ୱର-୭୫୧୦୦୫
ମୋ.-୮୮୯୫୫୨୩୫୬୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

# ସତ୍ୟର ସନ୍ଧାନରେ ଗୁରୁ

## ମୀରା ବେଉରା



ମୂକମ୍ କରୋତି ବାଚାଳମ୍
ପଙ୍ଗୁଲଙ୍ଘୟତେ ଗିରି
ଯତ୍କୃପା ତ୍ୱମହଂ ବନ୍ଦେ
ପରମାନନ୍ଦ ମାଧବ।'

ଅର୍ଥାତ୍ ଗୁରୁ ମୂକକୁ ବାଚାଳ କରେ, ଗୁରୁ କୃପା କଲେ ମୂକ ମଧ୍ୟ ବାଚାଳ ପରି କଥା କହେ ଏବଂ ପଙ୍ଗୁ ମଧ୍ୟ ଗୁରୁଙ୍କ କୃପାରେ ଗିରି ଲଙ୍ଘନ କରିବାକୁ ସକ୍ଷମ ହୁଏ। ଗୁରୁଙ୍କ କୃପା ଯାହା ଉପରେ ଥାଏ ସେ କଦାପି ଜୀବନ ଯୁଦ୍ଧରେ ବିଫଳ ହୁଏ ନାହିଁ। ସଫଳତା ତା'ର ପଛେ ପଛେ ତାକୁ ଅନୁଧାବନ କରେ। ଶିକ୍ଷକମାନଙ୍କର ଅଥବା ଗୁରୁମାନଙ୍କ ଭୂମିକା ଆମ୍ଭମାନଙ୍କ ଜୀବନର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଏହି ଗୁରୁମାନଙ୍କଠାରୁ କେବଳ ବିଦ୍ୟାଳୟ ମହାବିଦ୍ୟାଳୟରେ ଶିକ୍ଷା ପାଇନଥାଉ ବରଂ ଜୀବନରେ ସଫଳତାର ସହ ବଞ୍ଚିବା ପାଇଁ ଯେଉଁ ନୈତିକ ମୂଲ୍ୟବୋଧ, ସାମାଜିକ ପ୍ରତିଶ୍ରୁତି ବଦ୍ଧତା, ସଦ୍ ଗୁଣାବଳୀ ଏବଂ ସତ୍ ବ୍ୟବହାରର ଆବଶ୍ୟକତା ହୁଏ ତାହା କେବଳ ଗୁରୁ ହିଁ ପରିପୂରଣ କରିଥାନ୍ତି। ଜଣେ ଗୁରୁଙ୍କ ପାଖରେ ଏତେ ଶକ୍ତି ଅଛି ଯେ ସେ ଆମକୁ ଅନ୍ଧକାରରୁ ଆଲୋକକୁ ଏବଂ ଅଜ୍ଞାନରୁ ଜ୍ଞାନଲୋକ ଆଡ଼କୁ ନେଇ ଯାଇଥାନ୍ତି। ସେମାନଙ୍କ ଭିତରେ ଅସୀମ ଶକ୍ତି ଥାଏ ଯେଉଁ ଶକ୍ତି କି ଆମ ଜୀବନକୁ ପରିବର୍ତ୍ତନ କରି ଆମ ଭିତରେ ଜ୍ଞାନର ଉପଲବ୍ଧି ଭରି ଦେଇଥାଏ। ଗୁରୁଙ୍କୁ ସମ୍ମାନ ଦେବା ଦ୍ୱାରା ଗୁରୁଙ୍କ କୃପା ପାଇ ଜୀବନରେ ସଫତଳା ପ୍ରାପ୍ତ କରିଥାଉ। ଆମ ଦେଶରେ ପାଞ୍ଚ ସେପ୍ଟେମ୍ବର ଦିନ ଦେଶର ପୂର୍ବତନ ରାଷ୍ଟ୍ରପ୍ରତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସକୁ ଆମେ ଗୁରୁଦିବସ ରୂପେ ପାଳନ କରିଥାଉ। ସେ ଜଣେ ଆଦର୍ଶ ଗୁରୁଥିଲେ।

ପ୍ରକୃତରେ ଗୁରୁ ହିଁ କଷ୍ଟ ପାଠକୁ ଅତି ସହଜ ଏବଂ ସରଳଭାବରେ ଛାତ୍ର ପାଖରେ ପହଁଞ୍ଚାଇଥାଆନ୍ତି। ଆମ୍ଭମାନଙ୍କ ଜୀବନରେ ଯେଉଁ ସବୁ ସମସ୍ୟା ଦେଖାଯାଏ, ଆମ ଜୀବନକୁ ସରଳ, ସରସ, ସୁନ୍ଦର କରି ଏହି ଗୁରୁ ହିଁ ବଞ୍ଚିବାର କଳା ଆମକୁ ଶିଖାଇ ଆମ ଜୀବନର ପଥପଦର୍ଶନ ସାଜିଥାନ୍ତି। ଗୁରୁ ସବୁବେଳେ ଶିଷ୍ୟକୁ ଆଗକୁ ଯିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି। ଛାତ୍ରମାନଙ୍କୁ ବିଭିନ୍ନ ପ୍ରୋତ୍ସାହିତ ପୂର୍ଣ୍ଣ ଶବ୍ଦ ପ୍ରୟୋଗ କରି ଆଗକୁ ପ୍ରେରିତ କରିଥାନ୍ତି। ଜୀବନରେ ପ୍ରତିଟି ପାହାଚରେ କେବଳ ଗୁରୁଙ୍କ ଆଶୀର୍ବାଦ ହିଁ ଆମକୁ ସଫଳତା ପାଇବା ପଛରେ କାର୍ଯ୍ୟ କରିଥାଏ। ଆତ୍ମବିଶ୍ୱାସର ମି ହିଁ ଏହି ଗୁରୁ ରୋପଣ କରିଥାନ୍ତି ଛାତ୍ରମାନଙ୍କ ହୃଦୟରେ। ପ୍ରକୃତରେ ଗୁରୁ ହେଉଛନ୍ତି ଏ ସମାଜର, ଏ ରାଷ୍ଟ୍ରର ପ୍ରକୃତ ନିର୍ମାତା। **They are the real builder of the society.** କୋଠାରୀ କମିଶନ ମଧ୍ୟ କହେ ରାଷ୍ଟ୍ର ନିର୍ମାଣ ହୁଏ ଶ୍ରେଣୀ ଗୃହରେ। **The Destiny of the nation build in a classroom.** ଶିକ୍ଷକତା ଏଭଳି ଏକ ବୃତ୍ତି ଯେଉଁ ବୃତ୍ତିକୁ କି ଆଧାର କରି ଜଣେ ଶିକ୍ଷକ ଇନିୟର, ଡାକ୍ତର, ସୈନିକ, ପୋଲିସ ଅଫିସର, କୃଷକ, ବୈଜ୍ଞାନିକ, ନ୍ୟାୟାଧୀଶ ଆଦି ଅନେକ ବୃତ୍ତିଧାରୀ ଲୋକଙ୍କୁ ନିର୍ମାଣ କରିବାକୁ ସକ୍ଷମ ହୋଇଥାନ୍ତି।

ଗୁରୁ ତାଙ୍କର ଜ୍ଞାନ, ଅଧ୍ୟବସାୟ, ନିଷ୍ଠା, ସାଧନା, ଆଦର୍ଶ, ବ୍ୟବହାର ମାଧ୍ୟମରେ ଗୋଟିଏ ଉତ୍ତମ ଛାତ୍ର ଗଠନ କରିବାକୁ ସକ୍ଷମ ହୋଇଥାଏ। ଯୁଗେ ଯୁଗେ ଗୁରୁ ଅମର ଗୁରୁ ପୁଣି ବ୍ରହ୍ମା, ଗୁରୁ ପୁଣି ବିଷ୍ଣୁ ଗୁରୁ ସାକ୍ଷାତ୍ ପରମେଶ୍ୱର। ଗୁରୁସାକ୍ଷାତ୍ ପରମବ୍ରହ୍ମ, ତସୈଶ୍ରୀ ଗୁରୁବେ ନମଃ। ଶ୍ରୀକୃଷ୍ଣଙ୍କ ଗୁରୁ ଥିଲେ ଗୁରୁ ସନ୍ଦୀପନି। ପ୍ରଭୁ ଶ୍ରୀରାମଙ୍କ ଗୁରୁଥିଲେ ମହର୍ଷି ବଶିଷ୍ଠ। ଅଷ୍ଟବକ୍ର ଥିଲେ ଜନକଙ୍କ ଗୁରୁ। ଗୁରୁ ଦ୍ରୋଣାଚାର୍ଯ୍ୟ ଥିଲେ ଏକଲବ୍ୟଙ୍କ ଗୁରୁ। ସକ୍ରେଟିସ୍ ଥିଲେ ପ୍ଲାଟୋଙ୍କ ଗୁରୁ। ପ୍ରକୃତରେ ଗୁରୁ ହିଁ ସାକ୍ଷାତ ଈଶ୍ୱର। ଯଦି ଗୁରୁ ଏବଂ ଈଶ୍ୱର ଏକାଠି ରହିଛନ୍ତି, ତେବେ ଗୁରୁଙ୍କୁ ପ୍ରଥମେ ପ୍ରଣାମ କରିବାକୁ ହେବ। ପ୍ରଚଣ୍ଡ ଗୁରୁ ପ୍ରତିଭାର ଅଧିକାରୀ ଥିଲେ ଆମ ଦେଶର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଦର୍ଶନ ଶାସ୍ତ୍ରରେ ଉଚ୍ଚତର ଶିକ୍ଷାଲାଭ କରି ଅଧ୍ୟାପକ ଭାବେ ତାଙ୍କର ପ୍ରଥମ କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଅଧ୍ୟାପକ ଥିବା ସମୟରେ ସେ ଦୁଃଖୀ, ଦରିଦ୍ର, ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ବହିପତ୍ର, ପୋଷାକ, କିଣି ଦେଉଥିଲେ। ତାଙ୍କର ଜୀବନ ଅତ୍ୟନ୍ତ ସରଳ ଥିଲା। ପୃଥିବୀର ବିଭିନ୍ନ ଦେଶ ଭ୍ରମଣ କରି ହିନ୍ଦୁଧର୍ମ ତଥା ଭାରତୀୟ ସଂସ୍କୃତିର ମହାନତା ବିଷୟରେ ପ୍ରଚାର କରିଥିଲେ। ସେ ଥିଲେ ଶାନ୍ତିପ୍ରିୟ। ସମଗ୍ର ବସୁଧାକୁ ଗୋଟିଏ ପରିବାର ରୂପରେ ଦେଖୁଥିବା ଭାରତମାତାର ସେ ଥିଲେ ଜଣେ ସୁଯୋଗ୍ୟ ସନ୍ତାନ। ପ୍ରକୃତରେ ସେହିଁ ଥିଲେ ଜଣେ ମିଷ୍ଟଭାଷୀ, ଗର୍ବଶୂନ୍ୟ, ଅହଂକାର ଶୂନ୍ୟ, ମାନବପ୍ରେମୀ ମଣିଷ ଯିଏ କି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଜୀବନ ଚିନ୍ତା କରିଥିଲେ। ଭାରତବର୍ଷର ସେ ଥିଲେ ଏକମାତ୍ର ବ୍ୟକ୍ତିତ୍ୱ ଯିଏକି ଜଣେ ସାଧାରଣ ଶିକ୍ଷକରୁ ରାଷ୍ଟ୍ରପତି ପଦ ଅଳଙ୍କୃତ କରି ମଧ୍ୟ ନିଜକୁ ଶିକ୍ଷକ ରୂପେ ପରିଚୟ ଦେବାକୁ ଖୁବ୍ ଭଲ ପାଉଥିଲେ। ଆଜି ଯଦିଓ ଏହି ମାନବପ୍ରେମୀ ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପ୍ରତି ନାହାଁନ୍ତି କିନ୍ତୁ ତାଙ୍କ ସାଧନା, ସଂକଳ୍ପବଦ୍ଧତା, ତାଙ୍କର ଛାତ୍ରବତ୍ସଳତା ତାଙ୍କୁ ସବୁଦିନ ଏହି ଭାରତ ବର୍ଷରେ ଅମର କରି ରଖିବ।

ସତରେ ଜୀବନର ଘଡ଼ିସନ୍ଧି ମୁହୂର୍ତ୍ତରେ ଆମକୁ ପ୍ରେରଣା ଦିଅନ୍ତି ଏହି ଶିକ୍ଷକ ସମାଜ। ସମସ୍ତ ଛାତ୍ର ହେଉଛନ୍ତି ଗୋଟିଏ ଗୋଟିଏ ପଥର ସଦୃଶ। ତାଙ୍କୁ ସୁନ୍ଦର ମୂର୍ତ୍ତିରେ ପରିଣତ କରନ୍ତି ଏହି ଶିକ୍ଷକ। ଗୋଟିଏ ପିଢ଼ିରୁ ଆଗଧାଡ଼ିକୁ ଜ୍ଞାନ ଦେବାର ଦାୟିତ୍ୱ ହେଉଛି ଶିକ୍ଷକ ସମାଜର, ଛାତ୍ରକୁ ତାର ଲକ୍ଷ୍ୟ ସମ୍ପର୍କରେ ସଚେତନ କରି ତାର ଲକ୍ଷ୍ୟସ୍ଥଳରେ ପହଁଞ୍ଚାଇବାର ଗୁରୁଦାୟିତ୍ୱ ହେଉଛି ଶିକ୍ଷକମାଙ୍କର। ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରି ତାଙ୍କୁ ସମାଜର ଉନ୍ନତିପଥରେ ଆଗେଇ ନିଅନ୍ତି ଏହି ଶିକ୍ଷକ ସମାଜ। ପ୍ରଥମେ ପିଲାଟି ତାର ପରିବେଶରୁ ହିଁ ଶିକ୍ଷାଲାଭ କରିଥାଏ। ଜୀବନରେ ପିତାଙ୍କର ଗୁରୁତ୍ୱ ଯେତିକି ଅଛି, ଶିକ୍ଷକର ମଧ୍ୟ ଆବଶ୍ୟକତା ଠିକ୍ ସେତିକି ଅଛି।

ପ୍ରତ୍ୟେକ ଶିକ୍ଷକ ହେଉଛନ୍ତି ଆମର ବନ୍ଧୁ, ଦାର୍ଶନିକ ଏବଂ ପଥପ୍ରଦର୍ଶକ। **They are friend, philosopher and guide** । ଶିକ୍ଷକମାନେ ହିଁ ହେଉଛନ୍ତି ପ୍ରକୃତ ମହାନ ପ୍ରତିରୂପ। ଅର୍ଥାତ୍ **Teacher's are great role model before students.** ଆଜି ଆମେ ଜାଣିବା ଉଚିତ୍ ଯେ କେବଳ ଶିକ୍ଷା ହିଁ ଦେଶର ତଥା ସମାଜର, ଛାତ୍ରଛାତ୍ରୀମାନଙ୍କର ଆର୍ଥିକ, ନୈତିକ, ସାମାଜିକ ପରିବର୍ତ୍ତନ ଆଣିବାକୁ ସକ୍ଷମ ହୋଇଥାଏ। ଆମ ଜୀବନକୁ ସଜାଡ଼ି ଆମକୁ ଉଚ୍ଚତମ ସୋପାନକୁ ନେଇଯିବାର ଭୂମିକା କେବଳ ଉତ୍ତମ ଶିକ୍ଷକମାନେ ହିଁ କରିଥାନ୍ତି। ଭଲ ମଣିଷ ତିଆରି କରିବାର ଭୂମିକା ମଧ୍ୟ ଏହି ଶିକ୍ଷକ ସମାଜ ହାତରେ ନ୍ୟସ୍ତ ଥାଏ। ପ୍ରକୃତରେ ଶିକ୍ଷକମାନେ ହେଉଛନ୍ତି ଏ ରାଷ୍ଟ୍ରର ତଥା ଆମ ସମାଜର ପ୍ରକୃତ ନିର୍ମାଣକର୍ତ୍ତା। ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ-

**A Teacher has to help the bud**
**not to make paper flower**
**to satisfied his whim.«**

♥ ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪

# ସାହିତ୍ୟର ଏକ ସ୍ୱତନ୍ତ୍ର ଦାୟିତ୍ୱବଦ୍ଧତା ଅଛି ବୋଲି ମୁଁ ବିଶ୍ୱାସ କରେ : ଡ. ନିରଞ୍ଜନ ପାଢୀ



"ସାହିତ୍ୟରେ ହସ ଥାଉ, କାନ୍ଦ ଥାଉ, ଆନନ୍ଦ ଥାଉ, ବିଷାଦ ବି ଥାଉ। ସାହିତ୍ୟରେ ରାବଣମାନେ ବି ବଂଚିରହିଥାନ୍ତୁ । ସେମାନଙ୍କ ରାବଣପଣ ଦେହରେ ଧକ୍କା ଖାଇ ବିଷେଇ ଉଠୁଥାଉ ପାଠକର ମନ। କିନ୍ତୁ ଏ ସବୁ ମଧ୍ୟରେ କେଉଁଠି ବି ପ୍ରକାଶ୍ୟ ବା ଅପ୍ରକାଶ୍ୟ ଭାବରେ ମୁଣ୍ଡ ଟେକୁଥାଉ ନିର୍ଦ୍ଦିଷ୍ଟ ବାର୍ତ୍ତାଟିଏ ଭବିଷ୍ୟତର ଅନ୍ଧାରି ରାସ୍ତାରେ ଆଲୋକ ବର୍ତ୍ତିକାଟିଏ ହୋଇ ।"

+ ଏନ-୫/୨୫୭,ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର

'ଶରୀର ପାଇଁ ଆତ୍ମା ଜରୁରୀ କି' ବା 'ନଦୀ ପାଇଁ ପାଣି ଜରୁରୀ କି' ଭଳି ଏ ଆଉ ଏକ ପ୍ରଶ୍ନ 'ସାହିତ୍ୟ ପାଇଁ ବାର୍ତ୍ତା ଜରୁରୀ କି ?'

ଯାବତୀୟ ସୁନ୍ଦର ଅଙ୍ଗ ପ୍ରତ୍ୟଙ୍ଗରେ ସଜ୍ଜିତ ହୋଇଥିବ ସୁଠାମ ଶରୀରଟିଏ । ଚାହିଁଦେଲେ ଆଖି ଲାଖି ଯାଉଥିବ । ଅନିର୍ବଚନୀୟ ମୁଗ୍ଧ ଅନୁଭବରେ ପୂରି ଉଠୁଥିବ ମନ । ଅଥଚ ନିର୍ଜୀବ ଶରୀରଟି ଆତ୍ମାରହିତ ହୋଇ ରୂପାନ୍ତରିତ ହୋଇ ସାରିଥିବ ଗୋଟିଏ ଶବରେ । ଠିକ୍ ସେହିଭଳି ପ୍ରଶସ୍ତ ସୁଗଭୀର ନଦୀଟିଏ ଦୀର୍ଘାୟିତ ହୋଇ ଲମ୍ବି ଯାଇଥିବ ଏ ପ୍ରାନ୍ତରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ । ଚତୁଃପାର୍ଶ୍ୱରେ ବିରାଜୁଥିବା ପ୍ରକୃତିର ଅପରୂପ ଶୋଭାରାଜି । ମୁଣ୍ଡ ଉପରେ ମେଘମୁକ୍ତ ଆକାଶର ଉଜ୍ଜ୍ୱଳ ନୀଳିମା । ନଦୀର ଉଭୟ ପାର୍ଶ୍ୱରେ ମନଲୋଭା ଅନନ୍ତ ସବୁଜିମା । ଅଥଚ କେଉଁଠି ବି ଶୁଣାଯାଉ ନଥିବ ଜଳ ପ୍ରବାହର ସୁମଧୁର କୁଳୁକୁଳୁ ନାଦ । ତୃଷାର୍ତ୍ତ ବାଟବଣା ବାଟୋଇର ଶୋଷ ମେଣ୍ଟାଇବା ପାଇଁ ତଥାପି ଦୁଷ୍ପ୍ରାପ୍ୟ ହେଉଥିବ ଟୋପାଏ ପାଣି । ନଦୀ ନାମର ସାର୍ଥକତା ଉପରେ ପ୍ରଶ୍ନଚିହ୍ନଟାଏ ଲାଗିବା ଆଦୌ ଅସହଜ ହେବନାହିଁ ।

ସେମିତି ଆମ ସାହିତ୍ୟ । କଥାଟି କହିବାର ଅଛି ବୋଲି ନ କହି ରହି ହେଉ ନଥିବ । ଲେଖାଟିଏ ଲେଖିବାର ଅଛି ବୋଲି ନ ଲେଖିଲେ ଆଖିକୁ ନିଦ ଆସୁ ନଥିବ । ଅନ୍ୟମାନଙ୍କ ଠୁଁ ବା ଅବଶିଷ୍ଟ ପୃଥିବୀଠୁଁ ନିଆରା ବାରି ହୋଇଯିବାର ପ୍ରବଣତାରୁ ସୃଷ୍ଟି ହେଉଥିବ ଭଳିକି ଭଳି ଶବ୍ଦ ଖେଳ, କାଗଜ କଲମର ବହୁବିଧ କସରତ୍ । କେତେବଳେ ନିଜ ନାୟିକା କବରୀର ଫୁଲ ଭିତରେ ଥିବା ବାସନାକୁ ନେଇ ତ ପୁଣି କେତେବେଳେ ଜୀବନବୋଧ ପ୍ରହେଳିକା ମଧ୍ୟରେ ଅବରୁଦ୍ଧ ରହସ୍ୟମୟ ଦୃଷ୍ଟି ଓ ଅବୋଧ୍ୟ ଦର୍ଶନକୁ ନେଇ।

ହୋଇପାରେ, ଏ ସବୁ କଥନ ମଧ୍ୟରେ କଥକର ସୂକ୍ଷ୍ମ ଜୀବନ ଦର୍ଶନ ଶ୍ରୋତାର ଚେତନାରେ ଏକ ବୌଦ୍ଧିକ ବାତାବରଣ ପାଇଁ ଅନୁକୂଳ ପରିବେଶଟିଏ ସୃଷ୍ଟି କରିପାରେ ବା ଏସବୁ ଲେଖନୀ ମଧ୍ୟରେ ଲେଖକର ନିଜସ୍ୱ ଅନୁଭବ ମଧ୍ୟରେ ଏକାକାର ହୋଇଯାଏ ପାଠକର ବ୍ୟକ୍ତିସତ୍ତା । ମାତ୍ର ଏ ସଂସାର କ'ଣ କେବଳ କହୁଥିବା ଓ ଶୁଣୁଥିବା ବା ଲେଖୁଥିବା ଓ ପଢୁଥିବା ଲୋକମାନଙ୍କ ପାଖରେ ସରିଯାଇଛି ? ସଂସାରର ସୁବିସ୍ତୀର୍ଣ୍ଣ ଇଲାକା ମଧ୍ୟରେ ଆତଯାତ ହେଉଥିବା ପ୍ରତ୍ୟେକ ମଣିଷଙ୍କ ଚେହେରା ଯେଉଁ ଦିବ୍ୟ ଦର୍ପଣରେ ପ୍ରତିବିମ୍ବିତ ହେଉଥାଏ, ସେଇ ଦର୍ପଣର ନାମ ପରା ସାହିତ୍ୟ । ସୁତରାଂ ତହିଁରେ ସମାଜର ଚିତ୍ର ଓ ଚରିତ୍ରମାନେ ଯଦି ଚିତ୍ରିତ ହୋଇ ନ ପାରିଲେ, ତା'ହେଲେ ଚିତ୍ରକରର ତୁଳୀ ପରିପକ୍ୱ ହୋଇନାହିଁ ବୋଲି ଧରିନେବାକୁ ହେବ ।

ସାହିତ୍ୟ ଆତ୍ମବୀକ୍ଷଣର ଏକ ସ୍ୱଚ୍ଛ ଦର୍ପଣ। ସାହିତ୍ୟ ପୁଣି ଶୁଦ୍ଧ ସମାଜର ଏକ ଆଦର୍ଶ ସଂବିଧାନ । କିନ୍ତୁ ଏ ସବୁ ଉର୍ଦ୍ଧ୍ୱରେ ସାହିତ୍ୟର ଏକ ସ୍ୱତନ୍ତ୍ର ଦାୟବଦ୍ଧତା ଅଛି ବୋଲି ମୁଁ ବିଶ୍ୱାସ କରେ । ଅବକ୍ଷୟ ମୁହଁରେ ପଡ଼ି ଦ୍ରୁତ ଗତିରେ ତଳକୁ ତଳ ଯାଉଥିବା ଆମ ସାମାଜିକ ସଂସ୍କାର ଆଗରେ ଏକ ଅପ୍ରତିହତ ଶକ୍ତ ପ୍ରାଚୀର ହୋଇ ଛିଡ଼ାହେବାର ସାମର୍ଥ୍ୟ ମଧ ଅଛି ସାହିତ୍ୟର । କେବଳ ଥରେ ନୁହେଁ, ଅତୀତରେ ବହୁବାର ଏ କଥାର ପ୍ରମାଣ ଦେଇଛି ଆମ ଇତିହାସ । ସାହିତ୍ୟରେ ହସ ଥାଉ, କାନ୍ଦ ଥାଉ, ଆନନ୍ଦ ଥାଉ, ବିଷାଦ ବି ଥାଉ । ରାମ ଥାଆନ୍ତୁ, ସେମାନଙ୍କ ରାମପଣର ପରଶରେ ତନୁମନ ଶିହରି ଉଠୁଥାଉ ଉଭୟ ଲେଖକ ଓ ପାଠକମାନଙ୍କର । ସାହିତ୍ୟରେ ରାବଣମାନେ ବି ବଂଚିରହିଥାନ୍ତୁ । ସେମାନଙ୍କ ରାବଣପଣ ଦେହରେ ଧକ୍କା ଖାଇ ବିଷେଇ ଉଠୁଥାଉ ପାଠକର ମନ। କିନ୍ତୁ ଏ ସବୁ ମଧ୍ୟରେ କେଉଁଠି ବି ପ୍ରକାଶ୍ୟ ବା ଅପ୍ରକାଶ୍ୟ ଭାବରେ ମୁଣ୍ଡ ଟେକୁଥାଉ ନିର୍ଦ୍ଦିଷ୍ଟ ବାର୍ତ୍ତାଟିଏ ଭବିଷ୍ୟତର ଅନ୍ଧାରି ରାସ୍ତାରେ ଆଲୋକ ବର୍ତ୍ତିକାଟିଏ ହୋଇ।

କିଏ ଜଣେ କହିଥିଲେ ପରା, 'ସଫଳ ସାହିତ୍ୟ ହେଉଛି ତାହା, ଯାହାକୁ ପଢିବା ମଧ୍ୟରେ ପାଠକଟିଏ ନିଜକୁ ଖୋଜି ପାଇଥାଏ'। ଏ ପ୍ରସଙ୍ଗରେ ଛୋଟ ଘଟଣାଟିଏ । ଥରେ ପ୍ରେମିକାର ପ୍ରେମାସ୍ପଦ ହେବାର ଅସାମର୍ଥ୍ୟ ନେଇ ଚରମ ଅସ୍ୱସ୍ତି ମଧ୍ୟରେ କାଳ କାଟୁଥିବା ନବଯୁବକଟିଏ ନିଜ ପିତାମାତା, ପରିବାର ତଥା ସମାଜଠୁଁ ମଧ୍ୟ ସେ ଆଶା କରଥିବା ସମବେଦନା ବା ସହୃଦୟତା ପାଇଲା ନାହିଁ । ଜୀବନ ପ୍ରତି ବେଶ୍ ବୀତସ୍ପୃହ ହୋଇ ସାରିଲା ପରେ ପ୍ରେମିକାର ପ୍ରତାରଣା ଓ ସମାଜର ଲାଞ୍ଛନା ବିରୋଧରେ ପ୍ରତିଶୋଧ ନେବାକୁ ଯୋଜନା କଲା ନିଜ ଜୀବନକୁ ଅକାଳରେ ଉଜାଡ଼ି ଦେଇ । ସେ ବିଷ ଖାଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲା ଓ ସେଥିପାଇଁ ସଂଗ୍ରହ କଲା ବିଷ ପୁଡ଼ିଆଟିଏ । ଯେଉଁ ପୁରୁଣା କାଗଜଟି ବିଷଦାନା ବାନ୍ଧିବା କାର୍ଯ୍ୟରେ ବ୍ୟବହୃତ ହୋଇଥିଲା, ସେଇ କାଗଜଟିକୁ ଅନ୍ୟମନସ୍କ ଭାବେ ପଢୁପଢୁ ଏକ ଭିନ୍ନ ଦର୍ଶନର ସନ୍ଧାନ ପାଇଲା ଯୁବକ । ତତ୍କ୍ଷଣାତ୍ ସେ ଆତ୍ମହତ୍ୟା ସିଦ୍ଧାନ୍ତରୁ ଓହରି ଆସିଲା ଓ ଏକ ଭିନ୍ନ ପଥର ଯାତ୍ରୀ ଭାବରେ ପାଦ ବଢାଇଲା ।

କାଗଜ ଟୁକୁରାଟି ଥିଲା କେଉଁ ଏକ ସାହିତ୍ୟ ପତ୍ରିକାର ଛିନ୍ନ ପୃଷ୍ଠାଟିଏ । ତହିଁରେ ପ୍ରକାଶ ପାଇଥିଲା, କେଉଁ ଜଣେ କବିଙ୍କର କବିତାଟିଏ ଯାହା ମଧ୍ୟରେ ଲୁଚି ରହିଥିଲା ବାର୍ତ୍ତାଟିଏ, 'ନିଜକୁ ଯଦି କେବେ ନିରାଶ୍ରୟ ଭାବୁଛ ତେବେ କାହାରି ନା କାହାରି ଆଶ୍ରୟ ବନିଯାଅ, ଦେଖିବ ତୁମକୁ କାହାର ଆଶ୍ରୟ ଲୋଡ଼ା ପଡିବ ନାହିଁ ।' ବାସ୍, ପଦିଏ କଥା; ଅଥଚ ଗୋଟିଏ ଅମୂଲ୍ୟ ଜୀବନର ଅକାଳ ଅବସାନକୁ ଦୂରେଇ ଦେଇ ପାରିଲା, ଅଣଚାଶ ପବନର ଶକ୍ତି ନେଇ ।

ମୋ କଥାଟି ଏଇଠାରେ ଶେଷ ହେଉ । ସାହିତ୍ୟ ବାର୍ତ୍ତାଯୁକ୍ତ ହେବ କି ବାର୍ତ୍ତାମୁକ୍ତ, ତାହା ବିଚାର କରିବାର ଦାୟିତ୍ୱ ନିଅନ୍ତୁ ଏ କଥାଟି ଶୁଣିବାରେ ଆଗ୍ରହ ରଖିଥିବା ବିଚାରବନ୍ତ ପାଠକମାନେ । ♥

# ଧାରାବାହିକ ଅନୁବାଦ ଉପନ୍ୟାସ-(୩୬)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ



ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଉତ୍ତରରେ ନିଜକୁ କୌଣସି ପ୍ରକାର ସମ୍ଭାଳି ନେଇ କହିଲି ମୁଁ "ନାଇଁ... ଇଏ ବି ଶକ୍ତି ବଢ଼ାଇବାର ଔଷଧ।"

ସିଏ ପୁଣି ପରିଲା "ଦୁଇ ଦୁଇଟା କଣ ପାଇଁ ? ଏଇଟା ଫେରେଇଦେ। ଗୋଟେ ବଟିକା ଖାଇଲେ ଚଳିବ ମୋର।"

"ଏବେ ଆଉ ଫେରେଇ ହେବନାହିଁ। କାରଣ ଡାକ୍ତର ନିଜେ ୟାକୁ ନେବାପାଇଁ କହିଛନ୍ତି।"

"ତା'ର କଣ ଯାଉଛି, କହିବାକୁ କଣ ପଇସା ପଡୁଛି ନା କ'ଣ। ମୁଁ କହୁଛି ନା ତୋତେ, ତୁ ଫେରେଇଦେ ।

'ନା, ମୁଁ ଫେରେଇବି ନାହିଁ।'

ଠିକ୍ ଅଛି, ମୁଁ ଯାଉଛି ମୋର ନାତିକୁ ନେଇ । ଦୋକାନଟା କେଉଁଠି ସେ କଥା ତାକୁ କହିଦେ ନଚେତ୍ ଲତାକୁ କହିଦେବୁ।

ଆଚ୍ଛା, ମୁଁ ଏମିତି କରୁଛି ଏଇ ବଟିକା ତୁ ରଖିଦେ, ଆଉ ସେ ଯେଉଁ ଅଲଗା ବଟିକା ଅଛି ତାକୁ ମୁଁ ନିଜ ପାଖରେ ରଖୁଛି। ଡାକ୍ତରଙ୍କୁ ପୁଣି ଥରେ ପଚାରିଦେବି। ସିଏ ଯଦି କହିବେ ୟାକୁ ଖାଇବାକୁ ତେବେ ତୋତେ ଖାଇବାକୁ ପଡ଼ିବ।"

"ଠିକ୍ ଅଛି.... ଡାକ୍ତରଙ୍କ ସହିତ ତୁ କଥା ହୋଇଯାଆ।"

ମୁଁ ମୋ ହାତରେ ଧରିଥିବା ମୋବାଇଲ୍‌ରେ ମିଛିମିଛିକା ନମ୍ବର ଲଗେଇଲି, ଫୋନ୍‌କୁ କାନରେ ଲଗେଇ ମିଛିମିଛିକା କଥା କହିବାକୁ ଲାଗିଲି... ହଁ, ଡାକ୍ତରବାବୁ, ମାଆଙ୍କୁ ଭୋକ ଲାଗିବା ପାଇଁ ଯେଉଁ ବଟିକା ଆପଣ ଦେଇଥିଲେ...ହଁ...ହଁ...ଦୁଇଟି ବଟିକା.. . ଦୁଇଟା ଯାକ ଖାଇବାକୁ ହେବ ନା ଗୋଟେ ଦେଲେ ଚଳିବ ? ନୁହେଁ ନା, ହଁ, ହଁ... ମୁଁ ନେଇ ଆସିଛି ଦୁଇଟା ଯାକ... ଠିକ୍ ଅଛି... ମୁଁ ତାକୁ ଦୁଇଟା ଯାକ ବଟିକା ଦେଉଛି।

ମୁଁ ଫୋନ୍ ବନ୍ଦ କରିଦେଲି। ମାଆ ବୁଝି ଯାଇଥିଲା, ଆମ ଭିତରେ କଣ କଥା ହୋଇଥିଲା। ସିଏ ସବୁ ଯାକ ଔଷଧ ପ୍ଲାଷ୍ଟିକ୍ ଡବାରେ ରଖିଲା। ସକାଳ, ଦ୍ୱିପ୍ରହର,ରାତି ତିନି ଥରର ଔଷଧକୁ ତିନୋଟି ଅଲଗା ଅଲଗା ଭାଗକଲା। ରାତି ଓ ଦିନ ଔଷଧ ମଝିରେ ଡାକ୍ତର ଲେଖିଥିବା ପ୍ରେସ୍କ୍ରିପ୍ସନ୍‌କୁ ରଖିଦେଇ, ମାଆ ବୁଲିବାକୁ ବାହାରିଗଲା।




ତାକୁ ଯେ ଟିବି ହେଇଛି, ସିଏ ମାରାତ୍ମକ ଟିବି ରୋଗରେ ଆକ୍ରାନ୍ତ ଏ କଥା ତାକୁ ନ ଜଣେଇ, ମୁଁ ତାର ଚିକିତ୍ସା ଆରମ୍ଭ କରିବାରେ ସଫଳ ହୋଇପାରି ଥିବାରୁ ମନେ ମନେ ଆତ୍ମସନ୍ତୋଷ ଲାଭ କଲି ।

(୩୮)

ମାଆର ବ୍ୟବହାରରେ ଆଉ ଏକ ପରିବର୍ତ୍ତନ ମୋ ନଜରକୁ ଆସିଥିଲା। ମାଆ ଏବେ ଆମ ସହିତ ଏକାଠି ବସି ଖାଇବାକୁ ଚାହୁଁ ନଥିଲା। 'ମୋତେ ଭାରି ଭୋକ ଲାଗୁଛି' କହି ସିଏ ଆମ ଠାରୁ ଆଗରୁ ନିଜ ରୁମ୍‌ରେ ବସି ଖାଇ ଦେଉଥିଲା। ତାକୁ ରୋଷେଇ ଘରେ କିମ୍ବା ଡାଇନିଂ ହଲ୍‌ରେ ବସି ଖାଇବାର ଦେଖା ଯାଉ ନଥିଲା। ଆମେ ସମସ୍ତେ ଡାଇନିଂ ହଲ୍‌ରେ କିମ୍ବା ବଗିରେ ବସି ଖାଉଥିଲୁ। ଖାଇଲା ବେଳେ ମୁଁ ସବୁବେଳେ ମୋର ପତ୍ନୀକୁ ପଚାରୁ ଥିଲି, "ମାଆ କଣ ଖାଇ ସାରିଲାଣି ?"

ସିଏ କହୁଥିଲା,"ହଁ... ସିଏ ଖାଇ ସାରିଲେଣି।"

କେବେକେବେ ସିଏ କହୁଥିଲା, "ତାଙ୍କର ପେଟ କାଟୁଛି, ସିଏ ଡେରିରେ ଖାଇବେ।" ଏଇ ଉତ୍ତର ବହୁତ ଥର ମିଳୁଥିଲା...। ଦିନେ ବଜାରରୁ ଆମ୍ବ ନେଇକରି ଆସିଥିଲି। ସାନ ପୁଅ ନିଜେ ନିଜ ଥାଳିରେ ଖାଦ୍ୟ ନେଇଗଲା ଆଉ ମାଆର ରୁମ୍‌କୁ ଯାଇ କହିଲା "... ଚାଲ ଆମେ ଏକା ସାଙ୍ଗରେ ବସିକି ଖାଇବା।"

ଏ କଥା ଶୁଣି ମାଆ ହଠାତ୍ ଏମିତି ଚମକି ଉଠିଲା ଯେମିତି କି ତା' ଉପରେ ଝିଟିପିଟିଟିଏ ଖସି ପଡ଼ିଲା। ସିଏ କହିବାକୁ ଲାଗିଲା, "ମୁଁ ଆଜି ଖାଇବିନି। ତୁ ଏକୁଟିଆ ଖାଆ, ନଚେତ୍ ଯାଇ ତୋର ବାପା ମାଆଙ୍କ ପାଖରେ ବସି ଖାଆ।

"ନା, ଜେଜେମାଆ ତୁମେ ମୋ ସାଙ୍ଗରେ ମୋ ଥାଳିରେ ଖାଅ।"

"ନାଇରେ ପୁଅ, ମୋତେ ଜମାରୁ ଭୋକ ନାହିଁ। ଦ୍ୱିପ୍ରହରରେ ଖୁବ୍ ପେଟ ଭରିକି ଖାଇଛି।"

"ନାଇଁ, ନାଇଁ ଅଳ୍ପ ଟିକେ ଖାଅ ମୋ ସାଙ୍ଗେ।"

"ତୋତେ ଥରେ କହିଲି ନା ଖାଇବିନି ବୋଲି।"

ଖାଇବା ଥାଳି ନେଇ ସିଏ ମାଆର ପାଖକୁ ପାଖକୁ ଯିବାକୁ ଲାଗିଲା। ମାଆର ରାଗ ଆହୁରି ବଢ଼ିବାକୁ ଲାଗିଲା। ହେଲେ ପୁଅ ଶୁଣୁ ନଥିଲା କିଛି। ଶେଷରେ ମାଆ ରାଗରେ ଫାଟି ପଡ଼ିଲା। ସିଏ ପୁରା ଶକ୍ତି ଲଗେଇ ଚିତ୍କାର କଲା। ତୋତେ କହୁଛି ନା ଏଠୁ ଯା' ବୋଲି! ଯା' ବାହାର ମୋ ରୁମ୍‌ରୁ...। ଦୁଷ୍ଟ କଉଠିକାର!"

ପୁଅ କାନ୍ଦି କାନ୍ଦି ବାହାରକୁ ଆସିଲା। ସିଏ ବହୁତ କାନ୍ଦିଲା। ଅଭିମାନ କଲା, ଭଲରେ ନ ଖାଇ ଶୋଇପଡ଼ିଲା। ଘର ଭିତରର ପାଣିପାଗ ଟିକେ ଗରମ ହୋଇଯାଇଥିଲା। ଆମେ ସମସ୍ତେ ଯେମିତି ସେମିତି ଖାଇନେଲୁ। ମୁଁ ବଗିଚାରେ ଚେୟାର ପକେଇ ପଢ଼ିବାକୁ ବସିଗଲି। ହେଲେ ବହି ପଢ଼ାରେ ମନ ଲାଗୁ ନଥିଲା। ପାଞ୍ଚ ମିନିଟ୍ ପରେ ମାଆ ସେଇଠି ଆସି ପହଞ୍ଚିଲା। ମୁଁ ତା ପାଇଁ ଆଉ ଗୋଟେ ଚେୟାର୍ ଟାଣି ଆଣି ପକେଇ ଦେଲି। ସିଏ କହିବାକୁ ଲାଗିଲା "ମୁଁ କଣ ଚଉକିରେ ବସେ କେବେ ? ଥରେ ମାତ୍ର ବସିଥିଲି... ତୋର ଜନ୍ମଦିନରେ..। ହଉ ଛାଡ଼ ସେ କଥା, କିନ୍ତୁ କାଲି ସକାଳେ ତୋ ପୁଅକୁ କହିଦେବୁ... ମୁଁ ବେକାରଟାରେ ତା ଉପରେ ଏମିତି ବିରକ୍ତ ହେଇଗଲି ବୋଲି।"

"ହଉ.. ତୁ ଆ', ଏଇଠି ବସ୍।"

"ନା, ନା ମୁଁ ଛିଡ଼ା ହେଇଛି।"

"ହେଲେ ଏତେ ଜୋର୍‌ରେ ରାଗିବାର କଣ ଦରକାର ଥିଲା। ଏମିତି କଣ ହେଇ ଯାଇଥିଲା ଯେ ?"

ଜେଜେମାଆ ସହିତ ଏତେଟା ଅନ୍ତରଂଗ ହେବା ଉଚିତ୍ ନୁହେଁ। ମୁଁ ତ ଆଜି ନ ହେଲେ କାଲି ଚାଲିଯିବି ଗାଁକୁ। ତା'ପରେ ପିଲାମାନେ କଣ କରିବେ ? ସେମାନେ ଖୁବ୍ ସରଳ। ସେଇଥିପାଇଁ ମୁଁ ଠିକ୍ କରିଛି ଯେ ମୁଁ ସେମାନଙ୍କୁ ମୋ ସହିତ ଏତେଟା ମିଳିମିଶା କରିବାକୁ ଦେବିନି।"

"ହେଲେ ଏବେ ତୁ ମୋ ପାଖରେ ହିଁ ରହ। ମାଆ ... ଏବେ ତୋର ଦେହ ପୂରାପୂରି ଭଲ ହୋଇନାହିଁ।"

"ବୁଢ଼ା ବୟସରେ କାହାର ଦେହ କଣ କେବେ ଭଲ ହୁଏ ? ଏମିତି ନୂଆ ନୂଆ ରୋଗ ଆସି ଜାବୁଡ଼ି ଧରିବ ଦେହକୁ...। ସେମାନେ ବିଚରା ବି ଆଉ କୁଆଡ଼େ ଯିବେ ?"

"ମାଆ... ତୋର ସବୁ ରୋଗକୁ ମୁଁ ଦୂର କରିଦେବି।"

"ଦେ'... ଉଡ଼େଇ ଦେ' ସବୁ ପଇସା ମୋର ଏଇ ଦେହ ପଛରେ..ଆଉ ତା'ପରେ ଭିକାରୀ ହେଇ ବସିଯାଆ।"

ତୁ ମୋ କଥା ଚିନ୍ତା କରନା। ହେଲେ ତୁ ମୋତେ କହ... ତୁ ସେଇ ଛୋଟ ଛୁଆଟି ଉପରେ ଏତେ ରାଗିଲୁ କାହିଁକି ?"

କାଲି ମୋ ଧନମାଳିର ଗୋଡ଼ ଧରନେବି... କ୍ଷମା ମାଗିନେବି ତାଠାରୁ... ମୁଁ ବେକାରଟାରେ ତା' ଉପରେ ଏମିତି ଚିଡ଼ି ଉଠିଲି, ହେଲେ ସିଏ ଏମିତି ଆସି ମୋତେ କୁଣ୍ଢେଇ ପକେଇ ଭଲ କଲାନାହିଁ।"

"କଣ ହୋଇଗଲା ସେଇଠୁ ?"

ମୋର ଏଇ ପ୍ରଶ୍ନରେ ସିଏ ଏକଦମ୍ ଚୁପ୍ ହୋଇଗଲା, ନିଜ ଜାଗାରେ ଛିଡ଼ା ହୋଇ ରହିଲା। ଟିକେ ପରେ ବସି ପଡ଼ିଲା ତଳେ, ଭୂଇଁରେ, ପୁଣି ଏକପ୍ରକାର ଗମ୍ଭୀର ହୋଇଯାଇ କହିଲା।

"ତୋତେ ମୋ ରାଣ, ମୋତେ ସତ କଥା କହ, ମୋତେ ଟିବି ହୋଇଛି ନା ?"

"ନା, ତୋତେ ସେ ରୋଗ ହୋଇନାହିଁ। ତୁ କାହିଁକି ସେ ସବୁ ବେକାର କଥା କହୁଛୁ କହିଲୁ।"

"ଆରେ, ତୋତେ ତୋ ମାଆର ରାଣ, କାହିଁକି ମିଛ କଥା କହୁଛୁ କହିଲୁ ?"

"ଦେଖ... ସେସବୁ ରାଣ ନିୟମ ବେକାର କଥା।"

"ଆଚ୍ଛା ଛାଡ଼ ସେ କଥା। ମିଛ କହନା ତୁ, ମୋତେ ଟିବି ହେଇଛି କି ନାହିଁ କହିଲୁ।"

"ତୁ ଏ କଥା ଆଉ ମୋତେ ପଚାରିବୁନୁ କେବେ ?"

"କାହିଁକି ପରିବିନି ?"

"ନା, ମାନେ ନା।"

"ତୁ କଣ ଭୟ କରୁଛୁ କି ?"

"ମୁଁ କାହିଁକି ଭୟ କରିବି ମ' !"

"ତା ହେଲେ ... ମୁଁ ବି କେଉଁଠି ଭୟ କରୁଛି ଯେ ?"

"ହେଲେ ତୁ ଏ ବିଷୟରେ ମୋତେ କିଛି ପଚାରନା ।"

"ଯାହାକୁ ମୁଁ ଅନ୍ତଫାଡ଼ି ଜନ୍ମ ଦେଇଛି, ତାକୁ ପଚାରିବିନି ତ ଆଉ କାହାକୁ ପଚାରିବି ?"

"କହ.. ହେଲେ ଏ ବିଷୟରେ କିଛି କହନା।"

"ଠିକ୍ ଅଛି... କହିବିନି... ହେଲେ ମୁଁ ଯାହା କହୁଛି ତାକୁ ଟିକେ ମନ ଦେଇ ଶୁଣ।"

"ମାଆ... ତୁ କିଛି କହନା ଆଉ। ମୋତେ ପଢ଼ିବାକୁ ଇଚ୍ଛା ହେଉଛି। ମୋତେ ଟିକେ ତୁ ଶାନ୍ତିରେ ପଢ଼ିବାକୁ ଦେଏ।"

"ହେଲେ ବି ତୁ ଶୁଣିନେ, ମୁଁ କ'ଣ କହୁଛି ତୋତେ ... ମୋତେ ଟି.ବି. ହୋଇଯାଇଛି।"

"ତୋତେ କିଏ କହିଲା ?"

"ରକ୍ତ-ପରୀକ୍ଷା କରିବାକୁ ଆସିଥିବା ଲୋକଟା ଯେତେବେଳେ ତୋ ସ୍ତ୍ରୀକୁ ଏକଥା କହୁଥିଲା ମୁଁ ସେତେବେଳେ ସବୁ ଶୁଣି ନେଇଥିଲି।" (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଆଲ୍ପନାର ଭୂମିପ୍ରଣାମ ୨୦୨୩ - ଏକ ଅନନ୍ୟ ନୃତ୍ୟ ସମାରୋହ



ବାଲେଶ୍ୱର: ନିକଟରେ ଦିଲ୍ଲୀ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଲ୍ପନା (ଏସୋସିଏସନ୍ ଫର୍ ଲର୍ଣିଙ୍ଗ ପର୍ଫର୍ମିଙ୍ଗ ଆର୍ଟ୍ସ ଏଣ୍ଡ ନର୍ମେଟିଭ ଏକ୍ସନ) ଦିଲ୍ଲୀର ଇଣ୍ଡିଆ ଇଣ୍ଟରନେସନାଲ ସେଣ୍ଟରରେ ଆୟୋଜନ କରିଥିଲା ଭୂମିପ୍ରଣାମ ୨୦୨୩- ଏକ ଅନନ୍ୟ ଓଡ଼ିଶୀ ନୃତ୍ୟ ସମାରୋହ। ଆଲ୍ପନା ସଙ୍ଗଠନ ଗତ ଦୁଇ ଦଶନ୍ଧି ଧରି ଦିଲ୍ଲୀରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ପ୍ରଶିକ୍ଷଣ ସହିତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରି ଆସୁଛି। ଆଲ୍ପନାର ଅଧକ୍ଷା ଗୁରୁ ଶ୍ରୀମତୀ ଅଲ୍ପନା ନାୟକ ନିଜେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନା ଓଡିଶୀ ନୃତ୍ୟଶିଳ୍ପୀ ଏବଂ ନୃତ୍ୟଗୁରୁ। ୨୦୧୦ ରୁ ପ୍ରତିବର୍ଷ ନିରବଚ୍ଛିନ୍ନ ଭାବରେ ଚାଲି ଆସିଥିବା 'ଭୂମିପ୍ରଣାମ' ସମାରୋହ ଏ ବର୍ଷ ମଧ ଅତ୍ୟନ୍ତ ଉତ୍ସାହ ଉଦ୍ଦୀପନାର ସହ ସମାପ୍ତ ହୋଇଛି। ଭାରତର ପୂର୍ବତନ ମୁଖ୍ୟ ସୂଚନା କମିଶନର ଶ୍ରୀଯୁକ୍ତ ଓ୍ୱଜାହତ୍ ହବିବୁଲ୍ଲା, ଭୁବନେଶ୍ୱରର ସୃଜନ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ରତିକାନ୍ତ ମହାପାତ୍ର ଏବଂ କେରଳ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ମୋହିନୀଅଟ୍ଟମ୍ ନୃତ୍ୟାଙ୍ଗନା ଶ୍ରୀମତୀ ଜୟପ୍ରଭା ମେନନ୍ ଭୂମିପ୍ରଣାମ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱୋଳନ ପରେ ବିଭିନ୍ନ ନୃତ୍ୟ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗୁରୁ ଶ୍ରୀମତୀ ଅଲ୍ପନା ନାୟକଙ୍କର ଶିଷ୍ୟାମାନେ ପ୍ରଥମ ପ୍ରସ୍ତୁତି ମଙ୍ଗଳାଚରଣରେ ସଂସ୍କୃତ ଶ୍ଳୋକ 'ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା......' ଆଉ ଓଡ଼ିଆ ଗୀତ 'ଅଇଲେ ମା ସରସ୍ୱତୀ ନିର୍ମଳ ବର୍ଣ୍ଣେ.......' ଉପରେ ଆଧାରିତ ନୃତ୍ୟ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାର ନୃତ୍ୟ ସଂଯୋଜନା ଗୁରୁ ଶ୍ରୀମତୀ ନାୟକ, ସ୍ୱର ସଂଯୋଜନା ଶ୍ରୀ ପ୍ରଶାନ୍ତ ବେହେରା ଏବଂ ବାଦ୍ୟ ସଂଯୋଜନା ଶ୍ରୀ ପ୍ରଫୁଲ୍ଲ ମଙ୍ଗରାଜ କରିଥିଲେ। ଦ୍ୱିତୀୟ ପ୍ରସ୍ତୁତି ଏକ ଶୁଦ୍ଧ ନୃତ୍ୟ 'ଚାରୁକେଶୀ ପଲ୍ଲବୀ' ଥିଲା ଯାହାକି ଚାରୁକେଶୀ ରାଗ ଆଉ ଏକତାଳି ରେ ନିବଦ୍ଧ ଥିଲା। ନର୍ତ୍ତକୀ ମାନଙ୍କର ନିଖୁଣ ଅଙ୍ଗଭଙ୍ଗୀ, ସୁଚାରୁ ପଦଚାଳନା ଆଉ ଉଚ୍ଚକୋଟୀର ମୁଖାଭିନୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା। ତୃତୀୟ ପ୍ରସ୍ତୁତିରେ ଥିଲା ପ୍ରସିଦ୍ଧ ଓଡିଆ କବି ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ କାବ୍ୟର ଅଷ୍ଟପଦୀ 'ଚନ୍ଦନ ଚର୍ଚ୍ଚିତ ନୀଳ କଳେବର......' ଉପରେ ଆଧାରିତ ଏକ ସମୂହ ନୃତ୍ୟ। ଏଥିରେ ନୃତ୍ୟଶିଳ୍ପୀ ମାନଙ୍କର ନିଖୁଣ ଅଭିନୟ ଦେଖି ଦର୍ଶକମାନେ ଭାବ ବିହ୍ୱଳ ହୋଇ ଯାଇଥିଲେ। ଭୂମିପ୍ରଣାମ ୨୦୨୩ କାର୍ଯ୍ୟକ୍ରମର ସବୁଠାରୁ ମୁଖ୍ୟ ଆକର୍ଷଣ ଥିଲା ଓଡିଶୀ ଶୈଳୀରେ ନୃତ୍ୟନାଟିକା 'ଉପେକ୍ଷିତା'। ଏହି ନୃତ୍ୟନାଟିକା ଟି ମହାକାବ୍ୟ ରାମାୟଣର ଦୁଇଜଣ ସବୁଠାରୁ ଅବହେଳିତା ତଥା ଉପେକ୍ଷିତା ଆଉ ଭ୍ରାନ୍ତାରୋପିତା ଚରିତ୍ର ଉର୍ମିଳା ଏବଂ ସୂର୍ପଣଖା ଉପରେ ଆଧାରିତ ଥିଲା। ଏହି ଦୁଇଜଣଙ୍କର ଚରିତ୍ର କୁ ଭିନ୍ନ ଦୃଷ୍ଟିକୋଣରୁ ଦର୍ଶାଇବାର ପ୍ରଚେଷ୍ଟା କରାଯାଇଥିଲା। ଏହି ନୃତ୍ୟ ନାଟିକାର ପରିକଳ୍ପନା, ନିର୍ଦ୍ଦେଶନା ଆଉ ନୃତ୍ୟ ସଂଯୋଜନା ଗୁରୁ ଶ୍ରୀମତୀ ଅଲ୍ପନା ନାୟକ ଏବଂ ସ୍ୱର ଓ ବାଦ୍ୟ ସଂଯୋଜନା କରିଥିଲେ ଶ୍ରୀ ପ୍ରଶାନ୍ତ ବେହେରା ଏବଂ ଶ୍ରୀ ପ୍ରଦୀପ୍ତ ମହାରଣା। ନୃତ୍ୟନାଟିକାକୁ ପରିବେଷଣ କରିଥିଲେ ଗୁରୁ ଶ୍ରୀମତୀ ନାୟକ, ସନ୍ତୋଷ ସ୍ୱାଇଁ, ସୁଦର୍ଶନ ସାହୁ, ଭିକି ଭାରତୀୟା, ଚାନ୍ଦ ଖାଁ, ପୀହୁ ଶ୍ରୀବାସ୍ତବ, ଦିଶା କାନନ୍, ଦେବିକା ସେଠ୍, ୟାସ୍ତିକା ଧାଓ୍ୱନ୍, ବୈଶାଳୀ ସୈନୀ, ଶ୍ରେଷା ସିଂ, ଲବିସା ଗୁଲାଟି, ଇସିତା ରାଜପୁତ, ହଂସିକା ଦେବ, ନେରିସା ରାଉତ ଏବଂ ସମୀକ୍ଷା ସାମ୍ୟାଲ। କଣ୍ଠ ସଙ୍ଗୀତରେ ଥିଲେ ଶ୍ରୀମତୀ ସଙ୍ଗୀତା ଗୋସାଇଁ, ଶ୍ରୀମତୀ ନାଜିଆ ଆଲାମ, ବଂଶୀରେ ଶ୍ରୀ ଶ୍ରୀନିବାସ ସତପଥୀ ଓ ଶ୍ରୀ ଧୀରଜ ପାଣ୍ଡେ, ଭାୟୋଲିନ୍ ରେ ଶ୍ରୀ ରମେଶ ଚନ୍ଦ୍ର ଦାସ ଓ ଶ୍ରୀ ଗୋପୀନାଥ ସ୍ୱାଇଁ, ସୀତାର ରେ ଶ୍ରୀ ରବିଶଙ୍କର ପ୍ରଧାନ ଏବଂ ସିନଥେସାଇଜର ରେ ଶ୍ରୀ ବିଭୁପ୍ରସାଦ ତ୍ରିପାଠୀ ସହଯୋଗ କରିଥିଲେ। ସବୁ କଳାକାରମାନଙ୍କ ଅଭିନୟ ଏବଂ ପ୍ରସ୍ତୁତି ଏତେ ଜୀବନ୍ତ ଓ ମର୍ମସ୍ପର୍ଶୀ ଥିଲା ଯେ କାର୍ଯ୍ୟକ୍ରମର ଶେଷରେ ବିଶିଷ୍ଟ ଅତିଥି ମାନେ ଏବଂ ଦର୍ଶକବୃନ୍ଦ ଭୁରି ଭୁରି ପ୍ରଶଂସା କରିଥିଲେ। ଉପେକ୍ଷିତା ନୃତ୍ୟନାଟିକା ରେ ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ବ୍ୟାଖ୍ୟା ଦେଖିବାକୁ ମିଳିଥିଲା ଯାହାକି ଦର୍ଶକଙ୍କ ଉପରେ ଗଭୀର ରେଖାପାତ କରିଥିଲା। ବିଶିଷ୍ଟ ଅତିଥି ଶ୍ରୀଯୁକ୍ତ ହବିବୁଲ୍ଲା ତାଙ୍କ ଭାଷଣରେ କହିଲେ,'ରାମାୟଣର ଏପରି ବ୍ୟାଖ୍ୟା ମୁଁ ଆଗରୁ କେବେ ଦେଖି ନ ଥିଲି ଅଥବା ଶୁଣି ନ ଥିଲି।' ଶ୍ରୀ ରତିକାନ୍ତ ମହାପାତ୍ର ଗୁରୁ ଶ୍ରୀମତୀ ଅଲ୍ପନା ନାୟକ ଏବଂ ନୃତ୍ୟଶିଳ୍ପୀ ମାନଙ୍କର ଭୁରି ଭୁରି ପ୍ରଶଂସା କରିଥିଲେ ଆଉ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ସର୍ବ ଶେଷରେ ଆଲ୍ପନା ସଂସ୍ଥାର ଉପଦେଶକ ଶ୍ରୀ ବି ସି ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ଼ଃ ସୂର୍ଯ୍ୟନାରାୟଣ ପାତ୍ରଙ୍କ ବିୟୋଗରେ ଓ୍ୱାର୍ଲଡ଼ ଓଡ଼ିଶା ସୋସାଇଟି ତରଫରୁ ଗଭୀର ଶୋକ ପ୍ରକାଶ

ବାଲେଶ୍ୱର, ୦୨/୦୯ (ନି.ପ୍ର): ଡ଼ଃ ସୂର୍ଯ୍ୟନାରାୟଣ ପାତ୍ର ଙ୍କ ବିୟୋଗରେ ଓ୍ୱାର୍ଲଡ଼ ଓଡ଼ିଶା ସୋସାଇଟି (ଓ୍ୱା.ଓ.ସୋ.) ତରଫରୁ ଗଭୀର ଶୋକ ପ୍ରକାଶ କରିଯାଇଛି।ଏକ ଶୋକ ବାର୍ତ୍ତା ରେ ସୋସାଇଟି ର ଅଧକ୍ଷ କିଶୋର ଦ୍ୱିବେଦୀ ,ଡ଼ଃ ପାତ୍ର ଓ୍ୱା.ଓ.ସୋ. ର ମୁଖ୍ୟ ପୃଷ୍ଠପୋଷକ ଓ ପ୍ରଥମ ସଦସ୍ୟ ଥିଲେ ବୋଲି ଦର୍ଶାଇଛନ୍ତି ଓ ଡ଼ଃ ପାତ୍ର ଙ୍କ ନିଧନ ରେ ପ୍ରବାସୀ ଓଡିଆମାନେ ସେମାନଙ୍କର ଜଣେ ଘନିଷ୍ଠ ଶୁଭଚିନ୍ତକ ଓ ବରିଷ୍ଠ ମୁରବୀ ଙ୍କୁ ହରାଇଲେ ବୋଲି ଶ୍ରୀ ଦ୍ୱିବେଦୀ ପ୍ରକାଶ କରିଛନ୍ତି ।

## ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୦୨/୦୯ (ନି.ପ୍ର): ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୯.୯.୨୦୨୩ ରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୌଜଦାରୀ (ସାଲିସ୍ ଯୋଗ୍ୟ) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ରାଜସ୍ୱ, ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ। ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ ଆଗରୁ ପଇଠ କୋର୍ଟ ଫି ଫେରସ୍ତ ହୋଇପାରିବ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲ୍ଲା କାରାଗାରରେ ସାଂସଦ ପାଳନ କଲେ ରକ୍ଷାବନ୍ଧନ ଉତ୍ସବ

ବାଲେଶ୍ୱର, ୦୨/୦୯ (ନି.ପ୍ର): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଜି ବାଲେଶ୍ୱର ଜିଲା କାରାଗାରରେ ଥିବା ଅନ୍ତେବାସୀଙ୍କ ସହିତ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳନ କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି। ସାଂସଦ ବ୍ୟକ୍ତିଗତ ଭାବେ ବିଚାରାଧୀନ ଓ ସଜାପ୍ରାପ୍ତ କଏଦୀ ମାନଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବୁଝିଥିଲେ। ଅନ୍ତେବାସୀଙ୍କ ଅଭିଯୋଗ ସମ୍ବନ୍ଧରେ ସାଂସଦ ଜେଲ୍ କତୃପକ୍ଷଙ୍କ ସହିତ ଆଲୋଚନା କରି ତୁରନ୍ତ ନିରାକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସାଂସଦଙ୍କ ସହିତ ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ସମ୍ପାଦକ ବିଜୟ ସାହୁ, ମମତା ମହାପାତ୍ର, ସଞ୍ଜୁକ୍ତା ମହାପାତ୍ର ଉପସ୍ଥିତ ଥିଲେ।



## ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ

ପୁରୀ , ୦୨/୦୯ (ନି.ପ୍ର): ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ଆନୁକୁଲ୍ୟରେ ରାକ୍ଷୀ ପୂର୍ଣ୍ଣମୀ ଅବସରରେ ଗୁଗୁଲ୍ ମିଟ୍ ଜରିଆରେ ରକ୍ଷା ବନ୍ଧନ ପର୍ବର ମହତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର ଏବଂ ଏଇ ରାକ୍ଷୀ ଆମ ସାକ୍ଷୀ ଆଧାରିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି । ସଂସଦର ସମ୍ପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ପ୍ରଶାନ୍ତ ବାହିନୀପତି ସଭାପତିତ୍ୱ କରିଥଲେ । ମୁଖ୍ୟ ଅତିଥି ଭାବରେ ବାଲେଶ୍ୱରରୁ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର , ସ୍ୱତନ୍ତ୍ର ଅତିଥି ଭାବେ ଆଖ୍ୟାୟିକା ଓ କବୀ ଶୈବାଳିନୀ ସାହୁ ଏବଂ ମୁଖ୍ୟ ଆଲୋଚକ ଭାବେ ଗାଳ୍ପିକ ଓ ସ୍ତମ୍ଭକାର ଲଳିତ ମୋହନ ମିଶ୍ର ଯୋଗ ଦେଇ ରକ୍ଷା ବନ୍ଧନ ପର୍ବର ପ୍ରାଚୀନତା ଏବଂ ସାମ୍ପ୍ରତିକ ସମାଜରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋଚନା ରଖିଥିଲେ । ଅନ୍ୟ ମାନଙ୍କ ମଧରେ ସଂସଦର ମୁଖ୍ୟ ଉପଦେଷ୍ଟା ଡ ଲକ୍ଷ୍ମଣ ସାହୁ , ଉଦୟ ଭାନୁ ସାହିତ୍ୟ ଓ ସମାଜସେବା ସଙ୍ଗଠନର ସଭାପତି ସଂଗ୍ରାମ କେଶରୀ ରାଉତରାୟ , ହାସ୍ୟକୁମୁଦ ସମ୍ପଦ କୁମାର ରଥ ,ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରମାଣିକ ପ୍ରମୁଖ ଯୋଗ ଦେଇଥିଲା ବେଳେ ଔପନ୍ୟାସିକ ସୁବାସ ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା ଓ କବିତା ସଂଯୋଜନା କରିଥିଲେ । ଏହି ଅବସରର ଆୟୋଜିତ କବିତା ପାଠ ପର୍ବରେ ରାଜ୍ୟର ବିଭିନ୍ନ ଅଂଚଳରୁ ଆମନ୍ତ୍ରିତ ଚାଳିଶରୁ ଊର୍ଦ୍ଧ୍ୱ କବି ରାକ୍ଷୀ ପୂର୍ଣ୍ଣିମା ଓ ଭାଇ ଭଉଣୀର ପବିତ୍ର ସମ୍ପର୍କ ଆଧାରିତ କବିତା ପାଠ କରିଥିଲେ । ଗୀତିକାର ଓ କଣ୍ଠଶିଳ୍ପୀ ମାମି ବ୍ରହ୍ମା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲା ବେଳେ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅଧାପକ ଆର୍ଯ୍ୟବ୍ରତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଧାରେ ରହିଗଲା ବାପଘର ବୁଲା: ପାଣିରେ ବୁଡ଼ି ଜୀବନ ହାରିଲେ ରୁନୁଲତା

ଖଇରା, ୦୨/୦୯ (ନି.ପ୍ର): ଖଇରା ଥାନା ବର୍ତ୍ତନା ଗ୍ରାମର ରୁନୁଲତା ଦାସ(୩୫) ଭଦ୍ରକ ନିଳଗ ଗ୍ରାମର ରମେଶ ଜେନାଙ୍କୁ ବିବାହ କରିଥିବା ବେଳେ କିଛିଦିନ ତଳେ ନିଜର ୨ଜାଆଁଳା ଝିଅଙ୍କ ସହ ବର୍ତ୍ତନା ବାପଘର ବୁଲିବାକୁ ଆସିଥିଲେ। ଶୁକ୍ରବାର ସଂଧ୍ୟାରେ ବାହାରକୁ ଯାଇ ଆଉ ଫେରିନଥିଲେ । ପରିବାର ଲେକେ ରାତିସାରା ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ଶନିବାର ସକାଳେ ତାଙ୍କର ମୃତ ଶରୀର ଘର ପାଖ ପୋଖରିରୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଖଇରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ସୋର ପଠାଇଛନ୍ତି।

## ଶରତ ଚନ୍ଦ୍ର ମହାପାତ୍ରଙ୍କର 'ପ୍ରିୟତମା' ଓ 'ଟିକି ଚଢ଼େଇ' ଲୋକାର୍ପିତ



ବାଲେଶ୍ୱର, ୦୨/୦୯ (ନି.ପ୍ର): ପ୍ରେମ ହେଉଛି ଶାଶ୍ୱତ, ଦେହାତୀତ। ପ୍ରେମିକ କେବେ ସଂପତ୍ତି ଚାହେଁନା, ଚାହେଁ ବିପତ୍ତି। ନିଆଁରେ ସୁନାକୁ ଆଉଟିଲା ଭଳି ପ୍ରେମିକ ଯେତେ ଆଉଟି ହୁଏ, ତାର ପ୍ରେମରୂପକ ଆଲୋକରେ ଦୁନିଆ ସେତେ ଉଜ୍ଜ୍ୱଳମୟ ହୋଇଉଠେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ କବିତୀର୍ଥ ଶାନ୍ତିକାନନରେ ଅନୁଷ୍ଠିତ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ରଙ୍କର ଦୁଇଟି କବିତା ପୁସ୍ତକ 'ପ୍ରିୟତମା' ଓ 'ଟିକି ଚଢ଼େଇ'ର ଅନାବରଣ ପର୍ବରେ ବକ୍ତାମାନେ ଏଭଳି ମନ୍ତବ୍ୟ ପ୍ରକାଶ କରିଥିଲେ। ବରିଷ୍ଠ ସାରସ୍ୱତ ସାଧକ ପ୍ରଫେସର ବ୍ରଜମୋହନ ମିଶ୍ର ଉଦ୍‌ଘାଟକ ରୂପେ ଯୋଗଦେଇଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଡ. ଦେବାଶିଷ ପାତ୍ର ମୁଖ୍ୟ ଅତିଥି ଭାବରେ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ଭରତ ଚନ୍ଦ୍ର ଦାଶ ବିଶିଷ୍ଟ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟ ଆଲୋଚକ ଓ ରେମୁଣା ସାହିତ୍ୟ ସଂସଦର ସଂପାଦକ ଡ. ଭାଗବତ ପ୍ରସାଦ ଦାସ ସମୀକ୍ଷକ ଭାବରେ ପୁସ୍ତକ ଦୁଇଟିର ଆତ୍ମୀକ ଓ ଆଙ୍ଗିକ ଦୃଷ୍ଟିକୋଣରୁ ବିଚାର ଆଲୋଚନା କରିଥିଲେ। ଯୁଗ୍ମସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌ବକ୍ତବ୍ୟ ରଖିଥିବାବେଳେ ଅନ୍ୟତମ ଯୁଗ୍ମସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ପୂର୍ବତନ ବାଚସ୍ପତି ...

ବିଜୁ ପଟ୍ଟନାୟକଙ୍କ ସରକାରରେ ଜଙ୍ଗଲ, ମତ୍ସ୍ୟ ଓ ପଶୁସମ୍ପଦ ରାଷ୍ଟ୍ରମନ୍ତ୍ରୀ ଭାବେ ପ୍ରାୟ ୬ ମାସ ପାଇଁ କାର୍ଯ୍ୟ କରିଥିଲେ । ତା'ପରେ ୨୦୦୦ ମସିହାରୁ ୨୦୧୯ ମେ' ଯାଏ ନବୀନ ପଟ୍ଟନାୟକ ସରକାରରେ ଶକ୍ତି, ବିଜ୍ଞାନ ଓ କାରିଗରି କୌଶଳ, ପରିବେଶ, ପର୍ଯ୍ୟଟନ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ସଂସ୍କୃତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ଆଦି ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପାତ୍ର ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ଗଜପତି ଜିଲ୍ଲାର ମୋହନା ବିଧାନସଭା ଆସନରୁ ୪ଥର ଓ ଦିଗପହଣ୍ଡି ଆସନରୁ ୩ ଥର ନିର୍ବାଚିତ ହୋଇଥିଲେ। ସ୍ୱର୍ଗତ ପାତ୍ର ଜନତା ଦଳ ଟିକେଟରେ ୧୯୯୦ ଓ ୧୯୯୫ରେ ମୋହନାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତା'ପରେ ୨୦୦୦ ଓ ୨୦୦୪ ନିର୍ବାଚନରେ ବିଜେଡି ଟିକେଟରେ ଏହି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ସେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଆସନରୁ ବିଜୟୀ ହୋଇଥିଲେ।ନିଜର ରୋକଠୋକ୍ କଥା ପାଇଁ ପରିଚିତ ସ୍ୱର୍ଗତ ପାତ୍ର ୨୦୧୯ରେ ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ ଦାୟିତ୍ୱ ନେବା ପରେ ଇ-ବିଧାନସଭା ଉପରେ ଗୁରୁତ୍ୱ ଦେଇଥିଲେ । ତାଙ୍କ ପ୍ରଚେଷ୍ଟା ଯୋଗୁ ବିଧାୟକମାନଙ୍କ ସରକାରୀ ବାସଭବନକୁ ଭାଙ୍ଗି ଅତ୍ୟାଧୁନିକ ସୁବିଧାଯୁକ୍ତ ବହୁତଳ ପ୍ରସାଦ କାର୍ଯ୍ୟ ଏବେ ଜାରି ରହିଛି । ୨୦୨୨ ଜୁନ୍ ମାସରେ ତାଙ୍କୁ ବାଚସ୍ପତି ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା । ସେବେଠୁ ତାଙ୍କୁ ସକ୍ରିୟ ରାଜନୀତିରେ ଦେଖିବାକୁ ମିଳୁନଥିଲା । ୧୯୪୮ ମସିହା ଡିସେମ୍ବର ୨୪ ତାରିଖରେ ଜନ୍ମ ହୋଇଥିଲେ ସୂର୍ଯ୍ୟନାରାୟଣ ପାତ୍ର। ସେ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତାଙ୍କୁ ୨୦୧୯ ଫେବୃୟାରୀ ମାସରେ ପଞ୍ଜାବର ଦେଶଭଗତ ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିଥିଲା । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ବ୍ୟକ୍ତ କରାଯାଇଛି। ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପରଲୋକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ?, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଭୂମିନ୍ଦର ସିଂହ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଫୁଲ୍ଲ ମଲ୍ଲିକ୍ ?, ବଦ୍ରି ପାତ୍ର, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମୀର ଦାଶ, ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ରଘୁନାଥ ମହାନ୍ତି, ମହମ୍ମଦ ମୋକିମ, ଭୃଗୁ ବକ୍ସିପାତ୍ର, ସଞ୍ଜୟ ଦାସବର୍ମା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ହେ ନବୀନ ଦେଖା...

ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର, ବିଧାୟକ ତାରା ପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ, ଟିଟିଲାଗଡ଼ର ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂହ ଭୋଇ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବସିଥିଲେ। କଂଗ୍ରେସର ଜନ ଜାଗରଣ ସମାବେଶରେ କନ୍ଧମାଳ ଜିଲ୍ଲାର କୋଣେ ଅନୁକୋଣରୁ ଆସିଥିଲେ ନେତା ଓ କର୍ମୀ। ଭାଷଣବାଜି ସରିବା ପରେ ଫର୍ମକୁ ଫେରିଥିଲେ ଭାଲୁ ଭାଇ। ... ହେ ନବୀନ ଦେଖା ଦେ, ନହେଲେ ଜବାବ ଦେ... ଗୀତରେ ଷ୍ଟେଜ୍‌ରେ ନାଚିଲେ ତାରା। ଅନ୍ୟମାନଙ୍କୁ ନାଚିବା ପାଇଁ ଡାକି ଥିଲେ। ତା'ପରେ ଜଣେ ପରେ ଜଣେ ତାରାଙ୍କ ସହିତ ପାଦକୁ ପାଦ ଓ ହାତକୁ ହାତ ମିଳାଇଥିଲେ। ଆଉ ଝୁମିଥିଲେ। ସଭା ସମ୍ମୁଖରେ ବସିଥିବା ଶହଶହ କର୍ମୀଙ୍କୁ ଝୁମିବାକୁ ବାଧ କରିଥିଲା। ନାଚ ଯୋଗୁ ସଭାରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା।

### ବାହାନଗା ଟ୍ରେନ୍ ଦୁର୍ଘଟଣା:....

ପ୍ରାୟ ୭ଟାରେ ବାହାନଗା ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ମର୍ମନ୍ତୁଦ ଘଟଣାର ତଦନ୍ତ ଭାର ନେବାପରଠୁ ସିବିଆଇ ଏହା ପଛର କାରଣ ଖୋଜିଥିଲା। ଷ୍ଟେସନ୍ ମ୍ୟାନେଜରଙ୍କ ସହ ୧୨ ଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏକାଧିକ ଥର ପଚରାଉଚରା କରିବା ସହ ବୟାନ୍ ରେକର୍ଡ କରିଥିଲେ ତଦନ୍ତକାରୀ ଟିମ୍। ଦୁର୍ଘଟଣା ମନୁଷ୍ୟକୃତ ନା ଯାନ୍ତ୍ରିକ ତ୍ରୁଟିଜନିତ; ତାହା ଜାଣିବା ପାଇଁ ବୈଷୟିକ ଅଧିକାରୀଙ୍କ ସହାୟତା ବି ଲୋଡ଼ାଯାଇଥିଲା। ଷ୍ଟେସନ୍‌ର ପ୍ୟାନେଲ୍ ବୋର୍ଡ, ରିଲେ ରୁମ୍ ଓ ସିଗ୍ନାଲ୍ ରୁମ୍ ସିଲ୍ ହୋଇଥିବା ବେଳେ କିଛି ଯାନ୍ତ୍ରିକ ଉପକରଣ ମଧ ଜବତ ହୋଇଥିଲା। ଦୁର୍ଘଟଣା ପରେ ସିବିଆଇ ୩ ଜଣ ରେଳ କର୍ମଚାରୀଙ୍କୁ ଗିରଫ କରିଥିଲା। ୭ ଜଣ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ସିବିଆଇ ତରଫରୁ ଅଦାଲତରେ କୁହାଯାଇଛି କି, ବାହାନଗା ରେଳ ଷ୍ଟେସନର ଉତ୍ତର ଗୁମୁଟି କାର୍ଯ୍ୟ ସମୟରେ ଲେବଲ କ୍ରସିଂ ଗେଟ୍ ନଂ-୯୪ର ଅପରେଶନକୁ ୧୧୦ ଭୋଲ୍ଟ ଏସି ରୁ ୨୪ ଭୋଲ୍ଟ ଡିସିକୁ ପରିବର୍ତ୍ତନ କରାଯାଇଥିଲା । ଏଥିପାଇଁ ଅନ୍ୟ ଲେବଲ କ୍ରସିଂ ଗେଟ ସଂଖ୍ୟା ୭୯ କୁ ବିଶିଷ୍ଟ ସର୍କିଟ ସ୍କେଚକୁ ବ୍ୟବହାର କରାଯାଇଥିଲା ।

### ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରା....

ଆଇନ୍ ମହାବିଦ୍ୟାଳୟରୁ ଏଲଏଲବି ଡିଗ୍ରି ହାସଲ କରିଥିଲେ। ଶ୍ରୀ ମିଶ୍ର ୧୯୯୧ ଡିସେମ୍ବର ୭ରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିବା ବେଳେ ତାଙ୍କର ଏହି ପେସାରେ ୩୦ ବର୍ଷର ଅନୁଭବ ରହିଛି। ଦେୱାନୀ, ଫୌଜଦାରୀ ଓ ଚାକିରି ସଂପର୍କିତ ଆଇନରେ ତାଙ୍କର ବିଶେଷ ଦକ୍ଷତା ରହିଛି। ସୁପ୍ରିମକୋର୍ଟରେ ସେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡଭୋକେଟ ଅନ୍ ରେକର୍ଡ ଅଛନ୍ତି। ସେ ଓଡ଼ିଶା ହାଇକୋର୍ଟ ଓ କେନ୍ଦ୍ର ସରକାରଙ୍କ ପାଇଁ ସୁପ୍ରିମକୋର୍ଟରେ ଆଇନଜୀବୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆନନ୍ଦଚନ୍ଦ୍ର ବେହେରା ୧୯୬୪ ମେ ୨୩ରେ ଜନ୍ମଗ୍ରହଣ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ସେ ବରିଷ୍ଠ ବିଚାରବିଭାଗୀୟ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ଶ୍ରୀ ବେହେରା ରାଜ୍ୟ ଭିଜିଲାନ୍ସରେ ଲିଗାଲ ଆଡଭାଇଜର ଭାବେ କାର୍ଯ୍ୟରତ। ଓଡ଼ିଶା ହାଇକୋର୍ଟ କଲେଜିୟମ ଅନ୍ୟ ବରିଷ୍ଠ ବିଚାରବିଭାଗୀୟ ଅଧିକାରୀଙ୍କ ନାଁ ଅନୁମୋଦନ ନ କରି ବିଚାରପତି ଭାବେ ନିଯୁକ୍ତି ପାଇଁ ଶ୍ରୀ ବେହେରାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଓଡ଼ିଶା ହାଇକୋର୍ଟ କଲେଜିୟମରେ ଗ୍ରହଣ କରାଯାଇଥିବା ଏ ସଂପର୍କିତ ପ୍ରସ୍ତାବରେ ଏ ନେଇ କେତେକ କାରଣ ଉଲ୍ଲେଖ କରାଯାଇଥିଲା। ହାଇକୋର୍ଟ କଲେଜିୟମ ମତ ସହିତ ସୁପ୍ରିମକୋର୍ଟ କଲେଜିୟମ ସହମତ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ହାଇକୋର୍ଟରେ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦ ୩୩ ହୋଇଥିବା ବେଳେ ବର୍ତ୍ତମାନ ମୁଖ୍ୟ ବିଚାରପତିଙ୍କ ସମେତ ୨୦ଜଣ ବିଚାରପତି ରହିଛନ୍ତି। ନବନିଯୁକ୍ତ ୨ ବିଚାରପତି ଯୋଗଦେଲା ପରେ ଓଡ଼ିଶା ହାଇକୋର୍ଟରେ ଏହି ସଂଖ୍ୟା ୨୨ରେ ପହଞ୍ଚିବ।

## ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ ତରଫରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, ୦୨/୦୯ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଓ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ଓ ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ତଥା ବାଙ୍କୀ ବିଧାୟକ ଶ୍ରୀଯୁକ୍ତ ଦେବୀରଞ୍ଜନ ତ୍ରିପାଠୀଙ୍କ ଆହ୍ୱାନ ରେ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଶ୍ରୀ ସୁନୀଲ କୁମାର ନାୟକଙ୍କ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ ତରଫାରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୂତନ ଛାତ୍ର ଛାତ୍ରୀ ମାନଙ୍କୁ କଲମ ଓ ଔଷଧୀୟ ଚାରା ଗଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ରାଜ୍ୟ ଛାତ୍ର ବିଜେଡ଼ି ସାଧାରଣ ସମ୍ପାଦକ ଦିବ୍ୟବ୍ରତ ମହାନ୍ତି, ପୂର୍ବତନ ବିଶ୍ୱବିଦ୍ୟାଳୟ ସଭାପତି ସଙ୍କର୍ଷଣ ପଣ୍ଡା,ବିଶ୍ୱବିଦ୍ୟାଳୟ କ୍ୟାମ୍ପସ କମିଟୀ କନଭେନସନ ଅଭିଷେକ ପଣ୍ଡା, ଜିଲ୍ଲା ଛାତ୍ର ଉପସଭାପତି , ଶୁଭଜିତ୍ ପାଣି, ଅକ୍ଷୟ ସିଂ, ସୌମ୍ୟକାନ୍ତ ମିଶ୍ର, ଜିଲ୍ଲା ଛାତ୍ର ସମ୍ପାଦକ ପ୍ରକାଶ ପାତ୍ର, ସହିତ ବହୁ ଛାତ୍ର ନେତା ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ କରିଥିଲେ।



ଧ୍ୱନି ପ୍ରତିଧ୍ୱନି



# ଜୀବନ ବିନ୍ଦୁ ପକ୍ଷରୁ ସାର୍ଥାରେ ବିଶାଳ ରକ୍ତ ଦାନ ଶିବିର: ୧୫୧ ୟୁନିଟ ରକ୍ତ ସଂଗୃହୀତ



ବସ୍ତା, ୦୨/୦୯ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ସାର୍ଥା ପଞ୍ଚାୟତରେ ଓଡିଶା ମୋ ପରିବାର ଜୀବନ ବିନ୍ଦୁ ଏବଂ ବ୍ରଜମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଶିବିରକୁ ଉଦଘାଟନ କରିଥିବା ବେଳେ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱର ଓଡିଶା ମୋ ପରିବାର ଜୀବନ ବିନ୍ଦୁର ଜିଲ୍ଲା ସଂଯୋଜକ ଶୁଭେନ୍ଦୁ ଦାସ ମଙ୍ଗରାଜ,ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା,ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର,ଯୁବ ଜୋନାଲ ସାଧାରଣ ସମ୍ପାଦକ ଧିରେନ ନାୟକ,ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ,ସାର୍ଥା ସରପଞ୍ଚ ଧନଞ୍ଜୟ ପାତ୍ର,ସମିତି ସଭ୍ୟ ମନରଞ୍ଜନ ଦଳେଇ,ବିଜେଡି ସଦର ବ୍ଲକ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଜେନା,ବିଜେଡି ଜିଲ୍ଲା ଯୁଗ୍ମ ସମ୍ପାଦକ ସଞ୍ଜୀବ ମଣ୍ଡଳ, ଆଲୁମେଦା ପଞ୍ଚାୟତ ସରପଞ୍ଚ ମମତା ଜେନା,ଛାନିଆ ସରପଞ୍ଚ ପ୍ରମିଳା ସେଠୀ , କୁରୋଡିଆ ସମିତିସଭ୍ୟ ରାଜକିଶୋର ମହାଳିକ, ସୁଜିତ ପଣ୍ଡା, ଲକ୍ଷ୍ମୀକାନ୍ତ ଜେନା, ନିରଞ୍ଜନ ଗିରି,ତରଣୀ ସେନ ଜେନା, ବିକାଶ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ରଜମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ଏହି ଶିବିରରେ ମୋଟ ୧୫୧ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ଖିରୋଦ କୁମାର ପାଲ, ଟେକନିସିଆନ ବିଜୟ କୁମାର ପଟ୍ଟନାୟକ, ଅକ୍ଷୟ କୁମାର ଜେନା, ବସନ୍ତ କୁମାର ଜେନା, ରାଜେଶ କୁମାର ମିଶ୍ର, ଜ୍ୟୋସ୍ନାରାଣୀ ସ୍ୱାଇଁ, ଅଜୟ କୁମାର ମହାପାତ୍ର, ବିଦ୍ୟାଧର ସାହୁ, ସନ୍ତୋଷ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ପେନସନ ଟଙ୍କା ନଦେବାରୁ ମା'ଙ୍କୁ ମାରିଲା ପୁଅ

ଖଇରା, ୦୨/୦୯ (ନି.ପ୍ର): ମା ବାପା ପୁଅ ଜନ୍ମ କରିଥାନ୍ତି ବୃଦ୍ଧ ବୟସରେ ସାହାରା ହେବା ପାଇଁ , କିନ୍ତୁ ମା ଆଜି ପୁଅ ପାଖରୁ ମାଡ ଖାଇ ହୋଇଛି ବେହୁସ । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଖଇରା ଥାନା ଅଧୀନ ସୁଣ୍ଡିରା ଗ୍ରାମରେ ପେନସନ ଟଙ୍କା ନଦେବାରୁ ମା ସାବିତ୍ରୀ ଦଳେଇ କୁ ବଡପୁଅ ମାଡମାରି ଆହତ କରିଥିବା ନେଇ ଖଇରା ଥାନା ରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ସାବିତ୍ରୀଙ୍କୁ ଫେମିଲି ପେନସନ ଭାବେ ୯ହଜାର ୫ଶହ ଟଙ୍କା ମିଳୁଥିବା ବେଳେ ପୁଅ ଉଠାଇ ନେଉଥିଲା । ଯେଉଁଥିପାଇଁ ମା ଚଳିବା ମୁସ୍କିଲ ହୋଇ ପଡିଥିଲା । ଚଳିତ ମାସ ମା ନିଜ ପେନସନ ଉଠାଇ ଆଣିବାରୁ ରାଗରେ ପୁଅ ମାକୁ ନିସ୍ତୁକ ମାଡ ମାରି ଆହତ କରିଥିଲା । ଆହତ ସାବିତ୍ରୀଙ୍କୁ ଝିଅ ମାନେ ସାଥିରେ ଆଣି ଚିକିତ୍ସା କରାଇବା ପରେ ଥାନାକୁ ଆଣି ଲିଖିତ ଅଭିଯୋଗ କରିଥିଲେ । ଖଇରା ପୋଲିସ ତଦନ୍ତ ଜାରି ରଖିଛି ।

# ଜିଲ୍ଲାସ୍ତରୀୟ ଦ୍ୱିଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଭଦ୍ରକ, ୦୨/୦୯ (ନି.ପ୍ର): ଓଡ଼ିଶା ସରକାରଙ୍କ ଦ୍ୱାରା ଚଳିତ ମାସର ଶେଷାର୍ଦ୍ଧରେ ଯୋଜନାବଦ୍ଧ ଭାବେ ଆୟୋଜିତ ହେବାକୁ ଥିବା ଓଡ଼ିଶା ପାରମ୍ପରିକ ଲୋକକଳା ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ନେଇ ସରକାରୀ ଜନହିତକର ଯୋଜନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ସକାଶେ ଭଦ୍ରକ ଜିଲ୍ଲାପାଇଁ ଆରମ୍ଭ କରାଯାଇଥିବା ଦ୍ୱିଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ବା ଅନ୍ତିମ ଦିନରେ ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ବିଷୟ ବସ୍ତୁକୁ ନେଇ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏପରିକି ଧାମନଗରର ମୋଗଲ ତାମସା ଅନୁଷ୍ଠାନ 'ସାଂସ୍କୃତିକା'ର କଳାକାର ମାନଙ୍କ ଦ୍ୱାରା ଭଦ୍ରକ ଜିଲ୍ଲାର ସ୍ୱତନ୍ତ୍ର ଓ ନିଆରା ଲୋକନାଟ୍ୟ ମୋଗଲ ତାମସା ଜରିଆରେ ପରିବେଷିତ ଆଇ.ଇ.ସି. କାର୍ଯ୍ୟକ୍ରମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମିଶନ୍ ଶକ୍ତିର ଜିଲ୍ଲା ସଂଯୋଜକ ଅଭିକ୍ ନାରାଇନ୍ ମଧ୍ୟ ଏହି ଶିବିରରେ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କ ଉଦ୍ଦେଶ୍ୟରେ ମିଶନ ଶକ୍ତି ଯୋଜନାରେ ସରକାରଙ୍କ ମହିଳା ସଶକ୍ତି କରଣ ଆଭିମୁଖ୍ୟ ଓ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ପ୍ରଶିକ୍ଷାର୍ଥୀ ଭାବେ ଦୁଇଦିନ ଧରି ଅଂଶଗ୍ରହଣ କରିଥିବା ଜିଲ୍ଲାର ବି.ଏସ୍.ଏସ୍.ଓ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ମତାମତ ରଖିବା ସହିତ କାର୍ଯ୍ୟକ୍ରମର ସଫଳତା ପାଇଁ ନିଜ ନିଜର୍ ଯୋଜନା ଓ ରୂପରେଖ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ପାଇଁ ୨ ଦିନ ଧରି ପ୍ରତି ବ୍ଲକ୍‌ରୁ ଆସିଥିବା ବ୍ଲକ୍ କଳାକାର ସଂଘର ଉପସଭାପତି ଓ ବିଶିଷ୍ଟ କଳାକାରମାନେ ମଧ୍ୟ ଏହି ଶିବିରର ଉଦ୍‌ଯାପନୀ ଅବସରରେ ନିଜ ନିଜର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଏହି ପ୍ରଶିକ୍ଷଣ ପାଇଁ ଦୁଇ ମୁଖ୍ୟ ପ୍ରଶିକ୍ଷକ ଏ ମାଟିର ବିଶିଷ୍ଟ କଳାକାର ବାଦଲ କୁମାର ସିକ୍‌ଦାର ଏବଂ ନବ କୁମାର ଲେଙ୍କା ୧ମ ଓ ୨ୟ ଦିନ ପ୍ରଶିକ୍ଷଣର ସମୀକ୍ଷା କରିବା ସହିତ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ଆୟୋଜନ ଓ ପରିଚାଳନା କରିଥିଲେ।

# ଢେଙ୍କାନାଳ ଜିଲ୍ଲାପାଳଙ୍କ ସହଯୋଗରେ କଂକ୍ରିଟ ନିର୍ମାଣ ହେଲା ବରହମପୁର ଦୁର୍ଗାମଣ୍ଡପ ପ୍ରାଙ୍ଗଣ



ନୀଳଗିରି , ୦୨/୦୯ (ନି.ପ୍ର): ନୀଳଗିରି ଉପଖଣ୍ଡ ବଣସୀମା ସଦର ମହକୁମା ଭାବେ ଖ୍ୟାତିଲାଭ କରିଥିବା ବରହମପୁର ବଜାର ମଧ୍ୟସ୍ଥ ଦୁର୍ଗାମଣ୍ଡପ ସମ୍ମୁଖସ୍ଥ ପ୍ରାଙ୍ଗଣଟି ଶେଷରେ କଂକ୍ରିଟ ଢଳେଇ ହୋଇ ରୂପାନ୍ତରିତ ହୋଇଛି। ବଜାରର ମୁଖ୍ୟ ସ୍ଥାନ ହୋଇଥିବାରୁ ପ୍ରତିଦିନ ଶହଶହ ସଂଖ୍ୟାରେ ଏଠାରେ ଗାଡି, ମଟର ଓ ଲୋକ ରୁଣ୍ଡ ହେବା ସହ ଲୋକ କିଣାବିକା କରିଥାନ୍ତି। ଫଳରେ ପାଣି ନିଷ୍କାସନ ହୋଇ ନପାରି ଜାଗାଟି ସନ୍ତସନ୍ତିଆ ଆବର୍ଜନା ପୂର୍ଣ୍ଣ ହୋଇ ରହୁଥିଲା। ବର୍ତ୍ତମାନର ଢେଙ୍କାନାଳ ଜିଲ୍ଲାପାଳ ତଥା ବଣସୀମା ତେନ୍ତୁଳିଆ ଗ୍ରାମର ପୁଅ ସରୋଜ ସେଠୀଙ୍କ ପ୍ରଚେଷ୍ଟା ଓ ଅନୁରୋଧରେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଗତ ମେ ମାସ ୭ତାରିଖରେ ଉପସ୍ଥିତ ରହି ସମଗ୍ର ପ୍ରାଙ୍ଗଣକୁ କଂକ୍ରିଟ ଢ଼ଲେଇ କରିବା ପାଇଁ ଶିଳାନ୍ୟାସ କରାଯାଇଥିଲା। ଏବେ କିଛିଦିନ ପୂର୍ବରୁ ଏହାର କାମ ସମ୍ପୂର୍ଣ୍ଣ ହୋଇଛି। ତେବେ ନୀଳଗିରି ମାଟିର ପୁଅ ସରୋଜ ସେଠୀ ଏଭଳି ସହଯୋଗର ହାତ ବଢ଼ାଇ ଥିବାରୁ ତାଙ୍କୁ ବଜାର କମିଟିର ସଭାପତି ପରମାନନ୍ଦ ବେହେରା, ସମ୍ପାଦକ ସନ୍ତୋଷ ପଶା, ଦୁର୍ଗାପୂଜା କମିଟିର ସଭାପତି ରବିନାରାୟଣ ଚୌଧୁରୀ, ସମ୍ପାଦକ ଅନୀଲ ବେହେରା, ସମାଜସେବୀ ତଥା ପିଠାହତା ଗ୍ରାମପଞ୍ଚାୟତର ପୂର୍ବତନ ସରପଂଚ ଅନ୍ତର୍ଯ୍ୟାମୀ ବୁଗୁଡାଇ, କମିଟି ସଦସ୍ୟ ହରେକୃଷ୍ଣ ବେହେରା, ସନ୍ତୋଷ ବେହେରା, ପ୍ରଫୁଲ୍ଲ ବେହେରା, ଭାସ୍କର ପଶା, ଅଶୋକ ସେଠୀ, ଭାସ୍କର ବେହେରା, ବିଜୟ ବେହେରା, ମହେନ୍ଦ୍ର ବେହେରା, ଦୀପକ ବେହେରା ପ୍ରମୁଖଙ୍କ ସହ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ସାଧୁବାଦ ଦେବା ସହ ଶ୍ରୀମାନ ସରୋଜ ସେଠୀ ଙ୍କ ଉତ୍ତୋରତର କାମନା କରିଛନ୍ତି।

# ସ୍ୱାଧିନତାର ୭୫ବର୍ଷ ଅମୃତ ମହୋତ୍ସବ ଅବସରରେ ଅମୃତବାଟିକାର ଶୁଭାରମ୍ଭ

ଜଳେଶ୍ୱର , ୦୨/୦୯ (ନି.ପ୍ର): ଦେଶରେ ସ୍ୱାଧିନତାର ୭୫ତମ ଅମୃତ ମହୋସବ ପାଳନ ହେଉଥିବା ବେଳେ ଅମୃତ ବାଟିକା ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସେପ୍ଟେମ୍ବର ମାସ ୧ ତାରିଖ ନଛିମପୁର ପଂଚାୟତର ଶାହାଡାପଡା ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗୋପିନାଥ ରାଉଳଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସରପଂଚ ନିତ୍ୟାନନ୍ଦ ଦାସଙ୍କ ତତ୍ୱାବଧାନରେ ଅମୃତ ବାଟିକା ବିଦ୍ୟାଳୟ ଗଠନ ହୋଇଛି । ୨ୟ ଦିନରେ ସମାଜସେବୀ ଅନନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନ୍ୟଏକ ଅମୃତବାଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ହେମନ୍ତ ଦାସ ଓ ସମ୍ମାନୀତ ଅତିଥିଭାବେ ଅଧ୍ୟାପିକା ଇନ୍ଦୁମତୀ ଗିରି, ସମୀର ପାତ୍ର, ଫାଲଗୁନୀ ପାଣିଗ୍ରାହୀ, ସାବିତ୍ରୀ ଜେନା, ତପନ ବିଶ୍ୱାଳ, ରାମଚନ୍ଦ୍ର ପ୍ରଧାନ, ଜଗନ୍ନାଥ ଗିରି ପ୍ରମୁଖ ଯୋଗ ଦେଇଥିଲେ । ଗୁରୁଜୀ ନରହରି ବେହେରା ସମସ୍ତଙ୍କୁ ବୃକ୍ଷଚାରା ବଣ୍ଟନ କରିଥିଲେ ।

# ପିକଅପର ପଛକୁ ପିଟିଲା ୧୦୮ ଆମ୍ବୁଲାନ୍ସ : ୨ଗୁରୁତର, ୧ ଆହତ




ବସ୍ତା, ୦୨/୦୯ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମିରିଗିମୁଣ୍ଡି ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୨ଜଣ ଗୁରୁତର ହୋଇଥିବା ବେଳେ ଜଣେ ଜଣେ ଆହତ ହୋଇଛନ୍ତି।ସୂଚନା ଅନୁସାରେ ଆଜି ଭୋର ସମୟରେ ଏକ ପିକଅପ ଯାହାକି ଜଳେଶ୍ୱରରୁ ବାହାରି ବାଲେଶ୍ୱର ଅଭିମୁଖେ ଯାଉଥିଲା ଓ ଏହାର ପଛକୁ ଭୋଗରାଇ ବ୍ଲକ ଜଳେଶ୍ୱରପୁରରୁ ରୋଗୀ ନେଇ ବାଲେଶ୍ୱର ଆସୁଥିବା ଏକ ୧୦୮ ଆମ୍ବୁଲାନ୍ସଟିଏ ଥିଲା। ଉକ୍ତ ପିକଅପଟି ମିରିଗିମୁଣ୍ଡି ଛକ ନିକଟରେ ହଠାତ ବ୍ରେକ ମାରିବା ଫଳରେ ଆମ୍ବୁଲାନ୍ସଟି ପିକଅପର ପଛପଟୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସର ସାମନାରେ ବସିଥିବା ହେଲପର ଓ ଫାର୍ମାସିଷ୍ଟ ଗୁରୁତର ହୋଇଥିଲା ବେଳେ ଚାଳକ ଜଣକ ସାମାନ୍ୟ ଆହତ ହୋଇଥିଲେ। ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୨ଗୁରୁତରଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା ବେଳେ ଚାଳକଙ୍କୁ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଦୁର୍ଘଟଣାରେ ଆମ୍ବୁଲାନ୍ସରେ ଥିବା ରୋଗୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସେମାନଙ୍କୁ ମଧ୍ୟ ଅନ୍ୟ ଏକ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ରୂପସା ପୁଲିସ ପହଂଚି ୨ଟି ଗାଡିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## କୋଟିଏ ଟଙ୍କାର ବ୍ରାଉନ ସୁଗର ଜବତ: ୨ ଗିରଫ

ପୁରୀ, ୦୨/୦୯ (ନି.ପ୍ର): ପୁରୀ ଜିଲ୍ଲା ପିପିଲି ନିକଟରେ ଜାତୀୟ ରାଜପଥ ଉପରେ ବ୍ରାଉନ୍ ସୁଗାର ବିକ୍ରି ପାଇଁ ଅପେକ୍ଷା କରିଥିବା ଦୁଇ ଜଣ ଯୁବକଙ୍କୁ ମାଡ଼ି ବସିଲା ଏସ୍‌ଟିଏଫ୍। ସେମାନଙ୍କ ଠାରୁ ୧ କୋଟି ଟଙ୍କାର ବ୍ରାଉନ୍ ସୁଗର ଜବତ କରିବା ସହିତ ସେମାନଙ୍କୁ ଗିରଫ କରିଛି ଏସ୍‌ଟିଏଫ୍। ଗିରଫ ଯୁବକ ଦ୍ୱୟ ହେଉଛନ୍ତି- ଲିପୁନ ପାଣ୍ଡେ ଓ ଶେଖ୍ ଆବାସ। ଶେଖ୍ ନାଁରେ ପୂର୍ବରୁ ଅନେକ ମାମଲା ରହିଛି। ସେମାନଙ୍କ ଫୋନ୍ ଓ ଗାଡ଼ି ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ଜଣେ ସ୍ମଗଲରକୁ ବ୍ରାଉନ ସୁଗର ଦେବା ପାଇଁ ସେମାନେ ଅପେକ୍ଷା କରିଥିବା ବେଳେ ଏସ୍‌ଟିଏଫ୍ ସେମାନଙ୍କୁ ଧରିଥିଲା।

# ବାରିପଦା ପୌରପାଳିକା ପକ୍ଷରୁ ମେଗା ରକ୍ତଦାନ ଶିବିର: ମୋଟ ୪୦୩ ୟୁନିଟ ରକ୍ତ ସଂଗୃହୀତ



ବାରିପଦା, ୦୨/୦୯ (ନି.ପ୍ର): ଶତାୟୁ ପୌରପରିଷଦ ବାରିପଦାରେ ନିଖିଳ ଭାରତ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ୩ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆଜି ଦ୍ୱିତୀୟ ଦିନରେ ପୌରପାଳିକା କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶା ମୋ ପରିବାର- ଜୀବନବିନ୍ଦୁ ଏବଂ ବାରିପଦା ପୌରପାଳିକାର ମିଳିତ ଅନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ମୋଟ ୪୦୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିବାର ଜଣାଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ଉନ୍ନୟନ ବିଭାଗର ଉପଦେଷ୍ଟା ତଥା ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ଉପ ନଗରପାଳ ସୀମା ଦାସ ଏବଂ ସମସ୍ତ ୱାର୍ଡ କାଉନସିଲର ମାନେ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ବାରିପଦା ରକ୍ତଭଣ୍ଡାରର ଡାକ୍ତର, ଟେକ୍ନସିଆନ ଓ ନର୍ସଙ୍କ ସହିତ କର୍ମଚାରୀ ଗଣ ଏକକାଳୀନ ୨୦ଟି ଶଯ୍ୟାରେ ରକ୍ତ ସଂଗ୍ରହ କରିଥିଲେ ।

## ଓଡିଶାରେ ଅଫିସର ରାଜ ଚାଲିଛି : ନରସିଂହ ମିଶ୍ର

ଭୁବନେଶ୍ୱର, ୦୨/୦୯ (ନି.ପ୍ର): ଓଡିଶାରେ ଅଫିସର ରାଜ ଚାଲିଛି । ଲୋକ ଙ୍କ ଅଭିଯୋଗ ଶୁଣିଲେ ବି ମନ୍ତ୍ରୀ କିଛି କାର୍ଯ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ସେ କହିଛନ୍ତି ଯେ ଅଫିସର ମନ୍ତ୍ରୀ ଙ୍କ କଥା ଶୁଣିବେ ନାହିଁ. । ୫ଟି ସଚିବ ଗଲେ ତାଙ୍କ ସବୁ କଥା ସମସ୍ତେ ଶୁଣୁଛନ୍ତି । ତେଣୁ ମନ୍ତ୍ରୀ ଙ୍କ କଥା ପଚାରେ କିଏ । ଯେଉଁଠି ମନ୍ତ୍ରୀ ବିଧାୟକ ସଚିବ ଙ୍କ ତମ୍ବୁ ଟାଣିବେ,ଚେୟାର ବୋହିବେ, ପିଅନ ଭଳି କାମ କରିବେ ଚାକର ର ଚାକର ହେବେ ତାଙ୍କୁ କିଏ ଶୁଣିବ ବୋଲି କହିଛନ୍ତି ଶ୍ରୀ ମିଶ୍ର ।

# ବାଘମରା ଚୋରା ପଥରଖାଦାନରେ ୧୪୪ଧାରା ଜାରି: ମାଫିଆଙ୍କ ଉପରେ ପଡ଼ିଲା ପ୍ରଶାସନର ଦଣ୍ଡା



ନୀଳଗିରି , ୦୨/୦୯ (ନି.ପ୍ର): ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ଅଧୀନ ବାଘମରା ପଥରଖାଦାନ ଦୀର୍ଘ ଦିନଧରି ବନ୍ଦଥିବା ବେଳେ କିଛି ଅସାଧୁ ପଥର ମାଫିଆ ଚୋରାରେ ପଥର ଉତ୍ତୋଳନ କରି କୋଟିକୋଟି ଟଙ୍କା ହଡ଼ପ କରୁଥିବା ବେଳେ ରାଜସ୍ୱ ବିଭାଗ ମଧ୍ୟ କୋଟିକୋଟି ଟଙ୍କା ରାଜସ୍ୱ ହରାଉ ଥିଲା। ଏନେଇ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ତେବେ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଉପଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ ମନ୍ଦରଧର ମହାଳିକଙ୍କ ନିର୍ଦ୍ଦେଶମତେ ନୀଳଗିରି ତହସିଲଦାରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ସଜନାଗଡ଼ ଆର. ଆଇ ଜାନକୀରାଣୀ ସିଂ, ଏ. ଆର. ଆଇ ପ୍ରତିଭା ଦାସ ଏବଂ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ନାଲି ପତାକା ମାରି ୧୪୪ଧାରା ଜାରି କରିଛନ୍ତି। ଏହା ସେପଟ୍ଟେମ୍ବର ୧ତାରିଖ ଠାରୁ ଦୁଇମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଅତିରିକ୍ତ ତହସିଲଦାର ଙ୍କ ଠାରୁ ସୂଚନା ମିଳିଛି। ତେବେ ପ୍ରଶାସନର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ପଥରମାଫିଆ ମାନେ ହାତ କୁଣ୍ଢାଇ ବସିବେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।



# ବର୍ଷା ଅଭାବରୁ ମରୁଡି ଆଶଙ୍କା

ଲଙ୍ଗଳେଶ୍ୱର , ୦୨/୦୯ (ନି.ପ୍ର): ଉତ୍ତର ଓଡ଼ିଶାର ଲୋକମାନେ ମୁଖ୍ୟତ ଧାନଚାଷ ଉପରେ ନିର୍ଭର ଶିଳ ଅଟନ୍ତି। ଏହି ଅଞ୍ଚଳ ର ୮୦% ଭାଗ ଲୋକ ଚାଷ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ର ଚଳିତ ବର୍ଷ ୧୫ ହଜାର ହେକ୍ଟର ରୁ ଉର୍ଦ୍ଧ୍ୱ ଜମି ରେ ଧାନ ଚାଷ ହୋଇଛି। ପ୍ରତିବର୍ଷ ଚାଷ କାର୍ଯ୍ୟ ପରେ ବର୍ଷା ଓ ରୋଗ ପୋକ ଦାଉ ସାଜୁଛି। ଫଳରେ ଧାନଚାଷ ଉପରୁ ମୁହଁ ଫେରାଇ ଦେଇଛନ୍ତି ଚାଷୀ।ଚଷାପୁଅ ଟିଏ ସୁନାର ଫସଲ ଅମଳ ପାଇଁ ମୁଣ୍ଡ ଝାଳ ତୁଣ୍ଡ ରେ ମାରି ବିଲରେ ଖଟେ। ବର୍ଷା ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି।ନିଜର ସମ୍ବଳ କୁ ବନ୍ଧା ପକାଇ ଟଙ୍କା କରଜ କରି ସର୍ବେସ ହରାଇ ଦେଉଛି। ମରୁଡି ଆଶଙ୍କା ଉପୁଜିଥିବା ରୁ ଚାଷୀ ର ମେରୁଦଣ୍ଡ ଭାଙ୍ଗି ଯାଇଛି। ଚାଷ ଜମି ଫାଟି ଆଁ କଲାଣି ଧାନ ଗଛ ମରିଯାଉଥିବା ଦେଖା ଯାଉଛି।ଆଉ କିଛି ଦିନ ମଧ୍ୟରେ ବର୍ଷା ନହେଲେ ଲଙ୍ଗଳେଶ୍ୱର ଅଞ୍ଚଳରେ ପରିସ୍ଥିତି ବେହାଲ ସୃଷ୍ଟି ହୋଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo